R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦୦
ତିଥି : ଦ୍ୱାଦଶୀ
୦୬ ଅଗଷ୍ଟ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 300
06 Aug 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଉତ୍ତରକାଶୀରେ ଜଳ ପ୍ରଳୟ, ଭୂସ୍ଖଳନ

# ୪ ମୃତ, ୫୦ରୁ ଊର୍ଦ୍ଧ୍ୱ ନିଖୋଜ



ନୂଆଦିଲ୍ଲୀ, ୫ ।୮ : ଉତ୍ତରାଖଣ୍ଡର ଉତ୍ତରାକାଶୀର ଧରାଲୀ ଅଞ୍ଚଳରେ ବାଦଲଫଟା ବର୍ଷା ଯୋଗୁ କ୍ଷୀରଗଙ୍ଗା ନଦୀ ଅଞ୍ଚଳରେ ଏକ ବଡ ଧରଣର ବନ୍ୟା ଆସି ତାଣ୍ଡବ ରଚିଛି । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ନିଖୋଜ ଥିବା ସୂଚନା ମିଳିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ଧରାଲୀ ବଜାରକୁ ବହୁ କ୍ଷତି ପହଞ୍ଚାଇଛି । ପ୍ରଖର ବେଗରେ ବହୁଥିବା ଜଳସ୍ରୋତରେ ଦୋକାନ, ଯାନବାହନ, କୋଠାବାଡି ଆଦି ଭୁଶୁଡି ପଡିଛି । ବାଦଲଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ହୋଇ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ପାହାଡ ଧସିବାରୁ ଜନବସତି ଆଡକୁ ମାଟି ମିଶା ପାଣି ମାଡି ଆସିଛି । ଅଚାନକ ବନ୍ୟାରେ ଶହ ଶହ ଘର ଭୁଶୁଡି ପଡିଛି । ମାଟିତଳୁ ଏବେ ଜୀବନ ଖୋଜା ଚାଲିଛି ।

ସୋସିଆଲ ମିଡିଆରେ ଏହି ପ୍ରାକୃତିକ ବିପର୍ଯ୍ୟୟର ଲୋମଟାଙ୍କୁରା ଭିଡିଓ ଦେଖିବାକୁ ମିଳୁଛି । ଉତ୍ତରାଖଣ୍ଡ ହର୍ସିଲ ଠାରୁ ୪ କିମି ଦୂର ଥରାଲୀ ଗାଁରେ ଆଜି ଅପରାହ୍ନ ୧.୪୫ରେ ଏଭଳି ସ୍ଥିତି ଘଟିଛି । ଏଥିଯୋଗୁ ପବିତ୍ର ଗଙ୍ଗୋତ୍ରୀଧାମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଆଇଟିବିପି ନିୟୋଜିତ ଅଛନ୍ତି । ରାଜ୍ୟ ସରକାରଙ୍କର ଏସ୍‌ଡିଆର୍‌ଏଫ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି । ଏନ୍‌ଡିଆର୍‌ଏଫ୍ ଡିଜିଙ୍କ ସୂଚନା ଅନୁଯାୟୀ ୪୦ ରୁ ୫୦ ଘର ସମ୍ପୂର୍ଣ୍ଣ ଧୋଇ ଯାଇଛି । ୫୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି । ଉଦ୍ଧାର କାର୍ଯ୍ୟରେ ୩ ଟିମ୍ ନିୟୋଜିତ ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଏଭଳି ଭୟଙ୍କର ବିପର୍ଯ୍ୟୟ ପୂର୍ବରୁ କେବେ ଦେଖିନଥିଲେ । ଏହି ଅଞ୍ଚଳରେ ଥିବା ଏକାଧିକ ହୋଟେଲ ଠାରୁ ଆରମ୍ଭ କରି ସବୁକିଛି ଧ୍ୱଂସ ପାଇଯାଇଛି । ଅଚାନକ ବନ୍ୟା ଯୋଗୁ ଲୋକ ପ୍ରଭାବିତ ହୋଇଛନ୍ତି । ହୋଟେଲ ଠାରୁ ଆରମ୍ଭ କରି ହୋମ୍ ଷ୍ଟେ ଭଳି ବଡ ବଡ କୋଠା ମଧ୍ୟ ବର୍ତ୍ତିନାହିଁ । ୨୦ ରୁ ୨୫ ହୋଟେଲ ଓ ହୋମ୍ ଷ୍ଟେ' ପାଣି ସ୍ରୋତରେ ଭାସି ଯାଇଛି । ଜିଲ୍ଲା ପ୍ରଶାସନ କହିବାନୁଯାୟୀ ବନ୍ଦ ହୋଇଥିବା ରାସ୍ତା ଓ ଅନବରତ ( ୯ ପୃଷ୍ଠାରେ)

- ଭାସିଗଲା କୋଠା, ହୋଟେଲ
- ଉଦ୍ଧାର କାର୍ଯ୍ୟରେ ୩ ଟିମ୍ ନିୟୋଜିତ
- ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଦୁଃଖ ପ୍ରକାଶ

# ପୁଣି ଅଧିକ ଶୁଳ୍କ ଲଗାଇବାର ଧମକ ଦେଲେ ଟ୍ରମ୍ପ

### ଭାରତ ପକ୍ଷରୁ ଦିଆଗଲା କଡା ଜବାବ



ନୂଆଦିଲ୍ଲୀ, ୫ ।୮ : ଭାରତ ଉପରେ ଟ୍ରମ୍ପ ଏକରକମ ବାଣିଜ୍ୟିକ ଯୁଦ୍ଧ ଘୋଷଣା କରିଛନ୍ତି । ଋଷରୁ ଭାରତ ତେଲ କିଣିବା ନେଇ ଟ୍ରମ୍ପ ଖପ୍ପା ରହିଛନ୍ତି । ଋଷରୁ ତେଲ କିଣା ବନ୍ଦ ନକଲେ ୨୪ ଘଣ୍ଟା ମଧ୍ୟରେ ୨୫% ଟାରିଫକୁ ଆହୁରି ବୃଦ୍ଧି କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

ଭାରତ ଭଲ ବ୍ୟବସାୟୀକ ଅଂଶୀଦାର ନୁହେଁ ବୋଲି ଟ୍ରମ୍ପ କହିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ସେମାନେ ଆମେରିକା ସହ ଅନେକ ବ୍ୟବସାୟ କରୁଛନ୍ତି । ଆମେ ତାଙ୍କ ସହ କୌଣସି ବ୍ୟବସାୟ କରୁନାହୁଁ । କିନ୍ତୁ ମୁଁ ଭାବୁଛି ୨୪ ଘଣ୍ଟା ମଧ୍ୟରେ ଶୁଳ୍କକୁ ଆହୁରି ବଢ଼ାଇବି । କାରଣ ସେମାନେ ଋଷ୍ ଠାରୁ ତେଲ କିଣା ଜାରି ରଖିଛନ୍ତି । ଋଷରୁ ତେଲ କିଣିବା ପରେ ସେହି ( ୯ ପୃଷ୍ଠାରେ)

# ବଦଳିବ ଶ୍ରୀମନ୍ଦିର ସୁରକ୍ଷା ଆଇନ୍

ଭୁବନେଶ୍ୱର, ୫ ।୮ (ସବ୍ୟୁ) : ଶ୍ରୀମନ୍ଦିର ଆଇନ୍‌ରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ । ମୁଖ୍ୟତଃ ୪ ବିନ୍ଦୁ ଉପରେ ପ୍ରସ୍ତାବ ଦିଆଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

ଆଜି ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ ଡ୍ରୋନ୍ ଉଡାଇବା ଓ ସ୍ପାଏ କ୍ୟାମେରାକୁ ନେଇ ଆଲୋଚନା ହେଉଛି । ସରକାରଙ୍କୁ ୪ ପ୍ରସ୍ତାବ ଦିଆଯାଇଛି । ଅନାଧିକୃତ ବ୍ୟକ୍ତି ଚିତ୍ର ଉତ୍ତୋଳନ କଲେ ଦଣ୍ଡବିଧାନ, ମହାପ୍ରଭୁଙ୍କ ସଂସ୍କୃତି, ଗାରିମାକୁ କ୍ଷୁର୍ଣ୍ଣ କଲେ ୭ ବର୍ଷର ଜେଲ୍ ଦଣ୍ଡ, ଜାମିନ ବିହୀନ ଗିରଫ ପରୱାନା, ଡ୍ରୋନ୍ ଉଡାଇଲେ, ଇଲେକ୍ଟ୍ରୋନିକ୍ସ ଡିଭାଇସ ନେଲେ ଏନ୍‌ବିଡବ୍ଲ୍ୟୁ ଓ ଜଗନ୍ନାଥ ଆଇନ୍‌ରେ ( ୯ ପୃଷ୍ଠାରେ)

### ରାହୁଲଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟ ଜଜ୍‌ଙ୍କ ଟିପ୍ପଣୀ

# ଅଯୁକ୍ତିକ କହିଲେ ବିରୋଧୀ ମେଣ୍ଟ

ନୂଆଦିଲ୍ଲୀ, ୫ ।୮ : ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସମ୍ପର୍କରେ ଗତକାଲି ସୁପ୍ରିମ୍‌କୋର୍ଟ ଦେଇଥିବା ମନ୍ତବ୍ୟ ଉପରେ କଂଗ୍ରେସ ଏବଂ ବିରୋଧୀ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ଦୃଢ଼ ଭାବରେ ଏହାକୁ ସମାଲୋଚନା କରାଯାଇଛି । ସୁପ୍ରିମ୍‌କୋର୍ଟର ଏଭଳି ମନ୍ତବ୍ୟ ଅନାବଶ୍ୟକ ଏବଂ ରାଜନୈତିକ ଦଳର ଗଣତାନ୍ତ୍ରିକ ଅଧିକାର ଉପରେ ଅଯଥା ହସ୍ତକ୍ଷେପ ବୋଲି ବିରୋଧୀ ମେଣ୍ଟର ନେତାମାନେ ଏକ ମିଳିତ ବିବୃତ୍ତିରେ ଦର୍ଶାଇଛନ୍ତି ।

ନୂଆଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ସାଂସଦମାନଙ୍କର ଏକ ବୈଠକ ହୋଇଥିଲା । ମେଣ୍ଟ ଅଂଶୀଦାର ସବୁ ଦଳର ନେତାମାନେ ଏଥିରେ ଉପସ୍ଥିତ ରହି ସୁପ୍ରିମ୍‌କୋର୍ଟ ଜଜ୍‌ଙ୍କ ଏଭଳି ମନ୍ତବ୍ୟକୁ ରାଜନୈତିକ ଦଳର ଗଣତାନ୍ତ୍ରିକ ଅଧିକାର ଉପରେ ଅଯୁକ୍ତିକ ବୋଲି ମିଳିତ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି । ବିରୋଧୀ ଦଳ ନେତାଙ୍କର ଭୂମିକା ଉପରେ ସେମାନେ କହିଛନ୍ତି ଯେ ଯେତେବେଳେ ସରକାର ଆମର ସୀମାକୁ ସୁରକ୍ଷା ( ୯ ପୃଷ୍ଠାରେ)

### ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀ

# ଦୁର୍ନୀତିରୁ ଦୂରେଇ ରୁହ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୫ ।୮ (ସବ୍ୟୁ) : ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ । ତେବେ ଯାଇ ଲୋକମାନେ ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ । ସେହିଭଳି ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ବନ ଅଧିକାରୀମାନଙ୍କୁ କହିଥିଲେ ଯେ, ଆମ ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ । ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି । ସେମାନଙ୍କ ପାଇଁ ସଂଘର୍ଷହୀନ ସହାବସ୍ଥାନ ସୃଷ୍ଟି ଓ ସେମାନଙ୍କ ସୁରକ୍ଷା କରିବା ହେଉଛି ସରକାରଙ୍କ ନୈତିକ ଦାୟିତ୍ୱ । ବନ ଅଧିକାରୀମାନେ ସମସ୍ତେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ମିଳାମିଶା କରୁଛନ୍ତି । ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହ ( ୯ ପୃଷ୍ଠାରେ)

# ଶୋଭନା ମହାନ୍ତି ମହିଳା କମିଶନ ଅଧ୍ୟକ୍ଷା





ଭୁବନେଶ୍ୱର, ୫ ।୮ (ସବ୍ୟୁ) : ମହିଳା କମିଶନ ଅଧ୍ୟକ୍ଷା ଭାବେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ କରଞ୍ଜିଆ ଗ୍ରାମର ଶୋଭନା ମହାନ୍ତିଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ସେହିଭଳି ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ପଦବୀରେ ବ୍ରହ୍ମପୁରର ବବିତା ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

ବିଜ୍ଞପ୍ତି ଅନୁଯାୟୀ ମହିଳା କମିଶନର ୪ ସଦସ୍ୟାଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି । ନିଯୁକ୍ତି ପରେ ଶ୍ରୀମତି ମହାନ୍ତି କହିଛନ୍ତି ଯେ ଆଶା କରିନଥିଲି, ଏହା ମିଳିଥିବାରୁ ଖୁସି ଅନୁଭବ କରୁଛି । ଯେଉଁ ଦାୟିତ୍ୱ ମିଳିଛି ତାକୁ ଠିକ୍ ଭାବେ ତୁଲାଇବି । ମହିଳାଙ୍କୁ ଉଚିତ୍ ନ୍ୟାୟ ମିଳିବ । ମୁଁ ବାଲେଶ୍ୱରର ଝିଅ, ( ୯ ପୃଷ୍ଠାରେ)

# ଅଗଷ୍ଟ ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୫ ।୮ (ସବ୍ୟୁ) : ଆସନ୍ତା ସୋମବାର ଅଗଷ୍ଟ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମାନ୍ୟବର ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୧ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଅଗଷ୍ଟ ୭ ତାରିଖ ପୂର୍ବାହ୍ନ ୧୧ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ ।

ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ( ୯ ପୃଷ୍ଠାରେ)

# ୭ରୁ ମେଗା ହସ୍ତତନ୍ତ, ହସ୍ତଶିଳ୍ପ ପ୍ରଦର୍ଶନୀ




ଭୁବନେଶ୍ୱର, ୫ ।୮ (ସବ୍ୟୁ) : ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୁଲ୍ୟରେ ଚଳିତମାସ ୭ ତାରିଖରେ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ପାଳନ ହେବ । ୮ ଓ ୯ ତାରିଖରେ ବୟନ ଶିଳ୍ପର ଅଗ୍ରଗତି ନିମନ୍ତେ ପ୍ରଦର୍ଶନୀ ଦ୍ୱାରା ଜ୍ଞାନ ପ୍ରଦାନ କାର୍ଯ୍ୟକ୍ରମ "ଏକତା' ଉତ୍ସବ ଆୟୋଜନ ହେବ । ଏହି ଉପଲକ୍ଷେ ୭ରୁ ୧୩ ପର୍ଯ୍ୟନ୍ତ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ସ୍ଥାନୀୟ ଜନତା ମଇଦାନ ଠାରେ ଆୟୋଜନ କରାଯିବ । ଜାତୀୟ ହସ୍ତତନ୍ତ ଦିବସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ । ଜାତୀୟ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ ବଲିଉଡ ଚଳଚିତ୍ର ଜଗତର ସୁନାମଧନ୍ୟ ତାରକା ମାଧୁରୀ ଦୀକ୍ଷିତ ନେନେ ( ୯ ପୃଷ୍ଠାରେ)

- ଯୋଗ ଦେବେ ବଲିଉଡ ଚଳଚ୍ଚିତ୍ର ତାରକା ମାଧୁରୀ ଦୀକ୍ଷିତ
- ୭ରୁ ୯ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
- ଫ୍ୟାଶନ୍ ଶୋ' ସହ ଲେଜର୍ ଶୋ' ବି ଆୟୋଜନ ହେବ
- ଫୁଡ୍ କୋର୍ଟ, ପ୍ଲେ ଜୋନ୍ ସହ ୬୦ ଷ୍ଟଲ ସ୍ଥାପନ ହେବ
- ଅଂଶଗ୍ରହଣ କରିବେ ୧୫୦୦ରୁ ଅଧିକ ବୁଣାକାର

# ପୁଣି ଖଟିଆରେ ବୁହାହେଲେ ରୋଗୀ



ନବରଙ୍ଗପୁର, ୫ ।୮ (ସବ୍ୟୁ) : ପୁଣି ଖଟିଆରେ ବୁହା ହେଲେ ରୋଗୀ । ଚିକିତ୍ସାଧୀନ ଅବସ୍ଥାରେ ହେଲା ରୋଗୀଙ୍କ ମୃତ୍ୟୁ । ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ ଜବାଗୁଡା ଗାଁରୁ ଆସିଲା ଅଭାବନୀୟ ଘଟଣା । ଗାଁକୁ ଏକ ଭଲ ରାସ୍ତା ନଥିବାରୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ । କାଦୁଅ ପଚ ପଚ ରାସ୍ତାରେ ମୋବାଇଲ ଲାଇଟ୍ ଲଗେଇ ଖଟିଆରେ ୨ କିଲୋମିଟର ବୁହାହେଲେ ରୋଗୀ । ଡାକ୍ତରଖାନାରେ ପହଞ୍ଚିବାରୁ ବିଳମ୍ବ ହେବାରୁ ଶେଷରେ ଚିକିତ୍ସାଧିନ ଅବସ୍ଥାରେ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଛି । ଜବଗୁଡ଼ା ଗାଁର ଲଳିତା ଯାନୀଙ୍କୁ ଗତ ୫ ଦିନ ହେବ ଜ୍ୱର ଲାଗି ରହିଥିଲା । ସୋମବାର ହଠାତ ଗୁରୁତର ହେବାରୁ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା । କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରିନଥିଲା । ଖଟିଆରେ ବୁହା ହୋଇ ଲଳିତାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା । ପରେ ତାଙ୍କୁ ପ୍ରଥମେ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ, ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ମେଡିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

**ଚିକିତ୍ସାଧିନ ଅବସ୍ଥାରେ ରୋଗୀଙ୍କ ମୃତ୍ୟୁ**

ଗାଁରେ ବିଭିନ୍ନ ସମ୍ପ୍ରଦାୟର ୭୦ ପରିବାରର ୩୦୦ରୁ ଅଧିକ ଲୋକ ବସବାସ କରନ୍ତି । ପକ୍କା ରାସ୍ତା ପାଇଁ ପ୍ରଶାସନ ନିକଟରେ ସେମାନେ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଏକ ଅମୂଲ୍ୟ ଜୀବନ ଚାଲିଗଲା ।

# ଝାରସୁଗୁଡ଼ା ବିମାନ ବନ୍ଦର ନିର୍ଦ୍ଦେଶକଙ୍କ ନାଁରେ ଏତଲା

ଝାରସୁଗୁଡ଼ା, ୫ ।୮ (ସବ୍ୟୁ) : ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ ତିୱାରୀଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ । ଏୟାରପୋର୍ଟ ଥାନାରେ ତାଙ୍କ ନାଁରେ ଏଫଆଇଆର ଦେଇଛନ୍ତି ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘର ସଭାପତି ସନ୍ଦୀପ କୁମାର ମିଞ୍ଜ । ଝାରସୁଗୁଡ଼ା ବିମାନ ବନ୍ଦରରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ମିଞ୍ଜ ତାଙ୍କ ଏଫଆଇଆରରେ ଉଲ୍ଲେଖ କରିଛନ୍ତି ଯେ କର୍ମଚାରୀମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ଆଜି ସକାଳ ୧୦ଟା ୪୫ ମିନିଟରେ ସେ ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀଙ୍କୁ ଭେଟିବାକୁ ଯାଇଥିଲେ । ଆଲୋଚନା ଚାଲିଥିବା ବେଳେ ହଠାତ୍ ଶ୍ରୀ ତିୱାରୀ ଉତ୍ତେଜିତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଘରୁ ଉଠାଇ ନେଇ ମାରିଦେବେ ଓ ଶବ ମିଳିବ ନାହିଁ ବୋଲି କହିଥିଲେ ବୋଲି ଅଭିଯୋଗ ହୋଇଛି । ତାଙ୍କ ମୁହଁକୁ ଦୁଇ ଥର ମୁଥ ମାରିଥିଲେ । ସେ ତଳେ ପଡ଼ିଯିବା ପରେ ଶ୍ରୀ ତିୱାରୀ ଗୋଇଠା ମାରିଥିଲେ । ଫଳରେ ତାଙ୍କ ମୁହଁ, ( ୯ ପୃଷ୍ଠାରେ)



## ସକାଳୁ ଉଠିବା ଲାଭଦାୟକ

ପିଲାଦିନୁ ସମସ୍ତଙ୍କୁ ଶିଖାଯାଉଥିବା ଭଲ ଅଭ୍ୟାସ ମଧ୍ୟରେ ଗୋଟିଏ ହେଲା ସକାଳୁ ଉଠିବା । ଏହା ପ୍ରାୟ ସମସ୍ତଙ୍କୁ ଶିଖାଯାଇଥାଏ । ଏହାର ଖୁବ ସକରାତ୍ମକ ପ୍ରଭାବ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ରହିଛି । ସକାଳୁ ସମସ୍ତଙ୍କର ମସ୍ତିଷ୍କ ଖୁବ ଆକ୍ଟିଭ ରହିଥାଏ । ସକାଳୁ ଉଠିବା ଫଳରେ ଅଧିକ ସକରାତ୍ମକ ଭାବନା ଆମ ମସ୍ତିଷ୍କକୁ ଆସିଥାଏ । ସେହିଭଳି ସକାଳୁ ଉଠିଲେ ପ୍ରତିଦିନ ଆମକୁ କିଛି କିଛି ଅଧିକ ସମୟ ମିଳିଥାଏ, ଯାହାକୁ ଆମେ ବିଭିନ୍ନ ପ୍ରକାର କାର୍ଯ୍ୟରେ ଲଗାଇ ପାରିବା । ଭାରତରେ କାହିଁ କେଉଁ କାଳରୁ ବ୍ରାହ୍ମ ମୁହୂର୍ତ୍ତରେ ଉଠିବାର ଅଭ୍ୟାସ ଅନୁକରଣ କରାଯାଇଥାଏ । ତେଣୁ ସକାଳୁ ଉଠିବା ଆମ ମାନଙ୍କ ପାଇଁ ଖୁବ ଲାଭ ଦାୟକ । ସକାଳୁ ଉଠି ପ୍ରାତଃ ଭ୍ରମଣ ହେଉ କିମ୍ବା ବ୍ୟାୟାମ ହେଉ କରିବା ଫଳରେ ଆମର ସ୍ୱାସ୍ଥ୍ୟ ଭଲ ରହିବ ।

## ସୋସିଆଲ କୋଟ୍ସ



"ଆପଣଙ୍କୁ ଡରାଇବାକୁ ଚାହୁଁ ନଥିଲି । ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି । ସେହି ଭିଡିଓଟି ମୋର ଅପକମିଂ ମ୍ୟୁଜିକ୍ ଭିଡିଓର । ଆପଣଙ୍କ ଭଲପାଇବା ପାଇଁ ଧନ୍ୟବାଦ ।

ଇଶା ସିଂ, ଅଭିନେତ୍ରୀ



"ସେହନାଜ ଅସୁସ୍ଥ ଅଛନ୍ତି । ସମସ୍ତେ ତାଙ୍କ ପାଇଁ ପ୍ରାର୍ଥନା କରନ୍ତୁ କିଭଳି ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରି ଆସନ୍ତୁ ।

କରଣ ବୀର ମେହରା, ଅଭିନେତା




"ମୋତେ କେହି ବି ଡରାଇ ପାରିବେ ନାହିଁ । ମୁଁ ହିଂସାର ବିରୋଧ ସବୁବେଳେ କରିଥାଏ । ବର୍ତ୍ତମାନ ମଧ୍ୟ ଏହା ବିରୋଧରେ ଲଢେଇ ଜାରି ରଖିବି ।

କପିଳ ଶର୍ମା, ଅଭିନେତା

## ବର୍ଷାରେ ଆଖିର ଯତ୍ନ

ବର୍ଷାଦିନ ଆସିଲେ ଶରୀରର ଅଧିକ ଯତ୍ନ ନେବାକୁ ପଡିଥାଏ । ଏହି ଦିନେ ସଂକ୍ରମଣ ହେବାର ସମ୍ଭାବନା ଅଧିକ ଥାଏ ତେଣୁ ସ୍ୱାସ୍ଥ୍ୟର ଯତ୍ନ ନନେଲେ ରୋଗରେ ପଡିବାର ଆଶଙ୍କା ଅଧିକ ଥାଏ । ତେବେ ଆସନ୍ତୁ ଜାଣିବା ବର୍ଷାଦିନେ ଆଖିର ଯତ୍ନ କିପରି ନେବା ।




**ବାରମ୍ବାର ଆଖିରେ ହାତ ମାରନ୍ତୁ ନାହିଁ–** ଏହି ସମୟରେ ଆମର ପରିବେଶ ଦୂଷିତ ହୋଇଥାଏ, ତେଣୁ ବାରମ୍ବାର ଅନ୍ୟ ସ୍ଥାନରେ ହାତ ମାରି ଆଖିରେ ମାରନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ଆଖିରେ ବିଭିନ୍ନ ବ୍ୟାକ୍ଟେରିଆଲ ସଂକ୍ରମଣ ହେବାର ଆଶଙ୍କା ବଢିଥାଏ ।

**ଚଷମାକୁ ସଫା ରଖନ୍ତୁ–** ଯଦି ଆପଣ ଚଷମା ପିନ୍ଧୁଛନ୍ତି ତେବେ ଏହାକୁ ସଫା କରନ୍ତୁ । ଚଷମା ସଫା କରିବା ପାଇଁ ଏହି ସମୟରେ ଅଲଗା କପଡା ବ୍ୟବହାର କରନ୍ତୁ । ସେହିଭଳି ଯଦି ଆପଣ କଣ୍ଟାକ୍ଟଲେନ୍ସ ବ୍ୟବହାର କରୁଛନ୍ତି, ତେବେ ସତର୍କ ରୁହନ୍ତୁ ଯେପରି ଏହା କୌଣସି ବାହାର ସାମଗ୍ରୀ ସମ୍ପର୍କରେ ନଆସେ ।

**ମେକଅପରୁ ଦୂରରେ ରୁହନ୍ତୁ–** ବର୍ଷାଦିନେ ଯେତେ ପାରୁଛନ୍ତୁ ଆଇ ମେକଅପ୍‌ରୁ ଦୂରରେ ରୁହନ୍ତୁ । ଏହି ସମୟରେ ଆଖିରେ ମେକଅପ ଲଗାଇଲେ ବର୍ଷାରେ ଓଦା ହେବା ଫଳରେ ଏହା ଆଖିରେ ପଶିବାର ସମ୍ଭାବନା ଥାଏ । ଯାହା ଆଖିରେ ସଂକ୍ରମଣ କରାଇଥାଏ ।

## ଥ୍ରୋଟ୍ ପ୍ୟାଚ୍



ବୈଜ୍ଞାନିକମାନେ ଆମ ଦୈନନ୍ଦିନ ଜୀବନକୁ ସହଜ ସରଳ କରିବାକୁ ବିଭିନ୍ନ ଉଦ୍ଭାବନ କରିବାରେ ଲାଗିଛନ୍ତି । ସେମାନଙ୍କର ଉଦ୍ଭାବନ ତାଲିକାରେ ଅନେକ ସାମଗ୍ରୀ ସାମିଲ ଅଛି । ନିକଟରେ କାଲିଫର୍ଣ୍ଣିଆ ବୈଜ୍ଞାନିକମାନେ ଏକ ଥ୍ରୋଟ ପ୍ୟାଚ୍‌ର ଉଦ୍ଭାବନ କରିଛନ୍ତି । ଯାହା ଆମ ଗଳାରେ ଲାଗିବା ପରେ ଗଳାରେ ହେଉଥିବା ମସଲ୍ ମୋସନ୍ ବା ମାଂଶପେଶୀୟ ହଲଚଲକୁ କଥାରେ ପରିବର୍ତ୍ତନ କରିବ । ଲୋକମାନେ ଏହାକୁ ଲଗାଇବା ପରେ ଭୋକାଲ କର୍ଡ ବା ସ୍ୱର ତନ୍ତୁର ବ୍ୟବହାର ନକରି କଥା ହୋଇପାରିବେ । ରିପୋର୍ଟ ଅନୁସାରେ ଏହି ପ୍ୟାଚ୍‌ଟି ଚାଲିବା ପାଇଁ କୌଣସି ବ୍ୟାଟେରୀ କିମ୍ବା କନେକ୍ଟର ଆବଶ୍ୟକତା ମଧ୍ୟ ନାହିଁ । ପ୍ୟାଚ୍‌ଟି ଆମ ଗଳାରେ ହେଉଥିବା ମସଲ ମୋସନକୁ ବ୍ୟବହାର କରି ନିଜ ପରିଚାଳନା ପାଇଁ ବିଦ୍ୟୁତ୍ ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହା ଯେଉଁମାନଙ୍କର ଥ୍ରୋଟ କ୍ୟାନସର, ପାରାଲାଇଜ୍ଡ ଭୋକାଲ କର୍ଡ ଭଳି ସମସ୍ୟା ରହିଛି ସେମାନଙ୍କ ପାଇଁ ଏହା ବିଶେଷଭାବେ ସହାୟକ ହେବ । ଏହାର ପ୍ରଥମ ଡିଜାଇନ୍ ୨୦୨୧ରେ କରାଯାଇଥିଲା । ତେବେ ଏହାପରେ ଏହି ଡିଜାଇନ୍ ଉପରେ ଅନେକ ଗବେଷଣା କରାଯାଇଛି, ଯାହାପରେ ଏଥିରେ ପରିବର୍ତ୍ତନ ମଧ୍ୟ କରାଯାଇଛି । ଏହା ପ୍ୟାଚ୍‌ରେ ପାଞ୍ଚଟି ଥିନ୍ ଲେୟାର ରହିଛି । ସେଣ୍ଟର ଲେୟାରଟି ସିଲିକନ୍ ଓ ମାଇକ୍ରୋମ୍ୟାଗ୍‌ନେଟ୍‌ରୁ ପ୍ରସ୍ତୁତ କରାଯାଇଛି । ଅନ୍ୟ ଲେୟାର ଗୁଡିକ ନରମ ସହିତ ନମନୀୟ ସିଲିକନ୍‌ରୁ ପ୍ରସ୍ତୁତ କରାଯାଇଛି । ଏହି ପ୍ୟାଚ୍‌କୁ ଘେରି ରହିଥିବା ଦୁଇଟି ଲେୟାର କପର୍ ୱେୟାରରୁ ପ୍ରସ୍ତୁତ କରାଯାଇଛି । ଏହି ସମସ୍ତ ଲେୟାର ଏକାଠି କାର୍ଯ୍ୟ କରିବା ଦ୍ୱାରା ଆମର ମସଲ୍ ମୋସନ କଥାରେ ପରିବର୍ତ୍ତନ ହୋଇଥାଏୟ ।

## ହାଃହାଃ..




ପତ୍ନୀ – ଆମ ପଡୋଶୀ ମୋତେ ଇର୍ଷା କରୁଛନ୍ତି ।
ସ୍ୱାମୀ – କ'ଣ ପାଇଁ, କ'ଣ ହେଲା ?
ପତ୍ନୀ –ମୁଁ ସବୁବେଳେ ନୂଆ ଡ୍ରେସ ପିନ୍ଧୁଛି ସେଥିପାଇଁ ।
ସ୍ୱାମୀ – ହଁ ସେ କ'ଣ ଜାଣିଛନ୍ତି କି ମୁଁ ସବୁଦିନ କରଜ କରୁଛି ।

## ଇତିହାସ

୧୯୦୬ – ବନ୍ଦେମାତରମ୍ ସମାଚାର ପତ୍ରର ପ୍ରକାଶନ ଆରମ୍ଭ ।
୧୯୧୪ – ରୁଷ ବିରୋଧରେ ଅଷ୍ଟ୍ରିଆର ଯୁଦ୍ଧ ଘୋଷଣା ।
୧୯୨୫ – ସୁରେନ୍ଦ୍ରନାଥ ବାନାର୍ଜୀଙ୍କର ମୃତ୍ୟୁ ।
୧୯୬୨ – ଜମୈକାକୁ ସ୍ୱାଧୀନତା ପ୍ରାପ୍ତ ।
୧୯୮୬ – ଭାରତରେ ପ୍ରଥମ ଟେଷ୍ଟଟ୍ୟୁବ୍ ବେବିର ଜନ୍ମ ।
୨୦୧୦ – ଜମ୍ମୁରେ ବନ୍ୟା କାରଣରୁ ୨୦୦ ଲୋକଙ୍କର ମୃତ୍ୟୁ ।
୨୦୧୧ – ଥାଇଲାଣ୍ଡର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ ।
୨୦୧୨ – ମଙ୍ଗଳ ଗ୍ରହରେ ନାସାର କ୍ୟୁରିଓସିଟି ରୋବର ପହଞ୍ଚିଥିଲା ।

## ଜୀବନରେ ବିଫଳତାରୁ ଶିକ୍ଷା



ଅନେକ ସମୟରେ ଦେଖିବାକୁ ମିଳେ କିଛି ଲୋକ ଲଗାତାର ବିଫଳ ହେଲେ ମଧ୍ୟ ପୁଣି ସାହସ ଜୁଟାଇ ସଫଳତା ଆଡକୁ ଅଗ୍ରସର ହୋଇ ଥାଆନ୍ତି । ତେବେ ସେମାନଙ୍କୁ ସଫଳତାର ଶିକ୍ଷା ବିଫଳତାରୁ ହିଁ ମିଳିଥାଏ । ସବୁବେଳେ କେବଳ ସଫଳତାକୁ ପାଥେୟ କରି ଚାଲି ହୋଇ ନଥାଏ । ଜୀବନରେ ବିଫଳତାର ମଧ୍ୟ ଭୂମିକା ରହିଛି । ଜୀବନର ଦୁଇଟି ସ୍ତର ହୋଇଥାଏ ଗୋଟିଏ ସଫଳତା ଓ ବିଫଳତା । ସେହିଭଳି ବିଫଳତା ସବୁବେଳେ ଜୀବନର ବଡ ଶିକ୍ଷକ ହୋଇଥାଏ । ଜଣେ ବ୍ୟକ୍ତି ନିଜ ବିଫଳତାରୁ ଅନେକ କିଛି ଶିକ୍ଷା କରିଥାଆନ୍ତି । ବିଫଳତା ପାଇବା ପୂର୍ବରୁ କରିଥିବା ପରିଶ୍ରମ ଆମକୁ ଅନେକ କିଛି ଶିଖାଇଥାଏ । ସେହି ପରିଶ୍ରମ ଆମ ଭିତରେ ଆତ୍ମବିଶ୍ୱାସ ଭରି ଦେଇଥାଏ । ସେହିଭଳି ବିଫଳତା ହେବା ପରେ ଆମକୁ ନିଜ ଭିତରେ ଥିବା ଅଭାବର ସୂଚନା ମିଳିଥାଏ । ତେଣୁ ସେହି ଅଭାବକୁ ଦୂର କରିବା ପାଇଁ ଆମେ ଆହୁରି ପରିଶ୍ରମ କରିଥାଉ ଯାହା ଆମକୁ ଆଉ ଏକ ପାଦ ଆଗକୁ ବଢାଇଥାଏ । ତେଣୁ ଜୀବନରେ କିଛି ବି କରିବା ସମୟରେ ଯଦି ବିଫଳ ହେଉଛନ୍ତି ତେବେ ଅଧୈର୍ଯ୍ୟ ନହୋଇ ସଫଳ ହେବା ପାଇଁ ଚେଷ୍ଟା ଜାରି ରଖନ୍ତୁ । ବିଫଳତାରୁ ସବୁବେଳେ କିଛି ଶିକ୍ଷା କରିବାକୁ ଚେଷ୍ଟା କରନ୍ତୁ ।

## ବିଷାକ୍ତ ହେଉଛି ହିମାଳୟ ଉପରର ବଉଦ



ହିମାଳୟ ବାଦଲକୁ ସବୁଠାରୁ ବିଷୁଦ୍ଧ ଭାବେ ବିବେଚନା କରାଯାଇଥାଏ । ଏଥିରେ ସବୁଠାରୁ ବିଷୁଦ୍ଧ ପାନୀୟଜଳ ରହିଛି ବୋଲି ଜଣାଯାଏ । ହେଲେ ବର୍ତ୍ତମାନର ରିପୋର୍ଟ ଅନୁସାରେ ଏହା ଧୀରେଧୀରେ ବିଷାକ୍ତ ହେବାରେ ଲାଗିଛି । ଏଥିରେ ଅନେକ ଏଭଳି ପଦାର୍ଥ ରହୁଛି ଯାହା ମନୁଷ୍ୟଙ୍କ ପାଇଁ ଖୁବ କ୍ଷତିକାରକ । ଏହା ମଣିଷଙ୍କ ଶରୀରରେ ଗମ୍ଭୀର ରୋଗର କାରଣ ମଧ୍ୟ ସାଜିପାରେ ବୋଲି ଏହି ରିପୋର୍ଟରେ ପ୍ରକାଶ କରାଯାଇଛି । ବୋସ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ କରାଯାଇଥିବା ଏହି ସର୍ଭେରେ ଜମା ପଡିଛି କି ଏହି ବାଦଲରେ କାଡ୍‌ମିଅମ, କପର ଓ ଜିଙ୍କର ମାତ୍ରା ଖୁବ ଅଧିକ ରହୁଛି । ଏହି ଗବେଷଣାରେ ବୈଜ୍ଞାନିକମାନେ ଆଇଆଇଟିଏମ୍ ଉପରେ ଥିବା ତଳସ୍ତରର ବାଦଲରୁ ସାମ୍ପଲ ଆଣି ପରୀକ୍ଷଣ କରିଥିଲେ । ଯେଉଁଥିରେ ଏଭଳି ତଥ୍ୟ ସାମନାକୁ ଆସିଛି । ବାଦଲରେ ଥିବା ଏହି ବିଷାକ୍ତ ପଦାର୍ଥ ଗୁଡିକ ଶ୍ୱାସକ୍ରିୟା, ଚର୍ମ କୂପ, ବର୍ଷା ପାଣି ସାହାଯ୍ୟରେ ଆମ ଶରୀରରେ ପ୍ରବେଶ କରିବାର ଆଶଙ୍କା ରହିଛି । ଏହି ବିଷାକ୍ତ ସାମଗ୍ରୀ ପ୍ରବେଶ ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି ।

## ଥଣ୍ଡାପାନୀୟ ପିଉଥିଲେ ସାବଧାନ

ସାଧାରଣତଃ ଘରକୁ କେହି ବନ୍ଧୁ ଆସିଲେ କିମ୍ବା ଆମକୁ ଗରମ ଲାଗିଲେ ଆମେ ସମସ୍ତେ କୋଲ୍ଡ୍ରିଙ୍କର ଗୋଟିଏ ବୋତଲ ପିଇଥାଉ । ହେଲେ ଯଦି ଆପଣଙ୍କୁ ମଧ୍ୟ କୋଲ୍ଡ୍ରିଙ୍କ ପସନ୍ଦ ତେବେ ସାବଧାନ ହୋଇ ଯାଆନ୍ତୁ । ନିକଟରେ ମିଳିଥିବା ସୂଚନା ଅନୁସାରେ ଦିନକୁ ଗୋଟିଏ କ୍ୟାନ୍ ଡାଏଟ୍ ସୋଡା ପିଇବା ଦ୍ୱାରା ଆମର ମଧୁମେହ ହେବାର ଆଶଙ୍କା ୩୮ ପ୍ରତିଶତ ବଢିଯାଇଥାଏ । ତେଣୁ ଯେଉଁ ପାନୀୟ ଗୁଡିକ କୃତ୍ରିମ ମିଠା ଦେଇ ପ୍ରସ୍ତୁତ କରାଯାଉଛି ଏହାକୁ ପିଇବା ଦ୍ୱାରା ଟାଇପ ୨ ଡାଇବେଟିସ୍ ବଢିବାର ସମ୍ଭାବନା ଖୁବ ଅଧିକ ରହିଛି । ମୋନାସ ବିଶ୍ୱବିଦ୍ୟାଳୟ, ଆର୍‌ଏମ୍‌ଆଇଟି ବିଶ୍ୱବିଦ୍ୟାଳୟ ଓ କ୍ୟାନ୍ସର କାଉଂସିଲ୍ ଭିକ୍ଟୋରିଆ ପକ୍ଷରୁ ପାଖାପାଖି ୧୪ ବର୍ଷଧରି ୩୬ ହଜାରରୁ ଅଧିକ ଅଷ୍ଟ୍ରେଲୀୟଙ୍କ ଉପରେ ଏହି ପରୀକ୍ଷା କରାଯାଇଥିଲା । ଯାହାପରେ ଏହି ରିପୋର୍ଟ ଆସିଥିବା ଜଣା ପଡିଛି । ତେଣୁ ଯେଉମାନେ କୋଲ୍ଡ୍ରିଙ୍କ ଲଭର ସେମାନଙ୍କୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ପଡିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।





## ଅଭିନୟ ନଥିଲା ପସନ୍ଦ

ବଲିଉଡର ଜଣେ ଆଗଧାଡିର ନାୟିକା ଭାବେ କାଜୋଲଙ୍କର ରହିଛି ଅନେକ ଖ୍ୟାତି । ବିଗତ ଦୁଇ ଦଶନ୍ଧି ଧରି ସେ ବିଟାଉନରେ ରାଜ କରି ଆସୁଛନ୍ତି । ଆଜି ମଧ୍ୟ ତାଙ୍କୁ ବଡ ପରଦାରେ ଦେଖିବାକୁ ଦର୍ଶକଙ୍କ ଭିଡ ଜମୁଛି । ତେବେ ନିଜ ଅଭିନୟର ଯାଦୁରେ ସମସ୍ତଙ୍କୁ ବାନ୍ଧି ରଖିପାରୁଥିବା କାଜୋଲ କିନ୍ତୁ ଫିଲ୍ମ ଲାଇନ୍‌କୁ ଆସିବାକୁ କେବେ ବି ଚାହୁଁ ନଥିବା ନିକଟରେ ପ୍ରକାଶ କରିଛନ୍ତି । ତାଙ୍କ ଆଈ ଓ ମାଆ ଫିଲ୍ମ ଦୁନିଆର ବରିଷ୍ଠ ଅଭିନେତ୍ରୀ ଥିଲେ ମଧ୍ୟ ସେ ଏହି ଲାଇନ୍‌କୁ ଆସିବାକୁ ଯୋଜନା କରି ନଥିଲେ । ହେଲେ ତାଙ୍କ ମାଆ ଚାହୁଁଥିଲେ କାଜୋଲ ଏହି ଲାଇନ୍‌ରେ ଆସନ୍ତୁ । ଏହାପରେ ସେ ନିଜର ପ୍ରଥମ ଫିଲ୍ମ ବେଖୁଦି ସାଇନ କରିଥିଲେ । ଫିଲ୍ମଟି ଫ୍ଲପ ହେଲେ ମଧ୍ୟ ତାଙ୍କର ଅଭିନୟକୁ ଦର୍ଶକ ଖୁବ ଭଲ ପାଇଥିଲେ । ଏହାପରେ ଧୀରେଧୀରେ ତାଙ୍କର ଅଭିନୟରେ ମନ ଲାଗିଥିଲା ଏବଂ ସେ ଫିଲ୍ମ କରିବା ଆରମ୍ଭ କରିଥିଲେ । ଏହାପରେ କାଜୋଲଙ୍କ ଅଭିନୟକୁ ସମସ୍ତେ ଖୁବ ପସନ୍ଦ କରିଥିଲେ, ଯାହା ତାଙ୍କୁ ବିଟାଉନ୍‌ରେ ଦେଇଥିଲା ଏକ ଭିନ୍ନ ପରିଚୟ ।

### ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

# ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର



୧୪୧ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ଶ୍ରୀ ବାବୁ ସିଂ, ଶ୍ରୀ ଗଣେଶ୍ୱର ବେହେରା ଓ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ପୂଜ୍ୟପୂଜା ସଂସଦର ସଭାପତି ଶ୍ରୀ ପ୍ରଦ୍ୟୁମ୍ନ ଶତପଥି, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ ମିଶ୍ର, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ "ଝକ୍ତ୍ରରମଷରଗ୍ମ କ୍ଟଲ ରସଭବଭମର ଗସଭସଗ୍ମଗ୍ମରକ୍ସ କ୍ଟଲ ଙ୍ଘୟସଗ୍ମଷବ ଲକ୍ସକ୍ଟଙ୍କ ୨୦୨୨ ଗ୍ମକ୍ଟ ୨୦୨୫-୨୬"କୁ ଉନ୍ମୋଚନ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ୧୯୩୬ ମସିହା ଅପ୍ରେଲ ପହିଲାରେ ବ୍ରିଟିଶ ଶାସନାଧିନ ଭାରତ ବର୍ଷରେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ଶାସନଗତ କ୍ଷମତା ହାସଲ କରିଥିଲା । ସ୍ୱତନ୍ତ୍ର ଓଡ଼ିଶାର (ପ୍ରାକ୍-ସ୍ୱାଧୀନତା) ପ୍ରଥମ ବିଧାନସଭା ୧୯୩୬ ମସିହାଠାରୁ ୨୦୨୦-୨୧ ମସିହା ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଧାନସଭାରେ ମାନ୍ୟବର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବଜେଟ ଅଭିଭାଷଣ ଗବେଷଣା ଉପବିଭାଗ ଦ୍ୱାରା ସଂଗ୍ରହ କରାଯାଇ ପୁସ୍ତକର ଅଷ୍ଟମ ଖଣ୍ଡ (ଅଷ୍ଟମ ସଂସ୍କରଣ) ପ୍ରକାଶିତ ହୋଇଛି । ଏହି ପରିପ୍ରେକ୍ଷୀରେ ୨୦୨୧-୨୨ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟର ନବମ ସଂସ୍କରଣ ଆଜି ଉନ୍ମୋଚିତ ହୋଇଛି । କାର୍ଯ୍ୟକ୍ରମ ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ଶ୍ରୀ ଅବିନାଶ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବାଜିନି ବିଗୁଲ, ତେଜିଲାଣି ଛାତ୍ର ରାଜନୀତି

ଭୁବନେଶ୍ୱର (ସବ୍ୟୁ) : ସଙ୍କେତ ଦେଖି ସରଗରମ କ୍ୟାମ୍ପସ ରାଜନୀତି । ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ନହେଉଣୁ କ୍ଷେତ୍ର ପ୍ରସ୍ତୁତିରେ ମାତିଲେଣି ଛାତ୍ର ସଂଗଠନ । ଉଚ୍ଚ ଶିକ୍ଷାନୁଷ୍ଠାନକୁ ନୂଆ ବ୍ୟାଚ୍ ଆସୁ ଆସୁ ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ଖୋଲି ଦେଲେଣି ନିଜ ନିଜର ହେଲ୍‌ପ ଡେସ୍କ । ନବାଗତ ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଚାଲିଲାଣି ଛକାପଞ୍ଝା । ଯେହେତୁ ଆଡମିଶନ ପ୍ରକ୍ରିୟା ଏକ ପ୍ରକାର ଶେଷ ପର୍ଯ୍ୟାୟରେ, ତେଣୁ କିଭଳି ଜୋରଦାର ପ୍ରସ୍ତୁତିରେ ବିଭିନ୍ନ ଷ୍ଟୁଡେଣ୍ଟ୍ସ ୟୁନିୟନ । ବ୍ୟାନର ଓ ପୋଷ୍ଟରରୁ ସେ ଚିତ୍ର ବି ସାମ୍ନାକୁ ଆସିଲାଣି । ବିଶ୍ୱବିଦ୍ୟାଳୟରୁ କଲେଜ ଯାଏଁ, ସବୁଠି ଅନୁଭୂତ ହେଲାଣି ଛାତ୍ର ରାଜନୀତିର ତାତି । ୨୦୧୭ ମସିହାରେ ଶେଷ ଥର ପାଇଁ ହୋଇଥିଲା ରାଜ୍ୟରେ କଲେଜ ଭୋଟ । ୨୦୧୮ରେ ତତ୍କାଳୀନ ବିଜେଡି ସରକାର ସମୟରୁ ଏହା ବନ୍ଦ ରହିଛି । ହେଲେ ମୋହନ ଚରଣ ମାଝୀଙ୍କ ସରକାର କ୍ଷମତାକୁ ଆସିବା ପରେ ପୁଣି ଛାତ୍ର ସଂସଦ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ ସମୟ ନିକଟ ହେଉଥିବା ଜାଣି କ୍ୟାମ୍ପସରେ ସକ୍ରିୟ ଆଶାୟୀ ପ୍ରାର୍ଥୀ ଓ ଛାତ୍ର ସଂଗଠନ । ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ଏଥର ଏଫ୍‌ଏମ୍ ଘଟଣା



ସହ ଛାତ୍ରୀ ସୁରକ୍ଷାକୁ ମୁଖ୍ୟ ମୁଦ୍ଦା କରୁଥିବାବେଳେ ଏବିଭିପି ମଧ୍ୟ ଟାଣୁଆ ମୁଦ୍ଦାକୁ ଧରି ମଇଦାନକୁ ଓହ୍ଲାଇବାକୁ ଯୋଜନା ରଖିଛି । ଛାତ୍ରଛାତ୍ରୀ ବି ଦୀର୍ଘ ବର୍ଷ ପରେ କଲେଜ ନିର୍ବାଚନରେ ସେମାନଙ୍କ ଭାଗିଦାରିକୁ ନେଇ ଉତ୍କଣ୍ଠାରେ ।

ଏଭଳିସ୍ଥଳେ ଯଦି ଛାତ୍ର ସଂସଦ ନିର୍ବାଚନ ହୁଏ, ତେବେ ତାକୁ ଶୃଙ୍ଖଳିତ ପରିଚାଳନା କରିବା ସ୍ଥାନୀୟ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଆହ୍ୱାନ ହେବ । ଯେହେତୁ ଏଥର ଏବିଭିପି, ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ସମସ୍ତେ ପରସ୍ପରକୁ ଟକ୍କର ଦେବା ସ୍ଥିତିରେ ଅଛନ୍ତି ଏବଂ ଲଢେଇ ପାଇଁ ନିଜ ନିଜ ପ୍ରାର୍ଥୀ ଚୟନରେ ଲାଗିଲେଣି । ତେଣୁ ୮ବର୍ଷ ପରେ କଲେଜ ରାଜନୀତି ଉଠିବ ପଡ଼ିବ ବୋଲି ଅନୁଭବ ହେଲାଣି । ଅପେକ୍ଷା ଉଚ୍ଚ ଶିକ୍ଷା ବିଭାଗ କେବେ ଆନୁଷ୍ଠାନିକ ଭାବେ କଲେଜ ନିର୍ବାଚନ ତାରିଖ ଘୋଷଣା କରୁଛନ୍ତି ।

### କଟକରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

# ତାରକସି ହବକୁ ମିଳିବ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା: ଉପମୁଖ୍ୟମନ୍ତ୍ରୀ

କଟକ ,(ସବ୍ୟୁ):ରୌପ୍ୟ ନଗରୀ କଟକର ଅନ୍ୟତମ ଐତିହ୍ୟ ତାରକସିକୁ ବିଶ୍ୱ ଦରବାରରେ ପହଂଚାଇବା ନିମନ୍ତେ କଟକଠାରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ଆଜି କଟକ ସିଡିଏ ସେକ୍ଟର ୬ ସ୍ଥିତ ବିଡାନାସୀ ପେଟାନାଳଠାରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଏହି କେନ୍ଦ୍ର କଟକର ପରମ୍ପରାକୁ ସଂରକ୍ଷଣ କରିବା ସହିତ ନବସୃଜନକୁ ଆପଣାଇ ତାରକସି କାରିଗରମାନଙ୍କୁ ସଶକ୍ତ କରିବା ସହ କଟକ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ । ପ୍ରାୟ ସାଢେ ଆଠ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୨୦ ହଜାର ବର୍ଗଫୁଟ ଆୟତନର ଏହି ସୁବିଧା କେନ୍ଦ୍ରରେ ଆଧୁନିକ ଉପକରଣ, କାରିଗରମାନଙ୍କୁ ତାଲିମ ଓ ବଜାର ସୁବିଧା ସବୁ କିଛି ଗୋଟିଏ ଛାତ ତଳେ ଯୋଗାଇ ଦିଆଯିବ । ଏହା କେବଳ ଏକ କୋଠା ନୁହେଁ ଏହା ଆଗାମୀ ପିଢୀର କାରିଗରମାନଙ୍କ ପାଇଁ ଏକ ପ୍ରୟୋଗଶାଳା ହେବ । ଆଜି କଟକ ସହରରେ ୫୦୦ କାରିଗର ଥିବାବେଳେ ଆଗକୁ ୫୦୦୦ କାରିଗର ପରିବାର ଯେପରି ସୃଷ୍ଟି ହୋଇପାରିବେ ସେ ଦିଗରେ ଯତ୍ନଶୀଳ ହୋଇ କାର୍ଯ୍ୟକ୍ରମ ହାତକୁ ନିଆଯିବ । କଟକର ସ୍ୱାଭିମାନ କଟକ ତାରକସିର ଚମକ ଯେଭଳି ବିଶ୍ୱ ଦରବାରରେ ସ୍ଥାନ ପାଇବ ସେ ଦିଗରେ ଏହି ସୁବିଧା କେନ୍ଦ୍ର କାର୍ଯ୍ୟ କରିବ । ଏହା ଷ୍ଟାର୍ଟ ଅପ୍ ମାନଙ୍କୁ ମଧ୍ୟ ଦିଗଦର୍ଶନ ଦେବ । ଭୋକାଲ ଫର ଲୋକାଲ ଏବଂ ଲୋକାଲ ଟୁ ଗ୍ଲୋବାଲ ମନ୍ତ୍ରରେ ଏହି ସୁବିଧା କେନ୍ଦ୍ରକୁ ଏକ ପର୍ଯ୍ୟଟନସ୍ଥଳୀ ଭାବରେ ବିକଶିତ କରାଯିବ । ଯେଉଁଠାରେ ଦର୍ଶକ ସ୍ୱଚକ୍ଷୁରେ ତାରକସି ସମାଗ୍ରୀ ପ୍ରସ୍ତୁତି ପ୍ରଣାଳୀ ଦେଖିପାରିବେ । ତାରକସି ଭଳି ଏକ କଠିନ କାର୍ଯ୍ୟକୁ କିଭଳି ଆମ କାରିଗର ମାନେ ପିଢୀ ପରେ ପିଢୀ ବଂଚାଇ ରଖିଛନ୍ତି ତାହା ଏହି ସୁବିଧା କେନ୍ଦ୍ରରେ ସଂରକ୍ଷିତ ହୋଇ ରହିବ । କଟକର ଏହି ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରକୁ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା



ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତା ଆଠ ମାସ ମଧ୍ୟରେ ଏହି ସୁବିଧା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମତୀ ପରିଡା ପ୍ରତିଶ୍ରୁତି ଦେଇଛନ୍ତି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋଟା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସ , କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନର ସିଏମଡି ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟ ନିକଟ

# ଦୋକାନଗୁଡିକରେ ଏସ୍‌ଟିଏଫ୍‌ର ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଅପରେସନ ମୁକ୍ତି ନାମରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଭୁବନେଶ୍ୱରର ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟ ନିକଟ ଦୋକାନଗୁଡିକରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ସିଗାରେଟ୍, ବ୍ରାଉନସୁଗର ପ୍ରଭୃତି ଜବତ କରିଛି । ନାର୍କୋଟିକ୍ସ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡିଛି । କେତେକ ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି । ସେମାନଙ୍କ ଉପରେ ପଦକ୍ଷେପ ନିଆଯିବ ବୋଲି ଚଢାଉରେ ସାମିଲ ଥିବା ଅଫିସର କହିଛନ୍ତି ।

ପଟିଆ ଓ ଖଣ୍ଡଗିରି ଅଞ୍ଚଳରେ ଥିବା ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟରେ ଅଧିକ ଟଙ୍କା ଦେଇ ଉଚ୍ଚଶିକ୍ଷା ଲାଭ ପାଇଁ ବାପ-ମା'ମାନେ ପିଲାଙ୍କୁ ପଠାଉଥିବା ବେଳେ ସେମାନେ ଡ୍ରଗ୍ସ ଜାଲରେ ଛନ୍ଦି ହୋଇଯାଉଛନ୍ତି । ଗୁଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍ କମିଶନରେଟ୍ ପୋଲିସ ସହାୟତାରେ ଦୁଇଟି ବିଶ୍ୱବିଦ୍ୟାଳୟ ନିକଟରେ ଥିବା ସଂଖ୍ୟାଧିକ ଦୋକାନରେ ଚଢାଉ କରି ଗଞ୍ଜେଇ ସିଗାରେଟ୍, ଗଞ୍ଜେଇ, ବ୍ରାଉନସୁଗର, ଗୁଟ୍‌ଖା, ସିଗାରେଟ୍, ଖଇନି ପ୍ରଭୃତି ଜବତ କରିଛି । ନିଷିଦ୍ଧ ନିଶାକୁ ବ୍ୟବସାୟୀମାନେ ଚୋରାରେ ଛାତ୍ରମାନଙ୍କୁ ବିକ୍ରି କରୁଛନ୍ତି । ଗଞ୍ଜେଇ ସିଗାରେଟ୍ ପାଇଁ କୋଡ୍ ଓ୍ୱାର୍ଡ ବ୍ୟବହାର କରାଯାଉଛି । ଯେତେବେଳେ ଛାତ୍ରଛାତ୍ରୀମାନେ କୋଡ୍‌ଓ୍ୱାର୍ଡରେ ନିଶା ମାଗିବେ ପାଖରେ ଥିବା ଅନ୍ୟ ଗ୍ରାହକ ତାହା ସହଜରେ ବୁଝିପାରିବେ ନାହିଁ । ନାର୍କୋଟିକ୍ସ ପାଇଁ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରୁଛି ଏସ୍‌ଟିଏଫ୍ ।

କିଛିଦିନ ତଳେ କମିଶନରେଟ୍ ପୋଲିସ ପକ୍ଷରୁ ପାତ୍ରପଡା ଅଞ୍ଚଳର ବିଭିନ୍ନ ଦୋକାନରେ ଚଢାଉ କରାଯାଇଥିଲା । ବିପୁଳ ପରିମାଣର ଗଞ୍ଜେଇ, ଗଞ୍ଜେଇ ସିଗାରେଟ୍ ଜବତ କରାଯିବା ସହ ଜରିମାନା ମଧ୍ୟ ଆଦାୟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କେତେକଙ୍କୁ ନାର୍କୋଟିକ୍ସ ବିକ୍ରି ଅଭିଯୋଗରେ କୋର୍ଟଚାଲାଣ କରାଯାଇଥିଲା । ଭୁବନେଶ୍ୱରର ସମଗ୍ର ଅଞ୍ଚଳରେ ଥିବା ଛୋଟ ଛୋଟ ଦୋକାନ ଯଥା-ପାନ, ଚାହା, ଗ୍ରୋସରୀ ପ୍ରଭୃତି ଦୋକାନରେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ବିକ୍ରି ହେଉଛି । ଯେଉଁ ଅଞ୍ଚଳରେ ଚଢାଉ କରାଯାଉଛି, କେବଳ ସେହି ଅଞ୍ଚଳରେ ବିକ୍ରିର ହେଉଛି, ଅନ୍ୟ ଆଡେ ବିକ୍ରି ହେଉନାହିଁ ତାହା କହିବା ଠିକ୍ ହେବନାହିଁ । ବାରମ୍ବାର ଚଢାଉ କରାଗଲେ ଚୋରାରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଭୟ ହେବା ସାଙ୍ଗକୁ ସେବନକାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ମଧ୍ୟ ହେବ । ଶିକ୍ଷାନୁଷ୍ଠାନ ନିକଟରେ ଗଞ୍ଜେଇ, ବ୍ରାଉନସୁଗର ପ୍ରଭୃତି ବିକିବା ଦ୍ୱାରା ଛାତ୍ରଛାତ୍ରୀମାନେ ତାକୁ ସହଜରେ ଅଭ୍ୟାସ କରିନେଉଛନ୍ତି । ନିଷିଦ୍ଧ ନିଶା ନମିଳିଲେ ହୁଏତ ଯୁବପିଢି ତାହା ସେବନ କରିବାରୁ ଦୂରେଇ ରହିବେ ବୋଲି ମତ ଦେଇଛନ୍ତି ଚଢାଉରେ ସାମିଲ ଥିବା ବରିଷ୍ଠ ଅଧିକାରୀ ।

### ଆଉ ୨୦୦ ଏମବିବିଏସ୍ ସିଟରେ ନାମ ଲେଖା

# କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ୨୦୦ ଏମବିବିଏସ ସିଟ୍‌ରେ ନାମ ଲେଖା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ(ଜେପି) ନଡ୍ଡାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦିଲ୍ଲୀରେ ଭେଟି ପ୍ରସ୍ତାବ ଦେଇଛନ୍ତି ।

ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ (ପିଏମ୍‌ପିଏମ୍‌ସି)ରେ ୧୦୦ଟି ସିଟ ଓ ଫୁଲବାଣୀର ସରକାରୀ ମେଡିକାଲ କଲେଜ(ଜିଏମସି)ରେ ୧୦୦ଟି ଏମବିବିଏସ୍ ସିଟରେ ନାମଲେଖା ନିମନ୍ତେ ଅନୁମତି ମାଗିଛନ୍ତି । ଫୁଲବାଣୀରେ ନୂଆ ମେଡିକାଲ କଲେଜ ସ୍ଥାପନ ହୋଇଥିବାରୁ ରାଜ୍ୟରେ ଡାକ୍ତରଙ୍କ ଅବଶ୍ୟକତା ରହିଛି । କଲେଜ ପାଇଁ ଡିନ ଓ ପ୍ରିନ୍ସପାଲ ପଦବୀ ଲାଗି ଗତ ଜନୁଆରୀ ୧୮ ତାରିଖରୁ ନ୍ୟାସନାଲ ମେଡିକାଲ କମିଶନ ପୋର୍ଟାଲରେ ଆବେଦନ କରିସାରିଛନ୍ତି । ନ୍ୟାସନାଲ ମେଡିକାଲ କମିଶନ ଟିମ ମଧ୍ୟ ଗତ ଜୁନ ୨୩ ତାରିଖରେ ଉଭୟ ତାଳଚେର ଓ ଫୁଲବାଣୀ ମେଡିକାଲ କଲେଜ ପରିଦର୍ଶନ କରି ସାରିଛନ୍ତି । ଏହସହ ଟିମ୍ ଜୁଲାଇ ୧୦ରେ ନୋଟିସ ମଧ୍ୟ ଦେଇସାରିଛନ୍ତି । ଏହାରି ଭିତରେ ଉଭୟ କଲେଜ ପାଇଁ ଡିନ ଓ ପ୍ରିନ୍ସପାଲ ସେମାନଙ୍କ ଜରୁରୀ ଦସ୍ତାବିଜ ପୈଠ କରିସାରିଛନ୍ତି । ଏହି ମେଡିକାଲ କଲେଜ ଉନ୍ନତିକରଣ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ବିକାଶ ଲାଗି ରାଜ୍ୟ ସରକାର ବଜେଟ ବ୍ୟବସ୍ଥା କରିଛନ୍ତି । ଉଭୟ କଲେଜରେ ନାମ ଲେଖା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ବ୍ୟକ୍ତିଗତ ଭାବେ ବିଚାର କରି ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅନୁରୋଧ କରିଛନ୍ତି ।

### ସରକାରୀ କଳରୁ ବିଦା ହେବେ ଅପାରଗ ବାବୁ

# ୭ ସୁଦ୍ଧା ରିପୋର୍ଟ ଦେବାକୁ ସବୁ ବିଭାଗକୁ ସିଏସ୍‌ଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : ସରକାରୀ ଅଫିସରୁ ବିଦା ହେବେ ଅପାରଗ କର୍ମଚାରୀ । ନିୟମ ଅନୁଯାୟୀ କାମ କରୁନଥିଲେ ଦିଆଯିବ ବାଧ୍ୟତାମୂଳକ ଅବସର । ବିଭିନ୍ନ ସରକାରୀ ଅଫିସରେ କାମରେ ଖିଲାପକାରୀ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟର ତଥ୍ୟ ମାଗିଛନ୍ତି ମୁଖ୍ୟ ଶାସନ ସଚିବ(ସିଏସ୍) । ଆସନ୍ତା ୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ସବୁ ବିଭାଗକୁ କଡ଼ା ନିର୍ଦ୍ଦେଶ ହୋଇଛି । ଯାହାକି ନିର୍ଦ୍ଦିଷ୍ଟ ଫର୍ମାଟରେ ମଗାଯାଇଛି ।

କେଉଁ ବିଭାଗରେ କେତେ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରଧୀନ ରହିଛି? ମାସକରେ କେଉଁ କର୍ମଚାରୀ କେତେ ଦିନ କାମ କରୁଛନ୍ତି ? କେତେ ଅଧିକାରୀ କେତେ ଥର ଫିଲ୍ଡ ଭିଜିଟ୍ କରିଛନ୍ତି ? କାମ କରୁନଥିବା କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ? କେଉଁ ବିଭାଗରେ କେତେ ପଦବୀ ଖାଲି ଅଛି? ଅଧିକାରୀଙ୍କ ଦକ୍ଷତା ବିକାଶ ପାଇଁ କଣ ପଦକ୍ଷେପ ନିଆଯାଇଛି ଓ କେତେ ଅଧିକାରୀ ଏଆଇ ଫ୍ରି କ୍ଲାସ ଦ୍ୱାରା ଟ୍ରେନିଂ ନେଇଛନ୍ତି ? ଏନେଇ ମଧ୍ୟ ବିସ୍ତୃତ ତଥ୍ୟ ମାଗିଛନ୍ତି ମୁଖ୍ୟ ସଚିବ ।

ଅପାରଗ କର୍ମଚାରୀଙ୍କୁ ବିଦା କରିବାକୁ ଗତ ଜୁଲାଇ ୧୫ରେ ସଚିବ ସ୍ତରୀୟ ବୈଠକ ବେଳେ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ଆଲୋଚନା । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ କଠୋର ଆଭିମୁଖ୍ୟ ପୋଷଣ କରିଥିଲେ । ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପେଟମ୍ବର ୨୪ର ସର୍କୁଲାର ଅନୁଯାୟୀ, ଅପାରଗ ଅଧିକାରୀମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେବାକୁ ସ୍ପଷ୍ଟ ଭାବେ ଶୁଣାଇଥିଲେ ମୁଖ୍ୟ ଶାସନ ସଚିବ । ଏମିତି କି ଯେଉଁ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ରହିଛି ତା'ର ତଥ୍ୟ ଏଚ୍‌ଆରଏମଏସ୍ ଓ୍ୱେବସାଇଟରେ ଦାଖଲ କରିବା ସହ ଏହାର ନିୟମିତ ସମୀକ୍ଷା କରି ଫୈସଲା କରିବାକୁ ବି କହିଥିଲେ । ଏହା ପୂର୍ବରୁ ସେପେଟମ୍ବର ୨୭ରେ ଜିଲ୍ଲାପାଳ ସମ୍ମିଳନୀରେ ଏନେଇ ବି ରୋକଠୋକ୍ ଶୁଣାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେକାଳ ପଖାଳ ଆଉ ନାହିଁ, ତେଣୁ ଅପାରଗ ଅଧିକାରୀ ନିଜ ମାନସିକତା ପରିବର୍ତ୍ତନ ପାଇଁ ସେତେବେଳେ ଆହ୍ୱାନ ଦେଇଥିଲେ ମୁଖ୍ୟମନ୍ତ୍ରୀ ।

### ଜଷ୍ଟିସ୍ ସଙ୍ଗମ କୁମାର ସାହୁ ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ

କଟକ,(ସବ୍ୟୁ): ଓଡିଶା ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ ଭାବେ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ନିଯୁକ୍ତ ହୋଇଛନ୍ତି । ଏ ନେଇ ରାଜ୍ୟ – ସେବା ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକଙ୍କ ନିର୍ଦ୍ଦେଶକ୍ରମେ, ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଭାବେ ଜଷ୍ଟିସ୍ ସାହୁଙ୍କୁ ମନୋନୀତ କରାଯାଇଛି । ଗତ ୪ତାରିଖରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ସାହୁ ରାଜ୍ୟ ଆଇନସେବା ପ୍ରାଧିକରଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବାବେଳେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନେଇଥିଲେ । ଶ୍ରୀ ସାହୁଙ୍କ ପଦକ୍ଷେପ ପାଇଁ ସମାଜର ତଳସ୍ତରରେ ଥିବା ବହୁ ଗରିବ ତଥା ଦୁଃସ୍ଥ ଲୋକ ନ୍ୟାୟ ପାଇପାରିଥିଲେ। ଜଷ୍ଟିସ୍ ସାହୁଙ୍କ ଏଭଳି ପଦକ୍ଷେପକୁ ସମଗ୍ର ରାଜ୍ୟରେ ଭୂରିଭୂରି ପ୍ରଶଂସା କରାଯାଇଥିଲା।

### ଦୂରଦୃଷ୍ଟିରୁ ବେଗ ପର୍ଯ୍ୟନ୍ତ ମାସିକ ସମୀକ୍ଷା ଅଭିଯାନ ଆରମ୍ଭ କଲେ ନଗର ଉନ୍ନୟନ

# ପାର୍କରେ ଭିନ୍ନକ୍ଷମଙ୍କ ପାଇଁ ସୁଲଭ ଭିତ୍ତିଭୂମି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ସହରାଞ୍ଚଳ ଉନ୍ନୟନ ଏଜେଣ୍ଡାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଗୃହନିର୍ମାଣ ଓ ନଗରୁନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ଖାରବେଳ ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏକ ନୂତନ ଶାସନ ବ୍ୟବସ୍ଥାର ଆରମ୍ଭକୁ ଚିହ୍ନିତ କରି ମନ୍ତ୍ରୀ ଘୋଷଣା କରିଥିଲେ ଯେ ପ୍ରତି ମାସର ପ୍ରଥମ ମଙ୍ଗଳବାର ବର୍ତ୍ତମାନ ଗୃହନିର୍ମାଣ ଓ ନଗରୁନ୍ନୟନ ବିଭାଗ ବିଭାଗ ପାଇଁ ଏକ ଉତ୍ସର୍ଗୀକୃତ ସମୀକ୍ଷା ଦିବସ ହେବ। ବିଭାଗ ଅଧୀନରେ ଥିବା ସମସ୍ତ ଫ୍ଲାଗସିପ୍ ସ୍କିମ୍ ଏବଂ ପଦକ୍ଷେପଗୁଡ଼ିକରେ ରିଅଲ୍ ଟାଇମ୍ ମନିଟରିଂ, ତ୍ୱରିତ କାର୍ଯ୍ୟକାରିତା ଏବଂ ଉନ୍ନତ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି "ପ୍ରଥମ ମଙ୍ଗଳ ବାର ସମୀକ୍ଷା ଦିବସ" ଶୀର୍ଷକ ଏହି ସଂସ୍ଥାଗତ ସମୀକ୍ଷା ଢାଞ୍ଚା।

ଆଜି ବୈଠକରେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ସହାରୀ ବିକାଶ ଯୋଜନା ଏବଂ ଏହାର ପ୍ରମୁଖ ଉପାଦାନଗୁଡ଼ିକର ବ୍ୟାପକ ସମୀକ୍ଷା କରିଥିଲେ। ପରିମଳ, ଭିତ୍ତିଭୂମି, ସଫେଇ କର୍ମଚାରୀଙ୍କ ମର୍ଯ୍ୟାଦା ଓ କଲ୍ୟାଣ ପାଇଁ ଗରିମା ଯୋଜନାର କାର୍ଯ୍ୟକାରିତା ଏବଂ ବଜେଟ୍ ଉପଯୋଗର ଅଗ୍ରଗତିର ଆକଳନ କରିଥିଲେ। ଠିକ୍ ସମୟରେ ଫଳାଫଳର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେଇ ସେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ କାର୍ଯ୍ୟକାରିତାକୁ ସୁବ୍ୟବସ୍ଥିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ୧୧୫ଟି ସମାବେଶୀ ଡିଜାଇନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ ପାର୍କରେ ଭିନ୍ନକ୍ଷମଙ୍କ ପାଇଁ ସୁଲଭ ଭିତ୍ତିଭୂମି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ

ଆଲୋଚନା ହୋଇଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସଚିବ ଏବଂ ବିଭାଗର ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ। ଖାରବେଳଭବନ୍ର ତୃତୀୟ ମହଲାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଅଧିବେଶନ ଏକ ଫଳାଫଳ ଭିତ୍ତିକ ସମୀକ୍ଷା ବ୍ୟବସ୍ଥାର ଆରମ୍ଭକୁ ଚିହ୍ନିତ କରେ ଯାହା ଗଠନମୂଳକ, ସମାବେଶୀ ଏବଂ ଦକ୍ଷ ବିକାଶ



ସହରାଞ୍ଚଳରେ ୨୪ ଘଣ୍ଟିଆ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ଆହ୍ୱାନ ଦେବା ସହ ଟ୍ୟାପ୍ ରୁ ପାନୀୟ ଜଳ ମିଶନ ଉପରେ ଗୁରୁତ୍ୱ ଦେଇଥିଲେ। ପାର୍କ, ପାଠାଗାର ଏବଂ କଲ୍ୟାଣ ମଣ୍ଡପ ଭଳି ସାର୍ବଜନିକ ସୁବିଧାର ବିକାଶର ସମୀକ୍ଷା କରି ସେ ଦ୍ୱାରା ନିଜସ୍ୱ ରାଜସ୍ୱ ବୃଦ୍ଧି, ବିଭାଗର ଖାଲି ପଦବୀ ପୂରଣ ଏବଂ ଉନ୍ନତ ସହରାଞ୍ଚଳ ଶାସନ ଏବଂ ସେବା ପ୍ରଦାନ ପାଇଁ ଦକ୍ଷତା ବୃଦ୍ଧି ଅନ୍ତର୍ଭୁକ୍ତ। ଏହି ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସମେତ ପୌର ନିର୍ଦ୍ଦେଶକ , ସ୍ୱତନ୍ତ୍ର ସଚିବ, ସମସ୍ତ ଅତିରିକ୍ତ ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳକୁ ପରିବର୍ତ୍ତନ କରିବାକୁ ସରକାରଙ୍କ ପ୍ରତିବଦ୍ଧତା ସହିତ ମେଳ ଖାଉଛି ପ୍ରାତ୍ୟେକ ମାସ ପ୍ରଥମ ମଙ୍ଗଳ ବାର ସମୀକ୍ଷା ଅଭିଯାନ ନୀତିରୁ କାର୍ଯ୍ୟଦକ୍ଷତା ଆଡକୁ ଯିବାର ସରକାରଙ୍କ ସଂକଳ୍ପର ପ୍ରତୀକ ଭାବରେ ଛିଡା ହୋଇଛି ।

## ଓଡ଼ିଶାରେ ଦକ୍ଷତା ବିକାଶ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ଖଣି ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଉପରେ ଆଲୋଚନା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଖଣି, ଲଜିଷ୍ଟିକ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଏକ ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ ଆଲୋଚନା କରିବା ପାଇଁ ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ସିଂହ ଚୌଧୁରୀ ଏବଂ ଓଡ଼ିଶାର ଦକ୍ଷତା ବିକାଶ ଏବଂ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ ।

ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ଖଣି କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ବିକାଶକୁ ଇନ୍ଧନ ଯୋଗାଇବା ଏବଂ ବୃହତ ଆକାରରେ ନିଯୁକ୍ତି ସୃଷ୍ଟି କରିବାର ଅପାର ସମ୍ଭାବନା ରହିଛି । ଭାରତରେ ପ୍ରଥମ ଥର ପାଇଁ ନୂଆ ଶୈଳୀରେ ପ୍ରତିଷ୍ଠିତ ହେବାକୁ ଥିବା ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ଖଣି କ୍ଷେତ୍ରରେ ବିଶ୍ୱ ମାନଦଣ୍ଡ ସହିତ ସମାନ ଭାବରେ ପ୍ରାସଙ୍ଗିକ



ଦକ୍ଷତା ସୁଯୋଗ ପ୍ରଦାନ କରିବା ସହ ଦକ୍ଷତା ଅଭାବକୁ ଦୂର କରିବ । ଖଣି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଦକ୍ଷ କର୍ମଚାରୀଙ୍କ ଅଭିବୃଦ୍ଧିକୁ ଆଗେଇ ନେବାରେ ସହାୟକ ହେବ । ଓଡିଶାକୁ ଏକ ଗ୍ଲୋବାଲ୍ ସ୍କିଲ୍ ହବରେ ପରିଣତ କରିବା ପାଇଁ ଥିବା କାର୍ଯ୍ୟପନ୍ଥା ଓ ସମ୍ଭାବନା ଉପରେ ମଧ୍ୟ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ ।

ସେ କହିଥିଲେ, ଜାତୀୟ ଦକ୍ଷତା ତାଲିମ କେନ୍ଦ୍ର (ଏନଏସଟିଆଇ), ଭୁବନେଶ୍ୱରରେ ଦକ୍ଷତା ବିକାଶ ପାଇଁ ଏକ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସାରା ଓଡିଶାରେ ଦକ୍ଷତା ବିକାଶ ଦୃଶ୍ୟପଟ୍ଟକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଏବଂ ସ୍କିଲ୍ ଇଣ୍ଡିଆ ମଧ୍ୟରେ ଥିବା ସମନ୍ୱୟକୁ ବୃଦ୍ଧି କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଓଡ଼ିଶାର ଭବିଷ୍ୟତ ପିଢିଙ୍କୁ ଭବିଷ୍ୟତଗାମୀ ଦକ୍ଷତା ପ୍ରଦାନ ପ୍ରଦାନ କରିବା ପାଇଁ ବଦ୍ଧପରିକର । ଭାରତର ପ୍ରତିଭାବାନ ଯୁବଶକ୍ତି କେବଳ ଭାରତରେ ନୁହେଁ ବରଂ ବିଶ୍ୱସ୍ତରରେ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଆଜି ଏହି କଥାକୁ ବାସ୍ତବରେ ପରିଣତ କରିବା ପାଇଁ ଅଙ୍ଗୀକାରବଦ୍ଧ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

## କେନାଲରେ ବୁଡି ଯୁବକ ନିଖୋଜ

ବାରଙ୍ଗ ,(ସବ୍ୟୁ) : ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକ କେନାଲ କୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ନିଖୋଜ ଅଛନ୍ତି । ଏଭଳି ଘଟଣା ବାରଙ୍ଗ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ରତାଗଡ ଗ୍ରାମ ନିକଟରେ ଥିବା ପୁରୀ ମୁଖ୍ୟ କେନାଲରେ ଦେଖିବାକୁ ମିଳିଛି । ନିଖୋଜ ଯୁବକ ଜଣକ ସ୍ଥାନୀୟ ଷ,,ପୁର ଗ୍ରାମର ପ୍ରଶାନ୍ତ କୁମାର ବେହେରା (୪୦) ଓରଫ ଟୁଲୁ ବୋଲି ଜଣାପଡିଛି । ସ, ମଙ୍ଗଳବାର ସନ୍ଧ୍ୟା ସାଢ଼େ ଛଅଟା ସମୟରେ ରତାଗଡ ଗ୍ରାମନିକଟରେ ପୁରୀ ମୁଖ୍ୟ କେନାଲକୁ ଟୁଲୁ ଗାଧୋଇବାପାଇଁ ଯାଇଥିଲେ ।ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ କେନାଲର ପାଣି ସ୍ରୋତରେ ଭସିଯାଇଥିଲେ ।

## ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ

ଭୁବନେଶ୍ୱର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦୟ ଇଣ୍ଡିଆ ଦ୍ୱାରା ପ୍ରାୟୋଜିତ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଅନୁଷ୍ଠିତ ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଯୋଗଦେଇଛନ୍ତି । ଭାରତରେ ୬୦ ନିୟୁତ ହେକ୍ଟରରୁ ଅଧିକ ଅନୁର୍ବର କିମ୍ବା ଅବ୍ୟବହୃତ ଜମି ଅଛି ଏବଂ ଏଥିରୁ ପ୍ରାୟ ୨୦ ନିୟୁତ ଜୈବିକ କୃଷି ପାଇଁ ଉପଯୁକ୍ତ। ଜୈବିକ ଉତ୍ପାଦର ବିଶ୍ୱ ଚାହିଦା ବୃଦ୍ଧି ପାଇବା ସହିତ, ଏହା ଆମର କୃଷକମାନଙ୍କ ପାଇଁ ସ୍ଥାୟୀ କୃଷି କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ନେବାର ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ବଳଭଦ୍ର ଜୈବିକଚାଷ ମିଶନ ସହିତ, ଆମେ ଆମର ପ୍ରାଚୀନ ଆଦିବାସୀ ଅଞ୍ଚଳଗୁଡ଼ିକୁ ଜୈବିକ କ୍ଲଷ୍ଟରରେ ପରିଣତ କରିବା ଆରମ୍ଭ କରିଛୁ । ଆମର ଚାଷଯୋଗ୍ୟ ଜମିର ପ୍ରାୟ ୩୨ ପ୍ରତିଶତରେ ସର୍ବନିମ୍ନ ରାସାୟନିକ ବ୍ୟବହାର ହେଉଛି । ଏବେ, ଆମେ ଗୋଟିଏ ଜିଲ୍ଲା - ଗୋଟିଏ ଜୈବିକ କ୍ଲଷ୍ଟର, ଆମ୍ବ, ହଳଦୀ, ବାଜରା ଏବଂ ଅଦା ପାଇଁ କୃଷି-ପ୍ରକ୍ରିୟାକରଣ ୟୁନିଟ୍, ରପ୍ତାନି-ମୁଖୀ କୃଷି ପାର୍କ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏଫପିଓ




ସହିତ ଜଡିତ ହୋଇ ଜୈବିକ ମୂଲ୍ୟ ଶୃଙ୍ଖଳ, ମାଣ୍ଡିଆ ଓ ବାଜରା-ଭିତ୍ତିକ ଉଦ୍ୟୋଗ ଏବଂ ଇକୋ-କୃଷି ହବ୍ ବୃଦ୍ଧି କରୁଛୁ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହା ମଧ୍ୟ କହିଛନ୍ତି ଯେ, ନିବେଶକ ଏବଂ ଉଦ୍ଭାବକମାନଙ୍କ ପାଇଁ ଓଡ଼ିଶା ଦୃଢ଼ ନୀତି, ଜମି, ବିଦ୍ୟୁତ୍, ସବସିଡି, ପୁଞ୍ଜି ପ୍ରୋତ୍ସାହନ ଏବଂ ଫାଷ୍ଟ-ଟ୍ରାକ୍ ମଞ୍ଜୁରୀ ପ୍ରଦାନ କରୁଛି । ବିଶ୍ୱସ୍ତରୀୟ ଅଂଶୀଦାର ଓ କୃଷି ଉଦ୍ୟୋଗୀମାନଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରି ଏହି ପରିବର୍ତ୍ତନରେ ଭାଗୀଦାର ହେବାକୁ କହିଛନ୍ତି । ସମ୍ମିଳନୀରେ ନରୱେର କୃଷି ଉଦ୍ୟୋଗୀ ଓଡ଼ିଶାର ପରିବେଶ-କୃଷି କ୍ଷେତ୍ରକୁ ପ୍ରଶଂସା କରିଥିଲେ । ସମ୍ମିଳନୀରେ ଉଦୟ ଇଣ୍ଡିଆ ପତ୍ରିକାର ସମ୍ପାଦକ ଦୀପକ କୁମାର ରଥ, ନୀତି ନିର୍ଦ୍ଧାରକ, କୃଷି-ବ୍ୟବସାୟୀ ନେତା, ଚାଷୀ ସଂଗଠନ, ଭୂମି ସଂସ୍କାର ରପ୍ତାନି ଏବଂ ବିକାଶ ସଂସ୍ଥା ପ୍ରମୁଖ ଯୋଗଦେଇଥିଲେ ।

## ୯ ରେ ସରଳା ଦେବୀଙ୍କ ୧୨୨ ତମ ଜୟନ୍ତୀ ଉତ୍ସବ

# ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କୁ ତୃତୀୟ ସରଳା ଦେବୀ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଚଳିତବର୍ଷ ତୃତୀୟ ସରଳା ଦେବୀ ପୁରସ୍କାର ପାଇବେ ଶତାୟୁ ପୁରୁଷ, ତଥା ବିଶିଷ୍ଟ ସମାଜସେବୀ, ପୂର୍ବତନ ବିଧାୟକ, ନିଶାମୁକ୍ତି ଅଭିଯାନର ମୁଖ୍ୟ ପୁରୋଧା ପଦ୍ମଚରଣ ନାୟକ। ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପଦ୍ମଚରଣ ନାୟକଙ୍କୁ ୧୦,୦୦୦ ଟଙ୍କା ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ । ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ ଜଣଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯିବ ବୋଲି ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ଓ ଜଗତସିଂହପୁର ବିକାଶ ପରିଷଦ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।



ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମାହାପାତ୍ର ତଥା ପରିଷଦର ସଭାପତି ଅଜୟ ଦାସ ଜଣାଇଛନ୍ତି ଯେ ରାଜ୍ୟ ସରକାରଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଟ୍ରଷ୍ଟ ଓ ବିକାଶ ପରିଷଦ ମିଳିତ ଭାବେ ସରଳା ଦେବୀଙ୍କର ୧୨୨ ତମ ଜୟନ୍ତୀ ଉତ୍ସବ ଆସନ୍ତା ଅଗଷ୍ଟ ୯ ତାରିଖରେ ଭୁବନେଶ୍ୱରର ଭଞ୍ଜ କଳାମଣ୍ଡପ ଠାରେ ସନ୍ଧ୍ୟା ୬ଟାରେ ହେବ । ଏଥିରେ ଉଦ୍‌ଘାଟକ ଭାବେ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ଦୀନେଷ ଷଡ଼ଙ୍ଗୀ, ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ସାରଦା ଜେନା, ଡଃ ମନୋରମା ବିଶ୍ୱାଳ ମହାପାତ୍ର, କନ୍ନଡ଼ କବି ଓ ଚଳଚିତ୍ର ନିର୍ମାତା ରମେଶ ନାଗାଥେଲ୍ଲୀ ଓ ମୁଖ୍ୟ ବକ୍ତା ଭାବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗଦେବେ।

ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଓ ସମାଜ ସେବୀ ବିଜୟଲକ୍ଷ୍ମୀ ସାହୁ, ସୃଜନିକାର ପ୍ରତିଷ୍ଠାତା ବିଶିଷ୍ଟ ବୈଜ୍ଞାନିକ ନିଖିଳ ମୋହନ ପଟ୍ଟନାୟକ, କଥାଶିଳ୍ପୀ ଓ ସମାଜ ସେବୀ ମାନସ ଦାସ, ବିଶିଷ୍ଟ ସାମ୍ବାଦିକ, ଲେଖକ ଓ ଗବେଷକ ଡକ୍ଟର ପରେଶ ରଥ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୁଚେତା ପ୍ରିୟବାଦିନୀ, ନାଟ୍ୟପ୍ରେମୀ ଓ ସମାଜ ସେବୀ ଶୁଭକାନ୍ତ ପାଢ଼ୀ ଓ ସମାଜ ସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନ ପ୍ରଦାନ କରାଯିବ । ଜୟପୁରର ଡକ୍ଟର ପରେଶ ରଥଙ୍କ ଲିଖିତ ପୁସ୍ତକ' ଶହୀଦ ଲକ୍ଷ୍ମଣ ନାୟକ ଉନ୍ମୋଚିତ ହେବ। ଉଲ୍ଲେଖନୀୟ ଯେ ପ୍ରଥମ ସରଳା ଦେବୀ ପୁରସ୍କାର ବିଶିଷ୍ଟ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର ପାଇଥିଲା ବେଳେ ଦ୍ୱିତୀୟ ପୁରସ୍କାର ବିଶିଷ୍ଟ ସମାଜ ସେବୀ ତଥା ହିନ୍ଦ ସେବକ ସମାଜର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁଙ୍କୁ ପ୍ରଦାନ କରାଯାଇଥିଲା।

## ପୁରୀ ବସଷ୍ଟାଣ୍ଡରେ ଦୁର୍ବୃତ୍ତଙ୍କ ଆତଙ୍କରାଜ, ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ, (ସବ୍ୟୁ): ବୁଧବାର ଦିନ ସ୍ୱଷ୍ଟ ଦିବାଲୋକରେ ପୁରୀ ବସଷ୍ଟାଣ୍ଡ ପରିସରରେ ଥିବା ତାରିଣୀ ମନ୍ଦିର ଠାରେ କେତେକ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରି ଛନ୍ତି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ରାମଚଣ୍ଡୀ ବାଲି ଉପର ବସ୍ତିର ଜଗନ ବେହେରା। ଜଗନଙ୍କୁ ୧୦ ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ଛୁରୀରେ ସଂଘବଦ୍ଧ ହୋଇ ଅତି ନିର୍ମମ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ତଳେ ପକାଇ ଗୋଇଠା ବିଧା ମାରି ଲହୁଲୁହାଣ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଆକ୍ରମଣର ଶିକାର ହୋଇଥିବା ଜଗନ ପେଟରେ ଗଭୀର ଆଘାତ ଲାଗିଥିବା ସହ ଶରୀରର ଏକାଧିକ ଜାଗାରେ କ୍ଷତ ସୃଷ୍ଟି ହୋଇ ଥିବା ଜଣା ପଡ଼ିଛି। ଆହତ ଯୁବକ ଜଗନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ପୁରୀ ବସଷ୍ଟାଣ୍ଡରେ ଦୁର୍ବୃତ୍ତଙ୍କ ଏଭଳି ଆତଙ୍କରାଜକୁ ଦେଖି ଯାତ୍ରୀ ଓ ପର୍ଯ୍ୟଟକମାନେ ଭୟଭୀତ ହୋଇ ପଡିଥିଲେ। ପୁରୀ ଭଳି ଏକ ଧାର୍ମିକ ତଥା ପର୍ଯ୍ୟଟନ ସହରରେ ଦିନ ଦ୍ୱିପହରରେ ଦୁର୍ବୃତ୍ତମାନଙ୍କ ଏଭଳି ଆତଙ୍କରାଜକୁ ଦେଖି ଜନସାଧାରଣ ଓ ପର୍ଯ୍ୟଟକ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି।

## ନାବାଳିକାଙ୍କୁ ବଳାତ୍କାର : ଆସାମୀକୁ ୨୦ବର୍ଷ ଜେଲ୍, ୧ଲକ୍ଷ ଜୋରିମାନା

କଟକ,(ସବ୍ୟୁ): ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାରେ ଆସାମୀ ଲିଟୁ ପାତ୍ର(୪୦)କୁ କଟକ ଆଡହକ୍ ତଥା ଅତିରିକ୍ତ ସେସନ୍ସ ଜଜ୍ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ଆସାମୀ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ଶାରିରୀକ ଏବଂ ମାନସିକ ନିର୍ଯ୍ୟାତନା ଦିଆଯାଇଥିବାରୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ଅଭିଯୁକ୍ତ ଲିଟୁ ପାତ୍ରର ଘର ପିପିଲି ଥାନା ଅନ୍ତର୍ଗତ ମାଧପୁର ଗ୍ରାମରେ ହୋଇଥିଲାବେଳେ ସେ ମାହାଙ୍ଗାର ଭଦ୍ରେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ। ୨୦୨୪ ମସିହା ସେପ୍ଟେମ୍ବର ୧୬ ତାରିଖରେ ୭ବର୍ଷର ଝିଅଟି ଗାଁ ଦାଣ୍ଡରେ ଖେଳୁଥିଲାବେଳେ ଆସାମୀ ଲିଟୁ ପାତ୍ର ତାକୁ ଚକେଲଟ୍ ଦେବାକୁ କହି ଘରକୁ ଡାକି ଆଣିଥିଲା। ଝିଅଟିକୁ ବଳାତ୍କାର କରିଥିଲା। ଝିଅଟି କୌଣସି ପ୍ରକାରେ ଖସି ପଳାଇ ଆସି ଘରେ ଏହି ଘଟଣା ସମ୍ପର୍କରେ କହିଥିଲା । ପରିବାର ପକ୍ଷରୁ ଏନେଇ ଭଦ୍ରେଶ୍ୱର ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲା ଆଧାରରେ ପୁଲିସ୍ ଅଭିଯୁକ୍ତ ଲିଟୁ ପାତ୍ରକୁ ଗିରଫ କରିଥିଲା । ଏହି ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ଅଦାଲତରେ ହୋଇଥିଲା। ଅଦାଲତ ଏହି ମାମଲାରେ ରାୟ ପ୍ରକାଶ କରି ଅଭିଯୁକ୍ତ ଲିଟୁ ପାତ୍ରକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

## ମେଗା ଆୟୁର୍ବେଦ ସମ୍ମିଳନୀ "ଚରକାୟତନ' ଉଦ୍‌ଯାପିତ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ଆୟୁର୍ବେଦ କାର୍ଯ୍ୟକ୍ରମ "ଚରକାୟତନ' ଉଦଯାପିତ ହୋଇଯାଇଛି । ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଓ ଶିକ୍ଷାନବୀଶଙ୍କୁ ନେଇ ଚାଲିଥିବା ଏହି କାର୍ଯ୍ୟକ୍ରମ ପ୍ରକୃତ ପକ୍ଷରେ ଆୟୁର୍ବେଦର ପୁନଃ ଜାଗରଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା । ସାରା ବିଶ୍ୱରେ ଯୋଗ ଭଳି, ଚରକ ସଂହିତା ଅନୁସରଣରେ ଆୟୁର୍ବେଦ ମଧ୍ୟ କିଭଳି ଜନପ୍ରିୟ ହୋଇପାରିବ, ସେ ସମ୍ପର୍କରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆୟୁର୍ବେଦ ବିଶାରଦମାନେ ସାତଦିନବ୍ୟାପୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଆନୁକୁଲ୍ୟରେ ଆୟୋଜିତ ଚରକାୟତନ ସମ୍ମିଳନୀର ଉଦଯାପନୀ ଉତ୍ସବରେ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ କାର୍ଯ୍ୟକ୍ରମ ପରିଚାଳିକା ଡ. ରିୟା ଗୋୟଲ ସାମ୍ପ୍ରତିକ ସମୟରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ । ବିଦ୍ୟାପୀଠର ଗୁରୁ ପ୍ରଫେସର ଉପେନ୍ଦ୍ର ଦୀକ୍ଷିତ ଏବଂ ପ୍ରଫେସର ସଞ୍ଜୟ କାଡ଼ିମାଟି କେଉଁ ପରିପ୍ରେକ୍ଷୀରେ ଚରକାୟତନ ଆୟୋଜନ କରାଗଲା, ତାହା ବର୍ଣ୍ଣନା କରିଥିଲେ । ଉଦଯାପନୀ ଉତ୍ସବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ ଆୟୁର୍ବେଦର ପ୍ରଚାର ଓ



ପ୍ରସାର ନିମନ୍ତେ ଅବିରତ କାର୍ଯ୍ୟ କରୁଥିବାରୁ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା ଓ ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ବୈଦ୍ୟ ଡ. ଉପେନ୍ଦ୍ର ଦୀକ୍ଷିତ, ପ୍ରଫେସର ସଞ୍ଜୟ କାଟିମାଟି, ଡ. କ୍ଷୀରାବ୍ଧୀ, ଡ. ଅଖିଳେଶ କର, ଡ. ଲୋପାମୁଦ୍ରା ଦାଶ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ସଭାପତି ଭାବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ ଯୋଗ ଦେଇଥିବା ବେଳେ କୁଳସଚିବ ଅନିଲ କୁମାର ଶର୍ମା ମୁଖ୍ୟବକ୍ତା ଏବଂ ବିଭାଗୀୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ଡେପୁଟି ଡିନ୍ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସଂହିତା ବିଭାଗ ମୁଖ୍ୟ ପ୍ରଫେସର କେ.ଟି. ରାଉତରାୟ ଧନ୍ୟବାଦ ଦେଇଥିଲେ । ଡାକ୍ତର ଦେବୀକା ଶ୍ରୀନିବାସନ ଏବଂ ଡାକ୍ତର ମୀରା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ।

## ଓଡ଼ିଶାର କ୍ୟାଡେଟମାନଙ୍କ ନିମନ୍ତେ ଏନ୍‌ସିସି ସିଏଟିସି କ୍ୟାମ୍ପ ୨୦୨୫ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ରେ ଆୟୋଜିତ ଏକ ୧୦ ଦିନିଆ ଏନ୍‌ସିସି କମ୍ବାଇନଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ (ସିଏଟିସି) ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ୟାମ୍ପ ୪ (ଓ) କଟକ ଓ ୧ (ଓ) ମେଡିକାଲ୍ ୟୁନିଟର ସହଯୋଗରେ ଜୁଲାଇ ୨୩ ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଶିକ୍ଷା ସଂସ୍ଥାନରୁ ପ୍ରାୟ ୪୨୦ ଜଣ ଏନ୍‌ସିସି କ୍ୟାଡେଟ ଏବଂ ୩୦ ଜଣ ସେନା କର୍ମଚାରୀ ଏନ୍‌ସିସି ସିଏଟିସି କ୍ୟାମ୍ପ ୨୦୨୫ରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ୪ (ଓ) କଟକର କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ୍ ଶାନ୍ତନୁ ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କ୍ୟାମ୍ପର ଶୁଭାରମ୍ଭ କରିବା ସହ ଯୋଗ ଦେଇଥିବା କ୍ୟାଡେଟମାନଙ୍କୁ ଦୈନିକ କ୍ରିୟାକଳାପ, ଅନୁଶାସନ, ସହଯୋଗ ଓ ଜାତୀୟ ଭାବନାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କ୍ୟାମ୍ପରେ ଅଂଶ ଗ୍ରହଣ କରିଥିବା ସଂସ୍ଥାଗୁଡ଼ିକ ହେଲେ ଏମ୍‌ଏସ୍ ହାଇସ୍କୁଲ, ଏଏନ୍ ହାଇସ୍କୁଲ, ଏମ୍‌ପିଏଲ୍



ସ୍କୁଲ, ଭକ୍ତ ମଧୁ ପବ୍ଲିକ ସ୍କୁଲ, ରାଣିହାଟ ହାଇସ୍କୁଲ, କେଡବ୍ଲ୍ୟୁଏସ୍ ଜରିପଡ଼ା, କଖଡି ହାଇସ୍କୁଲ୍, ସିସି ସ୍କୁଲ, ବାଦାମବାଡି ହାଇସ୍କୁଲ, ଶୈଳଗୋବିନ୍ଦପୁର ହାଇସ୍କୁଲ, ସଇଦ୍ ସେମିନାରୀ, ଗୁରୁନାନକ ହାଇସ୍କୁଲ ଏବଂ ମହାବିଦ୍ୟାଳୟ ଭାବେ ଆଇଟିଇଆର, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଏବଂ ଆର୍ୟ୍ୟନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି। ଏହି ଶିବିରରେ କ୍ୟାଡେଟମାନେ ଶାରୀରିକ ଅଭ୍ୟାସ, ଏନ୍‌ସିସି ବିଷୟରେ ଥିଓରୀ କ୍ଲାସ ଯଥା ଜୁଡିସିଆରୀ ଡ୍ୟୁଟିସ୍ ଅଫ୍ ଫିଲ୍ଡ ସର୍ଭିସ (ଜେଡିଏଫ୍‌ଏସ୍), ମ୍ୟାପ୍ ରିଡିଙ୍ଗ, ଇଣ୍ଡିଆନ୍ ଜିଓଗ୍ରାଫି ଉପରେ ଶିକ୍ଷା ଗ୍ରହଣ କରିଥିବା ବେଳେ ଗାର୍ଡ ଅଫ୍ ଅନର୍, ପାଇଲଟିଂ ଏବଂ ନେତୃତ୍ୱ ପ୍ରଶିକ୍ଷଣ ନେଇଥିଲେ।

ଜୁଲାଇ ୨୯ ତାରିଖରେ ଏହି କ୍ୟାମ୍ପରେ ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରୁପ୍ କମାଣ୍ଡରଙ୍କ ଦର୍ଶନ ଓ ପ୍ରେରଣାକୁ ନେଇ କ୍ୟାଡେଟମାନଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଅତୀତ ହେଉଛି ଇତିହାସ, ଭବିଷ୍ୟତ ହେଉଛି ରହସ୍ୟ ଏବଂ ବର୍ତ୍ତମାନ ହେଉଛି ଏକ ଉପହାର। ଏହା କ୍ୟାଡେଟମାନଙ୍କୁ ବର୍ତ୍ତମାନର ମୂଲ୍ୟକୁ ବୁଝାଇବା ସହ ଉତ୍ତମ ଜୀବନଯାପନ କରିବା ନିମନ୍ତେ ପ୍ରେରଣା ଦେଇଥିଲା। ଏହି ଶିବିରରେ କ୍ୟାଡେଟମାନେ ଦଳୀୟ ମନୋଭାବ ଏବଂ ବିଭିନ୍ନ କୋ÷ଶଳ ପ୍ରଦର୍ଶନ କରିଥିଲେ। ଏହା ସହିତ ସେମାନଙ୍କ ମଧ୍ୟରେ ଏରିଆ ପ୍ରତିଯୋଗିତା ଏବଂ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଯଦ୍ୱାରା ସମ୍ପୂର୍ଣ୍ଣ ଶିବିରରେ ଏକତା ବୃଦ୍ଧି ପାଇଥିଲା।

ଅଗଷ୍ଟ ୧ ତାରିଖରେ ଏହି କ୍ୟାମ୍ପର ଉଦ୍‌ଯାପନୀ ଉତ୍ସବରେ ସୋଆ ବିଶ୍ୱବିଦ୍ୟାଳୟର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି କମ୍ପାନୀମାନଙ୍କୁ ପୁରସ୍କାର ବଂଟନ କରିଥଲେ। ଏହି ଶିବିରକୁ ୧ (ଓ) ମେଡିକାଲ୍ ୟୁନିଟ୍‌ର ମେଡିକାଲ୍ ଓସି ମେଜର ଆଶୁତୋଷ ତ୍ରିପାଠୀ ସମ୍ପୂର୍ଣ୍ଣ ଶିବିରରେ ଅଂଶ ଗ୍ରହଣ କରିଥିବା କମ୍ପାନୀମାନଙ୍କର ଚିକିତ୍ସା ଓ ସୁରକ୍ଷିତ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଇଥିଲେ। ଲେଫ୍ଟନାଂଟ କର୍ଣ୍ଣେଲ ଶାନ୍ତନୁ ଦେ ଅନ୍ତିମ ଅଭିଭାଷଣରେ କ୍ୟାଡେଟ, ଅନ୍ୟ ଅଧିକାରୀ ଓ ସେବକମାନଙ୍କ ଦ୍ୱାରା ଏହି ଶିବିର ସଫଳତାର ସହ ସମାପନ ହେଲା ବୋଲି ଘୋଷଣା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଉଜ ହତ୍ୟା : ଦିଅର ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଘର ବାଡି ରାସ୍ତା ବନ୍ଦ କୁ କେନ୍ଦ୍ରକରି ଗତକାଲି ଅତି ନୃଶଂସଭାବେ ଭାଉଜ କୁ ହତ୍ୟା କରିବା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମଣ ପ୍ରଧାନ ଓରଫ କାଳିଆ କୁ ପୁଲିସ ଗିରଫ କରିଥିବା ଜଣାଯାଇଛି। ଏହି ଘଟଣାରେ ଏବେ ବି ଅନ୍ୟ ୬ଜଣଙ୍କୁ ପୁଲିସ ଧରିନଥିବା ଜଣାଯାଇଛି। ସଦରଥାନା ଅନ୍ତର୍ଗତ ଅଣ୍ଡା ବନମାଳିପୁର ପରିଡ଼ା ସାହି ର ମନୋରମା ପ୍ରଧାନ (୫୪)ଙ୍କୁ ଗତକାଲି ସନ୍ଧ୍ୟାରେ ଜାଗାବାଡି କେନ୍ଦ୍ର କରି ଦିଅର କାଳିଆ ସମେତ ରାକେଶ, ଅବିନାଶ, ରାଜେଶ, ଶତୃଘନ ପ୍ରମୁଖ ୬ଜଣ ମିଶି ଧାରୁଆ ଅସ୍ତ୍ରରେ ଅତି ନିର୍ମମଭାବେ ହତ୍ୟା କରିଥିବା ମୃତାଙ୍କ ଭାଇ ଅଭିମନ୍ୟୁ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିମନ୍ୟୁଙ୍କ ଅଭିଯୋଗ ଉପରେ ପୁଲିସ ଦଫା ୧୦୩ (୧), ୩(୫) ବିଏନ୍‌ଏସ୍ ରେ ୨୩୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖୋର୍ଦ୍ଧା ମେଡିକାଲ ରେ ଶବ ବ୍ୟବଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯଦିଓ ପୁଲିସ ଜଣଙ୍କୁ ଗିରଫ କରିଛି, ତଥାପି ଅନ୍ୟ ୬ଜଣ ଅଭିଯୁକ୍ତ ଏବେ ବି ବାହାରେ ବୁଲୁଥିବା ଜଣାଯାଇଛି।

## ଭୁବନେଶ୍ୱରରେ ଅନୁଷ୍ଠିତ ହେଲା ୧୫ତମ ଏକଲବ୍ୟ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ସଂସ୍କୃତିକ ଗୌରବକୁ ବିଶ୍ୱମଞ୍ଚରେ ପ୍ରତିଷ୍ଠା କରିଥିବା ଏକଲବ୍ୟ ନୃତ୍ୟ ମହୋତ୍ସବ ତାହାର ୧୫ତମ ସଂସ୍କରଣ ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲେ ସଙ୍ଗୀତ ରତ୍ନ ସସ୍ୱତ ଜୋଶୀ, ଓ ତାଙ୍କ ନୃତ୍ୟ ସଂସ୍ଥା ଲାସ୍ୟକଳା ଡାନ୍ସ ଭିଜନ ।



ପୂର୍ବବର୍ଷଗୁଡ଼ିକରେ ମାଲେସିଆ, ଦୁବାଇ, ବ୍ୟାଙ୍କକ ଓ ସିଙ୍ଗାପୁର ଭଳି ଦେଶରେ ଅନୁଷ୍ଠିତ ଏହି ଉତ୍ସବ, ଓଡ଼ିଆ ସଂସ୍କୃତିକୁ ଆନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ କରିଛି ।


ଏକଲବ୍ୟ ସମ୍ମାନ ୨୦୨୫ ପାଇଁ ଜାହ୍ନବୀ ବେହେରାଙ୍କୁ ସମ୍ମାନିତ କରାଯାଇଛି । ଜାହ୍ନବୀ ଜଣେ ଦକ୍ଷ ଓଡିଶୀ ନୃତ୍ୟାଙ୍ଗନା ଯିଏ ଉସ୍ତାଦ ବିସ୍ମିଲ୍ଲା ଖାନ୍ ଯୁବ ପୁରସ୍କାର ଓ ମହାରୀ ପୁରସ୍କାର ର ସମ୍ମାନିତ । ସେ ପ୍ରାପ୍ତ କରିଛନ୍ତି ୨୦,୦୦୦ ର ଧନରାଶି ସହିତ ଏହି ଗୌରବମୟ ପୁରସ୍କାର । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟ୍‌ର ମୁଖ୍ୟ ଡ଼ଃ ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ରୁଚି ଫୁଡ୍‌ଲାଇନ୍ ର ଡିରେକ୍ଟର ରଶ୍ମି ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

## ଜମି ଦେବି କହି ମହିଳାଙ୍କ ଠାରୁ ୫ ଲକ୍ଷ ଠକେଇ

ବ୍ରହ୍ମପୁର, (ସବ୍ୟୁ): ଜମି ଦେବି ବୋଲି କହି ମହିଳାଙ୍କ ଠାରୁ ୫ ଲକ୍ଷ ଟଙ୍କା ଠକେଇ କରିଛନ୍ତି । ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି । ପ୍ରକାଶ ଯେ, ମେଡିକାଲ ବ୍ୟାଙ୍କ କଲୋନୀରେ ରହୁଥିବା ଜଣେ ୩୮ ବର୍ଷୀୟ ମହିଳାଙ୍କ ଆଉକୁ ୨ ବର୍ଷ ତଳେ ଅଭିଯୁକ୍ତ ରିଙ୍କୁ ଓ ତାଙ୍କ ସହଯୋଗୀଙ୍କ ସହ ପରିଚିତ ହୋଇଥିଲେ । ଅଭିଯୁକ୍ତମାନେ ତାଙ୍କୁ ଜମି ବିକ୍ରି କରିବାକୁ କହି ୫ ଲକ୍ଷ ଟଙ୍କା ନେଇଥିଲେ । ଜମି ପଞ୍ଜିକରଣ ନହେଲେ ଟଙ୍କା ଫେରସ୍ତ କରିବେ ବୋଲି ଚୁକ୍ତିନାମା କରିଥିଲେ । ଏହା ଭିତରେ ବର୍ଷାଧିକ କାଳ ବିତି ସାରିଥିଲେ ମଧ୍ୟ ମହିଳାଙ୍କ ନାମରେ ଜମି ପଞ୍ଜିକରଣ କରି ନଥିଲେ । ମହିଳା ଜଣଙ୍କ ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ପୋଲିସ ଘଟଣାର ତଦନ୍ତ କରିବା ବେଳେ ଆଙ୍କୁଲି ଅଞ୍ଚଳର ରାଜେଶ କୁମାର ମିଶ୍ର ଓରଫ ରିଙ୍କୁ ଓ ତାଙ୍କର ଜଣେ ସହଯୋଗୀ ମିଳିତ ଭାବେ ଏହି ଟଙ୍କା ଠକେଇ କରିଥିବା ଜଣାପଡିଛି । ଅଭିଯୁକ୍ତ ରିଙ୍କୁ ଅନ୍ୟ ଏକ ମାମଲାରେ ଗିରଫ ହୋଇ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳକାରାଗାରରେ ଥିବା ବେଳେ ପୋଲିସ ତାଙ୍କ ନାମରେ ଏହି ଠକେଇ ମାମଲାକୁ ଯୋଡିଥିବା ଜଣାପଡିଛି ।

## ଗ୍ରାମୀଣ ଓଡ଼ିଶାରେ ଉନ୍ନତ ବିଜୁଳି ବ୍ୟବସ୍ଥା ପାଇଁ ଟିପିଏସ୍ଓଡିଏଲର ଡ୍ରୋନ୍ ପଦକ୍ଷେପ

ବ୍ରହ୍ମପୁର, (ସବ୍ୟୁ): ବିଦ୍ୟୁତ ବିତରଣ କ୍ଷେତ୍ରରେ ବିଶ୍ୱସନୀୟତା ଏବଂ ଗ୍ରାହକ ସେବାକୁ ଉନ୍ନତ କରିବା ପାଇଁ ଟେକ୍ନୋଲୋଜିର ଉପଯୋଗ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ରାୟଗଡ଼ା ଏବଂ ଜୟପୁର ସର୍କଲରେ ଡ୍ରୋନ୍ ଆଧାରିତ ସର୍ଭେ ଓ ନିରୀକ୍ଷଣ ଆରମ୍ଭ କରାଯାଇଛି । ଜୟପୁର ଓ ରାୟଗଡ଼ା ସର୍କଲ ମୋଟ ୩୧,୧୯୫ ବର୍ଗକିମି ଅଞ୍ଚଳରେ ବ୍ୟାପ୍ତ । ଏଥିରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଏବଂ ଗଜପତି ଜିଲ୍ଲା ଅନ୍ତର୍ଭୁକ୍ତ ରହିଛି । ବିଶେଷ କରି ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଇଲାକାରେ ବିଦ୍ୟୁତ ବିତରଣ କ୍ଷେତ୍ରରେ ସ୍ମାର୍ଟ ଟେକ୍ନୋଲୋଜିକୁ ସାମିଲ କରିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରୟାସ କରୁଅଛି । ତାଲିମପ୍ରାପ୍ତ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଡ୍ରୋନ୍ ଅପରେସନକୁ ଭୂପୃଷ୍ଠରୁ ୩୦ ରୁ ୮୦ ମିଟର ଉଚ୍ଚତାରେ ଉଡାଣ କରାଯାଉଛି । ଉଚ୍ଚତା ଆଧାରରେ ଏହାର କ୍ଷମତା ପ୍ରାୟ ୨ କିମି ପର୍ଯ୍ୟନ୍ତ ରହିଛି ।



ଏହି ଅତ୍ୟାଧୁନିକ ଡ୍ରୋନରେ ଶକ୍ତିଶାଳୀ କ୍ୟାମେରା ଏବଂ ଜିପିଏସ୍ ସିଷ୍ଟମ ଲାଗିଛି, ଯାହା ଫଳରେ ବିଦ୍ୟୁତ ନେଟଓ୍ୱର୍କର ରିଅଲ ଟାଇମ୍ ଏରିଆଲ ନିରୀକ୍ଷଣ କରାଯାଇପାରିବ । ଡ୍ରୋନ୍ ବ୍ୟବହାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ଭିତ୍ତିଭୂମିର ବିସ୍ତୃତ ଫୋଟ ଉତ୍ତୋଳନ କରିବା ଏବଂ ବିତରଣ ନେଟୱର୍କର ମ୍ୟାପ ପ୍ରସ୍ତୁତ କରିବା, ଯାହା ଦ୍ୱାରା ସଠିକ ତଥ୍ୟ ରେକର୍ଡ କରାଯାଇପାରିବ ଏବଂ ପ୍ରଭାବଶାଳୀ ଢଙ୍ଗରେ ଯୋଜନା ପ୍ରସ୍ତୁତ କରାଯାଇପାରିବ । ଏହି ପଦକ୍ଷେପ ମାଧ୍ୟମରେ ପାହାଡିଆ ଜଙ୍ଗଲ ଘେରା ଅଞ୍ଚଳରେ ଟିପିଏସ୍ଓଡିଏଲ୍ ଏହାର ୩୩ କେଭି, ୧୧ କେଭି ଫିଡର, ଟ୍ରାନ୍ସଫର୍ମର, ବିଦ୍ୟୁତ ଖୁଣ୍ଟ ଇତ୍ୟାଦି ଭିତ୍ତିଭୂମିକୁ ନିରନ୍ତର ମନିଟରିଂ କରିପାରିବ । ପାରମ୍ପରିକ ପଦ୍ଧତିରେ ଏହା କଷ୍ଟସାଧ୍ୟ ବ୍ୟାପାର ହୋଇଥିବା ବେଳେ ଏଥିରେ ଅଧିକ ସମୟ ଅପଚୟ ହୁଏ । ସେଣ୍ଟ୍ କମ୍ପାନୀ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଏହି କାମକୁ ସହଜ କରିଛି । ଜିପିଏସ୍ ଆଧାରିତ ଡ୍ରୋନ୍ ଦ୍ୱାରା ତ୍ରୁଟି ଚିହ୍ନଟରେ ସହାୟକ ହୁଏ, ଯାହା ଫଳରେ ତୁରନ୍ତ ମରାମତି କରାଯାଇପାରିବ । ବିଦ୍ୟୁତ ସରବରାହ ବ୍ୟାଘାତ ହେବା ସମୟରେ ଡ୍ରୋନ୍ ବ୍ୟବସ୍ଥା ସାହାଯ୍ୟରେ ସେଣ୍ଟ୍ରାଲ କମାଣ୍ଡ ସେଣ୍ଟର ସମୟାନୁସାରେ ଉଚିତ ପଦକ୍ଷେପ ନେଇପାରିବ । ଏହା ବିଦ୍ୟୁତ ବିଚ୍ଛିନ୍ନ ହେବା ସମୟକୁ ହ୍ରାସ କରିବା ସହ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରୁଅଛି ।

ଏହି ପଦକ୍ଷେପ ତଥ୍ୟ ଆଧାରିତ ରକ୍ଷଣାବେକ୍ଷଣକୁ ଉନ୍ନତ କରିଛି ଏବଂ ଭିଜୁଆଲ ଇନ୍ସପେକ୍ସନ୍ ଓ ତ୍ରୁଟି ଚିହ୍ନଟ ତଥା ପ୍ରାକ୍-ବିଶ୍ଳେଷଣରେ ସହାୟକ ହେଉଅଛି । ଡ୍ରୋନ୍ ମାଧ୍ୟମରେ କାଳବୈଶାଖୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘଞ୍ଚ ଜଙ୍ଗଲ ଓ ପାହାଡିଆ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ସହ ତୁରନ୍ତ ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯାଇପାରିବ । ବିପର୍ଯ୍ୟୟ ପରିଚାଳନା ଦିଗରେ ଏହା ଏକ ଉପଯୋଗୀ ପଦକ୍ଷେପ । ଏହା ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ରାୟଗଡ଼ା ଏବଂ ଜୟପୁର ସର୍କଲରେ ଡ୍ରୋନ୍ ନିରୀକ୍ଷଣ କାର୍ଯ୍ୟକ୍ଷମତା ହେବା ନବସୃଜନ ଓ ଉତ୍ତମ ସେବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ । ଗମନାଗମନ ଏବଂ ଯୋଗାଯୋଗ ସୁବିଧା ନଥିବା ଅଞ୍ଚଳରେ ଏହି ଡ୍ରୋନ୍ ବ୍ୟବସ୍ଥା ଏକ ସ୍ମାର୍ଟ ଏବଂ ସୁରକ୍ଷିତ ସମାଧାନ ପ୍ରଦାନ କରୁଛି । ଦକ୍ଷିଣ ଓଡ଼ିଶାରେ ଉନ୍ନତ ବିଦ୍ୟୁତ ବିତରଣ ନେଟଓ୍ୱର୍କ ନିର୍ମାଣ କରିବା ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ।

## ଆଇନ ସମ୍ପର୍କରେ ପୋଲିସ ସହ ବିଦ୍ୟାର୍ଥୀଙ୍କ ଆଲୋଚନା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପୋଲିସ ଜିଲାରେ ଥିବା ବିଭିନ୍ନ ଥାନା ପରିଦର୍ଶନ କରିଛନ୍ତି ସ୍କୁଲ ଛାତ୍ରଛାତ୍ରୀ । ମଙ୍ଗଳବାର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳରେ ଥିବା ଜରଡା ଥାନା, ଗୋଶାଣିନୂଆଗାଁ ଥାନା, ଟାଉନ ଥାନା ଓ ଗୋପାଳପୁର ଥାନା ପରିଦର୍ଶନ କରିବା ସହ ଆଇନ ଓ ପୋଲିସ ବ୍ୟବସ୍ଥା ବିଷୟରେ ଜ୍ଞାନ ଆହୋରଣ କରିଛନ୍ତି । ପୋଲିସ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଥାନା ପରିଦର୍ଶନ ପାଇଁ ନିମନ୍ତ୍ରଣ କରାଯାଇଥିଲା । ସେହିକ୍ରମରେ ଛାତ୍ରଛାତ୍ରୀମାନେ ଥାନାରେ ପହଞ୍ଚି ଥାନା ପରିସର ପରିଦର୍ଶନ କରିବା ସହ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ଆଇନ ଓ ନିଜ ନିଜର ଦାଇତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଜରଡା ଥାନା ଅଧିକାରୀ ଟୁନା ସାସମଲ, ଗୋଶାଣିନୂଆଗାଁ ଥାନା ଅଧିକାରୀ ତଥା ଡିଏସପି ସ୍ମୃତିପ୍ରଭା ପ୍ରଧାନ, ଟାଉନ ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁ ଏବଂ ଗୋପାଳପୁର ଥାନା ଅଧିକାରୀ ନିଜ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପୋଲିସର କାର୍ଯ୍ୟପନ୍ଥା, ନୂତନ ଫୌଜଦାରୀ ଆଇନ ବିଷୟରେ ଅବଗତ କରାଇଥିଲେ । ଛାତ୍ରଛାତ୍ରୀମାନେ ପୋଲିସ ଅଧିକାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନିଜ ମନରେ ଥିବା ପ୍ରଶ୍ନ ପଚାରିଥିଲେ । ପୋଲିସ ପକ୍ଷରୁ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା । ଏହାଦ୍ୱାରା ପୋଲିସ ବ୍ୟବସ୍ଥା ପ୍ରତି ଛାତ୍ରଛାତ୍ରୀଙ୍କ ବିଶ୍ୱାସ ବଢିବା ସହ ସେମାନେ ପୋଲିସ ଚାକିରିକୁ ନିଜ କ୍ୟାରିୟର ପସନ୍ଦ ଭାବେ ଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି ।

## ପପୁଲାର କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚିତ

କଟକ, (ସ୍ୱପ୍ର): ପପୁଲାର କ୍ଲବ୍‌ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଚଳିତ ଆର୍ଥିକ ବର୍ଷର ଆୟବ୍ୟୟର ହିସାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ଏହି ସଭାକୁ କ୍ଲବ୍‌ର ବରିଷ୍ଠ ସଭ୍ୟ ପ୍ରଶାସନ୍ତ କୁମାର ପୃଷ୍ଟି ପରିଚାଳିତ କରିଥିଲେ।ପୂରାତନ କର୍ମକର୍ତ୍ତାଙ୍କ ଉନ୍ନତିମୂଳକ କାର୍ଯ୍ୟରେ ସଭା ସନ୍ତୁଷ୍ଟ ହୋଇ ସେହି କର୍ମକର୍ତ୍ତାମାନେ ପୁନର୍ବାର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ନୂତନ କର୍ମକର୍ତ୍ତା ଭାବେ ସୂରଜିତ୍ ସ୍ୱାଇଁ (ସଭାପତି), ଜଗନ୍ନାଥ ସାହୁ (ସାଧାରଣ ସମ୍ପାଦକ), ସଂଜିତ ସାହୁ (କୋଷାଧ୍ୟକ୍ଷ) ଏବଂ ମନୋରଞ୍ଜନ ସାହୁ (କାର୍ଯ୍ୟକାରୀ ସଭାପତି) ରୂପେ ନିର୍ବାଚିତ ହୋଇଥିଲେ। ସଭାରେ କ୍ଲବ୍‌ର ଆଜୀବନ ସଭାପତି ବିନୋଦ ଚନ୍ଦ୍ର ଦାସଙ୍କ ସମେତ କ୍ଲବ୍‌ର ବରିଷ୍ଠ ସଭ୍ୟ ଅଶୋକ ସାହୁ, ସୁଶାନ୍ତ ସାହୁ, ବିକାଶ ବେହେରା, ଲିଙ୍ଗରାଜ ସାହୁ, ସଂଜୟ ସାହୁ, ଜଗନ୍ନାଥ ସାହୁ, ସୁବାଷ ଚନ୍ଦ୍ର, ପ୍ରମୋଦ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ସନ୍ତୋଷ କୁମାର ଦାସ, ଦିଲ୍ଲିପ କୁମାର ସାହୁ, ଅମର ପୃଷ୍ଟି, ସୁବାଷ ସାହୁ, ସୁବାଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।

## ନିବେଶ ନାଁରେ ୬ କୋଟି ଠକେଇ ଘଟଣା, ଅଭିଯୁକ୍ତ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଯୋଜନାରେ ଟଙ୍କା ନିବେଶ କରି ମୋଟ ଅଙ୍କର ଲାଭ ମିଳିବା ଲୋଭରେ ପଡି ଅନୁରାଗ ମିଶ୍ର ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇର ଶିକାର ହୋଇଥିଲେ । ଏନେଇ ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଅପରାଧ ଓ ଅର୍ଥନୈତିକ ଥାନା ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଡ଼ିଗିପଡାର ଅନିଲ କୁମାର ମିଶ୍ର (୩୫) । ପୋଲିସ ତାଙ୍କ ନିକଟରୁ ୪ଟି ମୋବାଇଲ ଓ ୪ଟି ବ୍ୟାଙ୍କ ପାସ ବୁକ ଜବତ କରିଛିଛ ମାମଲା ନଂ ୫୭/୨୫ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ରହୁଥିବା ଅନୁରାଗ ମିଶ୍ର ଗତବର୍ଷ ମଇ ମାସରେ ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ କୋଦଳାର ଜଣେ ବ୍ୟକ୍ତିଙ୍କ ସହ ପରିଚୟ ହୋଇଥିଲା । କୋଦଳାର ଏହି ବ୍ୟକ୍ତି ଜଣଙ୍କ ଅନୁରାଗଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ମିଶନ ଶକ୍ତି ବିଷୟରେ କହିଥିଲେ । ଟଙ୍କା ନିବେଶ କଲେ ବହୁଗୁଣା ଅର୍ଥ ରୋଜଗାର ଲୋଭରେ ପଡି ଅନୁରାଗ ପ୍ରଥମେ ଦୁଇ ଲକ୍ଷ ନିବେଶ କରି କମ ସମୟରେ ଦୁଇ ଲକ୍ଷ ୨୬ ହଜାର ଟଙ୍କା ପାଇଥିଲେ । ତାଙ୍କର ବିଶ୍ୱାସ ହୋଇଥିଲା ସେ ଏପ୍ରିଲ ୨୦୨୫ ସୁଦ୍ଧା ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ ଟଙ୍କା ନିବେଶ କରିଥିଲେ । ହେଲେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସେ ଫେରସ୍ତ ପାଇଥିଲେ । ହେଲେ ୨୦୨୫ ଏପ୍ରିଲ ପରଠାରୁ ଅନୁରାଗ ନିଜ ଟଙ୍କା ଫେରସ୍ତ ପାଇନଥିଲ ।

ଏନେଇ ସେ ଅନିଲଙ୍କୁ ବାରମ୍ବାର ପଚରାଉଚରା ପରେ ସେ ସନ୍ତୋଷ ଜନକ ଉତ୍ତର ଦେଇନଥିଲେ । ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି ଭଳି କୌଣସି ଯୋଜନା କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇନଥିବା ଅନୁରାଗ ଜାଣିବାକୁ ପାଇଥିଲେ । ସଂପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ଅନୁରାଗ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ ।

## ମା'କୁ ଅସଦାଚରଣ ଓ ପୁଅକୁ ଆକ୍ରମଣ ଘଟଣା, ଜଣେ ଗିରଫ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମରେ ଜନୈକା ମହିଳାଙ୍କୁ ଅସଦାଚରଣ ଓ ତାଙ୍କ ପୁଅକୁ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି । ଗିରଫ ଜଣକ ହେଲେ ବିଷ୍ଣୁଚକ୍ର ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନ(୩୦) ଓରଫ ପିଣ୍ଟୁ ପ୍ରଧାନ । ଏନେଇ ବୁଗୁଡା ଥାନାରେ କେସ୍ ନଂ ୫୦୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ରବିବାର ରାତି ପ୍ରାୟ ଦଶଟା ସମୟରେ ରାମଚନ୍ଦ୍ର ଗୌଡଙ୍କ ପତ୍ନୀ ପ୍ରତିମା ଗୌଡ(୪୨) ତାଙ୍କ ଘରପିଣ୍ଡାରେ ବସି ସ୍ୱାମୀଙ୍କ ସହ ଫୋନରେ କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ମାତାଲ ଅବସ୍ଥାରେ ଥିବା ପିଣ୍ଟୁ ସେଠାରେ ପହଞ୍ଚି ତାଙ୍କ ପ୍ରତି ଅଶ୍ଳିଳ ଭାଷା ପ୍ରୟୋଗ କରି ପାଖରେ ଯାଇ ବସିଲା । ପ୍ରତିମା ଅସହଜ ମନେକରିବାରୁ ତାଙ୍କ କାନ୍ଧରେ ହାତ ପକାଇ ବଳପୂର୍ବକ ଘର ଭିତରକୁ ଟାଣି ନେବାକୁ ଉଦ୍ୟମ କଲା । ତାହାର କବଜାରୁ ମୁକୁଳିବା ପାଇଁ ପ୍ରତିମା ପିଣ୍ଟୁକୁ ଠେଲି ଦେବାରୁ ତଳେ ପଡିଗଲା ଏବଂ ପ୍ରତିମା ଘର ଭିତରକୁ ପଶିଯାଇ ଭିତର ପଟୁ କବାଟ କିଳି ଦେବାରୁ ସେ ଘରକୁ ଫେରିଗଲା । ପ୍ରତିମାଙ୍କ ପୁଅ ଶଙ୍କର ଏହା ଜାଣିବା ପରେ ସେ ପିଣ୍ଟୁର ଘରକୁ ଯାଇ ତାକୁ ଡାକିବାରୁ ସେ ଏକ ଠିଆକୋଡିରେ ଶଙ୍କରକୁ ଆକ୍ରମଣ କରିଥିଲା । ଫଳରେ ଶଙ୍କରର ହାତ ଓ ବିଶିଆଙ୍ଗୁଠିରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ଏନେଇ ସୋମବାର ରାତିରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଦୁର୍ଯ୍ୟୋଧନକୁ ଗିରଫ କରିଥିବା ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କଠାରୁ ପ୍ରକାଶ ପାଇଛି ।

## ବାରୁଣେଶ୍ୱର ଦୁର୍ଗା ମଣ୍ଡପଠାରେ ଦୁର୍ଗାପୂଜା କମିଟି ପକ୍ଷରୁ ସାଧାରଣ ସଭା

ବାରିପଦା, (ସବ୍ୟୁ) : ବାରୁଣେଶ୍ୱର ଦୁର୍ଗା ମଣ୍ଡପ ସଭା ଗୃହରେ ଦୁର୍ଗାପୂଜା କମିଟିର ସଭାପତି ଡଃ କୁଞ୍ଜବନ ପୃଷ୍ଟିଙ୍କ ପୌରହିତ୍ୟରେ ଏବଂ କମିଟିର ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସୁପରିଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦୁର୍ଗାପୂଜା କମିଟି ସାଧାରଣ ପରିଷଦର ଶତାଧିକ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । କୋଷାଧ୍ୟକ୍ଷ ଅଶ୍ୱନୀ କୁମାର ପାତ୍ର ଗତବର୍ଷ ପୂଜାର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଅଷ୍ଟମୀ ଓ ନବମୀ ଦୁଇଦିନ ଭଜନ ସନ୍ଧ୍ୟା ଆୟୋଜନର ନିଷ୍ପତ୍ତି ନିଆଯାଇଥିଲା। ପୂଜାକୁ ଶୃଙ୍ଖଳୀତ ଭାବରେ ପାଳନ କରିବା ପାଇଁ ପୂଜା ଅନୁଷ୍ଠାନର ବିଭିନ୍ନ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି ରଘୁନାଥ ପଣ୍ଡା, ଉପସଭାପତି ନନୀଗୋପାଲ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ କୁମାର ଲେଙ୍କା, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନା ତଥା ଅର୍ଥ ପରାମର୍ଶ ଦାତା ରବୀନ୍ଦ୍ର ନାୟକ ପ୍ରମୁଖ କର୍ମକର୍ତ୍ତା ମାନେ ପୂଜାନୁଷ୍ଠାନ ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତାମତ ଓ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ପରିଶେଷରେ ସମସ୍ତଙ୍କର ସାହାଯ୍ୟ ସହଯୋଗ ଓ ଅକୁଣ୍ଠ ସମର୍ଥନ ଯୋଗୁ ସଭାକାର୍ଯ୍ୟ ସଫଳ ହୋଇଥିବାରୁ ବରିଷ୍ଠ ନାଗରିକ କମିଟି ବାରିପଦା, ମୟୂରଭଞ୍ଜର ସଭାପତି ଡ଼ଃ ଯୋଗେନ୍ଦ୍ର ନାଥ ପଣ୍ଡା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲ ।

## ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତକୁ ଏକବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲର ବିଚାରକରି ବେତନଟୀ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ (ଜେଏମ୍ଏଫସି) ଅଭିଯୁକ୍ତ ପ୍ରମୋଦ କୁମାର ମହାନ୍ତିଙ୍କୁ ଏକବର୍ଷ ଜେଲଦଣ୍ଡ ଆଦେଶ ଶୁଣାଇବା ସହ ଟ.୩,୬୦,୦୦୦/-ଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଦୁଇମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ବ୍ୟାଙ୍କ ପକ୍ଷରୁ ଆଇନ୍‌ଜିବୀ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ମଧୁନନ୍ଦା ଅଞ୍ଚଳର ପ୍ରମୋଦ କୁମାର ମହାନ୍ତି ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବେନତଟୀ ଶାଖାରୁ ଟ.୧,୮୦,୦୦୦/-ଙ୍କାର ଏକ ଋଣ ନେଇଥିଲେ। ଏହି ଋଣ ପରିଶୋଧ କରିବା ପାଇଁ ସେ ଟ.୨,୧୩,୯୩୨/-ଙ୍କା ର ଏକ ଚେକ୍ ବ୍ୟାଙ୍କକୁ ପ୍ରଦାନ କରିଥିଲେ। ଚେକ୍‌ଟି ବାଉନ୍ସ ହୋଇଯିବାରୁ ବ୍ୟାଙ୍କର ମ୍ୟାନେଜର ମାନ୍ୟବର ଜେଏମ୍ଏଫ୍‌ସି ବେତନଟୀ କୋର୍ଟରେ ଏକ ଆଇସିସି ନଂ-୦୭/୨୦୨୪ ଏକ ମାମଲା ଦାୟର କରିଥିଲେ। ଉକ୍ତ ମାମଲାର ଶୁଣାଣୀ କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

## ଦେବେନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜାତୀୟ ଗୁଣବତ୍ତା ବୃଦ୍ଧି ଦିଗରେ ପଦକ୍ଷେପ, କେନ୍ଦ୍ରୀୟ ଟିମ୍‌ର ପରିଦର୍ଶନ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବାରିପଦା ସ୍ଥିତ ଦେବେନ୍ଦ୍ରପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି) ର ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ (ଏନକ୍ୟୁଏଏସ) ଅଧିନରେ ଏକ ମୂଲ୍ୟାଙ୍କନ ସଫଳ ଭାବରେ ହୋଇଯାଇଛି । ଏହି ମୂଲ୍ୟାଙ୍କନ ଏକ ବାହ୍ୟ ଜାତୀୟସ୍ତରର ମୂଲ୍ୟାଙ୍କନକାରୀ ଦଳ ସବିତା ସୁଧା ଲଳିତା ଏବଂ ସୁଗନି'ର ଏସଙ୍କ ଦ୍ୱାରା କରାଯାଇଥିଲା । ଏହା ସହରାଞ୍ଚଳ ସ୍ୱାସ୍ଥ୍ୟସେବା ପ୍ରଦାନରେ ସେବା ଗୁଣବତ୍ତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଅଛି । ଏହି ମୂଲ୍ୟାଙ୍କନ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ (ସିଡିଏମ୍ଓ), ଚିକିତ୍ସା ଅଧିକାରୀ ଡାଃ ପୂର୍ଣ୍ଣା ମହାପାତ୍ର (ଏମ୍ଓ), ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଅନିଲ୍ ମହାନ୍ତି (ଡିପିଏମ୍), ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ (ଏପିଏମ୍), ଜନସ୍ୱାସ୍ଥ୍ୟ ପରିଚାଳକ (ପିଏଚ୍ଏମ୍), ଜିଲ୍ଲା ଆକାଉଣ୍ଟସ ସହାୟକ (ଡିଏଏ), ଫାର୍ମାସିଷ୍ଟ ଓ ଲ୍ୟାବ୍ ଟ୍ୟାକ୍ନିସିଆନ୍ ପ୍ରମୁଖଙ୍କ ସହ ସହାୟକ କର୍ମଚାରୀଙ୍କ ସମ୍ମାନ ଜନକ ଉପସ୍ଥିତିରେ କରାଯାଇଥିଲା । ଏନକ୍ୟୁଏଏସ ମୂଲ୍ୟାଙ୍କନର ଲକ୍ଷ୍ୟ ରୋଗୀ-କୈନ୍ଦ୍ରିକ ଯନି, ସଂକ୍ରମଣ ନିୟନ୍ତ୍ରଣ, ସେବା ଯୋଗାଣ ଏବଂ ଦସ୍ତାବିଜ ମାନକ ସମେତ ପ୍ରମୁଖ ପାରାମିଟର ଗୁଡ଼ିକର ମୂଲ୍ୟାଙ୍କନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସହରାଞ୍ଚଳ ଜନସଂଖ୍ୟା ପାଇଁ ଉତ୍ତମ ଫଳାଫଳ ସୁନିଶ୍ଚିତ କରିବା ପାଇଁ ୟୁପିଏଚ୍‌ସି ସ୍ତରରେ ନିଆଯାଉଥିବା ନିରନ୍ତର ଗୁଣବତ୍ତା ଉନ୍ନତି ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା ।

## ଗୁହାରୀ ଶୁଣିଲେନି ଜିଲ୍ଲା ଶିକ୍ଷାଧିକାରୀ: ପୋଲିସ ହସ୍ତକ୍ଷେପରେ ଟଳିଲା ଆତ୍ମାହୁତି ଉଦ୍ୟମ

ହିଞ୍ଜିଳିକାଟୁ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ରାଳବ ପଞ୍ଚାୟତଧିନ ଆଳପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶପତି ଦାଶ ୨୦୧୯ ସାଧାରଣ ନିର୍ବାଚନ ସମୟରେ କିଛି ବିରୋଧୀଙ୍କ ରାଜନୈତିକ ଅଭିସନ୍ଧି ଓ ଚକ୍ରାନ୍ତର ଶିକାର ହୋଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମାରେ ନିଲମ୍ବିତ ହୋଇ ତା ୧୪/୪/୨୦୧୯ ରୁ ତା ୧୫/୧୦/୨୦୧୯ ଯାଏଁ ଉପଜିଲ୍ଲାପାଳ, ଛତ୍ରପୁର, ଗଞ୍ଜାମଙ୍କ କାର୍ଯ୍ୟାଳୟରେ ନିୟୋଜିତ ହୋଇଥିଲେ । ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି, ଅଭିଭାବକ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀଙ୍କ ବିରୋଧ ହେବା ଫଳରେ ପ୍ରଧାନଶିକ୍ଷକଙ୍କୁ ତାଙ୍କ ପୂର୍ବ କାର୍ଯ୍ୟକ୍ଷେତ୍ରରେ ଅବସ୍ଥାନ କରାଯାଇଥିଲା । ଇତି ମଧ୍ୟରେ ୬ ବର୍ଷରୁ ଅଧିକକାଳ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବିଭାଗୀୟ ତଦନ୍ତକୁ କେଉଁ ଅଦୃଶ୍ୟ ଚାପରେ ଚପାଇ ରଖାଯାଇଛି ତାହା ବିସ୍ମୟ ସୃଷ୍ଟି କରିଛି ।


ନୂଆ ସରକାରଙ୍କ ଆଗମନ ପରେ ଅଲିଖିତ ଉପର ନିର୍ଦ୍ଦେଶ ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବାଧହୋଇ ତାଙ୍କୁ ଗତ ଅକେଟାବର ମାସରେ ୭ମ ପେ କମିଶନ ଭୁକ୍ତ କରିଥିଲା । ହେଲେ ୨୦୧୯ ରୁ ୨୦୨୪ ସେପେଟମ୍ବର ମାସ ଯାଏଁ ବାକି ରହିଥିବା ବକେୟା ରାଶି ପାଇବା ପାଇଁ ସେହି ଶିକ୍ଷକ ଜଣକ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଓ ଡିଲିଂ ଆସିଷ୍ଟାଣ୍ଟଙ୍କୁ ନିବେଦନ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ସମ୍ପୃକ୍ତ ଡିଲିଂ କ୍ଲର୍କ ମୋ କଥା ବୁଝ ବକେୟା କରିଦେବି ବୋଲି ପୀଡ଼ିତ ପ୍ରଧାନଶିକ୍ଷକ ଜଣକ ପ୍ରକାଶ କରିଛନ୍ତି । ବାରମ୍ବାର ଡିଇଓଙ୍କୁ ସାକ୍ଷାତ ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଉପାୟଶୂନ୍ୟ ହୋଇ ପୀଡ଼ିତ ଶିକ୍ଷକ ଜଣକ ଗତ ଜୁଲାଇ ୧୮ ତାରିଖ ଦିନ ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ସଙ୍ଗେ ମୁଖ୍ୟମନ୍ତ୍ରୀ ଓଡ଼ିଶା, ଶିକ୍ଷାମନ୍ତ୍ରୀ, ଆଡଭୋକେଟ ଜେନେରାଲ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରି ବକେୟା ରାଶି ପ୍ରଦାନ ସହ କିରାଣୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଥିଲେ । ବକେୟା ରାଶି ପାଇବାରେ ବିଳମ୍ବ କଲେ ୦୪ ଅଗଷ୍ଟ ୨୦୨୫ରେ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ବାଧହୋଇ ଅନିଚ୍ଛାକୃତ ଆତ୍ମାହୁତି ଚେତାବନୀ ମଧ୍ୟ ଦେଇଥିବା ତାଙ୍କ ଲିଖିତ ଅଭିଯୋଗରୁ ପ୍ରକାଶ । ଏଭଳି ଅଭିଯୋଗ ଲିଖିତ ଭାବେ ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀ ଜଣକ ଉଠିଥିବା ଅଭିଯୋଗ ଉପରେ ତଦନ୍ତ କରି ବକେୟା ରାଶି ପୈଠ କରିବା ବଦଳରେ ତାଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ନଂ ୧୩୬୮୪/୩୦-୭-୨୦୨୫ରେ ଅଭିଯୋଗକାରୀ ଶିକ୍ଷକଙ୍କୁ ଚିଠି କରି ନିଲମ୍ବନ ସମୟ ୧୪-୪-୨୦୧୯ ରୁ ୧୫-୧୦-୨୦୧୯ ଯାଏଁ ୬ ମାସ ପାଇଥିବା ସସ୍ପେନ୍ସନ ଆଲାଉନ୍ସ ପାଇବାକୁ ଅଯୋଗ୍ୟ ଥିବା ଦର୍ଶାଇ ସେହି ଅର୍ଥରାଶି ତୁରନ୍ତ ଫେରାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

ସୂଚନା ଥାଉକି ତତ୍କାଳୀନ ଗଂଜାମ ଜିଲ୍ଲାପାଳ ତାଙ୍କ ଆଦେଶନାମା ପତ୍ର ସଂଖ୍ୟା ୩୪୨୪/୧୪-୪-୨୦୧୯ ରେ ରାଜ୍ୟ ସରକାରୀ କର୍ମଚାରୀ ଅଧିନିୟମ ୯୦ ଅନୁସାରେ ସବଷ୍ଟାନ୍ସ ଆଲାଉନ୍ସ ପ୍ରଦାନ ପାଇଁ ନିର୍ଦ୍ଦେଶନାମା କରିକରିଥିଲେ । ଏ ଅଭିଯୋଗ ଉପରେ ଡିଇଓଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଅଫିସରେ ଅନୁପସ୍ଥିତ ରହିବା କାରଣରୁ ସମ୍ଭବ ହୋଇପାରିନଥିଲା । ବର୍ତ୍ତମାନ ଗଞ୍ଜାମ ଶିକ୍ଷାଧିକାରୀଙ୍କ ମାର ମାର ଭଣ୍ଡରିଆକୁ ମାର ଭଳି ଏକ ଅଗଣତାନ୍ତ୍ରିକ ପତ୍ର ପାଇବା ପରେ ସର ଜିଲ୍ଲାରେ ଶିକ୍ଷକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ପୀଡ଼ିତ ଶିକ୍ଷକ ଜଣକ ମାନସିକ ଭାରସାମ୍ୟ ହରାଇଥିବା ଜଣାଯାଇଛି ।

ଏଭଳି କଦର୍ଯ୍ୟ ଚକ୍ରାନ୍ତ ମୂଳକ ପତ୍ରର ଜବାବ ରଖି ପ୍ରତିବାଦ କରିବା ସହ କେଉଁ ଆଇନ, ନିୟମ, ଅଧିନିୟମ ଧାରା ଅନୁସରଣରେ ଓ କାହାର ପ୍ରରୋଚନାରେ ଡିଇଓ ଏଭଳି ଏକ ଅଗଣତାନ୍ତ୍ରିକ ଚିଠି କରିଛନ୍ତି ତାହା ଦର୍ଶାଇବା ପାଇଁ ଗତ ୦୨/୮/୨୫ ରେ ଲିଖିତ ନିବେଦନ କରିଥିବା ଗଣମାଧ୍ୟମକୁ ଦେଇଥିବା ଏକକିତା ନକଲ ଚିଠିରୁ ଜଣାଯାଇଛି । ଏହି ବାସ୍ତବ ଅଭିଯୋଗ ପଛର ସେହି ଅଭିଯୁକ୍ତ କିରାଣୀରୂପୀ ଖଳ ନାୟକ ଜଣକ ଔଷଧ ବିକଳରେ ତାଟିଆ କାମୁଡି ଡିଇଓଙ୍କ ମତିଭ୍ରମ କରିନାହାନ୍ତି ତ ? ଅନ୍ୟ ପକ୍ଷରେ ଡିଇଓ ଜଣକ ଅଭିଯୋଗକାରୀ ଶିକ୍ଷକଙ୍କୁ ଡାକି ସାନ୍ତ୍ୱନାଦେବା ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବକେୟା ରାଶି ପୈଠ ପାଇଁ ପଦକ୍ଷେପ ନେବା ବଦଳରେ ମେରିରାୟ ନୀତି ଆପଣାଇବା କେତେ ଯୁକ୍ତିଯୁକ୍ତ ବୋଲି ଓଷ୍ଟଫାର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ବେହେରା ପ୍ରଶ୍ନ ପଚାରିଛନ୍ତି । ପୂର୍ବ ସୂଚନା ଅନୁସାରେ ପ୍ରଧାନଶିକ୍ଷକ ଜଣକ ୪/୮/୨୫ ଅପରାହ୍ନ ୫.୦୦ ସମୟରେ ଗଂଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆତ୍ମାହୁତି ଉଦ୍ୟମ କରିଥିଲେ । ମଧ୍ୟ ପୂର୍ବରୁ ଜଗି ରହିଥିବା ବୈଦ୍ୟନାଥପୁର ପୋଲିସ ତାଙ୍କୁ ଏଥିରୁ ନିବୃତ୍ତ କରିଥିଲା । ଗଞ୍ଜାମ ଜିଲ୍ଲାରେ ଏଭଳି ସମ୍ବେଦନଶୀଳ ଘଟଣାରେ ଲାଞ୍ଚୁଆ କିରଣୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ପାଇଁ ଶିକ୍ଷକ ମହଲରେ ଦାବୀ ହେଉଛି ।

**ଭଞ୍ଜସେନାର ଅଭିନବ ପ୍ରୟାସ**

## ଶିମିଳିପାଳ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ଅଭିବୃଦ୍ଧି ନେଇ ରିଲିଜ୍ ହେବ ଚଳଚ୍ଚିତ୍ର ଆନ୍ଦୋଳନ



ବାରିପଦା, (ସବ୍ୟୁ) : ଶିମିଳିପାଳର ସୁରକ୍ଷା, ପରିବେଶ ସୁରକ୍ଷା ସହିତ ଜଙ୍ଗଲ, ପାହାଡ଼ ପର୍ବତକୁ କୌଣସି ପ୍ରକାରର କ୍ଷତି ନପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ଆମ ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର (ବାଉଁଶ, ସବାଇ ଘାସ, ଶାଳପତ୍ର ଏବଂ ଅନ୍ୟାନ୍ୟ) ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଓ ସ୍ଥାନୀୟ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ, ସେ ବାବଦରେ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଜନସଚେତନତା ଆରମ୍ଭ ହୋଇଛି ।

ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା ଦ୍ୱାରା ପ୍ରସ୍ତୁତ ହୋଇ ଚଳିତ ଅଗଷ୍ଟ ମାସ ୨୦ତାରିଖ ରିଲିଜ ହେବାକୁ ଯାଉଅଛି "ଆନ୍ଦୋଳନ' ନାମକ ଚଳଚ୍ଚିତ୍ର । ଆଜି ବାରିପଦା ମଧୁବନ ସ୍ଥିତ ମାଆ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ହୋଇ ଚଳଚ୍ଚିତ୍ରର ପ୍ରଥମ ପୋଷ୍ଟର ଏବଂ ଏକ ସଙ୍ଗୀତ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ କରକମଳରେ ରିଲିଜ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ବେଳେ ସଂଗଠନ ପକ୍ଷରୁ ବହୁ ପଦାଧିକାରୀଙ୍କ ସହିତ "ଆନ୍ଦୋଳନ ଫିଲ୍ମର ଲେଖକ, ନିର୍ଦ୍ଦେଶକ ଏବଂ ବହୁ କଳାକାର ସାମିଲ ଥିଲ ।

## ଦିବାଲୋକରେ ଲୁଟି ନେଲେ ବାଇକ

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ ପାଣିକୋଇଲି ରାସ୍ତା କଡରେ ରାଇସମିଲ ନିକଟସ୍ଥ ପଟେଲ ମାର୍ବଲ ଦୋକାନ ସମ୍ମୁଖରୁ ଲୁଟେରା ଦ୍ୱୟ ଏକ ବାଇକ ଚୋରି କରିନେଇଛନ୍ତି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ କଳିଆବାଡ ଗ୍ରାମର କୈଳାସ ବେହେରା ତାଙ୍କ କଳା ନାଲି ରଂଗର ସ୍ପ୍ଲେଣ୍ଡର ବାଇକ (ଓଡିଶା୦୪ଇ ୮୮୨୩)କୁ ମାର୍ବଲ ଦୋକାନ ସମ୍ମୁଖରେ ରଖି ଦୋକାନର ରଂଗ କାମ କରୁଥିଲେ । ଆଜି ମଧ୍ୟାହ୍ନରେ ଦୁଇ ଜଣ ଲୁଟେରା ପାଣିକୋଇଲି ପଟରୁ ଏକ ବାଇକରେ ଆସି ମାର୍ବଲ ଦୋକାନ ପାଖରେ ଅଟକିଥିଲେ । ସେହି ବାଇକରୁ ଜଣେ ଓହ୍ଲାଇବା ପରେ ବାଇକ ଆରୋହୀ ବାଇକଟିକୁ ବୁଲାଇ ପୁଣି ପାଣିକୋଇଲି ପଟକୁ ମୁହଁ କରି ଛିଡା ହେଲା । ଓହ୍ଲାଇଥିବା ଲୁଟେରା ଜଣକ ମାର୍ବଲ ଦୋକାନ ସମ୍ମୁଖରେ ଥିବା ବାଇକଟିକୁ ଚାବି ଭାଙ୍ଗି ନେଇ ଆଖି ପିଛୁଳାକେ ଚାଲିଗଲେ । ବାଇକର ମାଲିକ କୈଳାସ ଏହା ଦେଖି ଦୋକାନ ଉପରତାଲାରୁ ଦୌଡି ଆସି ଏକ ବାଇକରେ ପିଛା କଲେ ବି ସେମାନେ ଫେରାର ହେବାରେ ସକ୍ଷମ ହୋଇଥିଲେ । ସମ୍ପୂର୍ଣ୍ଣ ଘଟଣାଟି ସିସିଟିଭି ଫୁଟେଜରେ କଏଦ ହୋଇଛି । ଫଳରେ ବାଇକ ମାଲିକ ଏ ନେଇ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ କରୁଛି ।

## ନୀଳ ପଥର ବୋଝେଇ ଗାଡି ସହ ଜଣେ ଗିରଫ

ଦାନଗଦି ,(ସବ୍ୟୁ) : ଯାଜପୁର ଜିଲ୍ଲା ଟମକା ବନାଂଚଳ ଅଧୀନ ସାହାପୁର(ଶଗଡଗୁଳା) ଛକ ନିକଟରୁ ଟମକା ବନାଂଚଳର ଏକ ଟିମ ଗୋଟିଏ ପିକ୍ ଅପ୍ ସହିତ ଚାଳକକୁ ଗିରଫ କରିଛି । ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ ଏସିଏଫ୍ କିଶୋର କୁମାର ପାଣିଗ୍ରାହୀ ନିଜର ଟିମ୍ ସହ ସାହାପୁର ଛକ ନିକଟର କିଛି ଦୂରରେ ନୀଳ ପଥର ବୋଝେଇ ହେଉଥିବା ବେଳେ ସେଠାରେ ପହଂଚି ଥିଲେ । ବୋଝେଇ କରୁଥିବା ଶ୍ରମିକମାନେ ଜଙ୍ଗଲ ବିଭାଗର କର୍ମଚାରୀମାନଙ୍କୁ ଦେଖି ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ । ଗାଡି ଚାଳକ ଗାଡି ଭିତରରୁ ବାହାରି ଦୌଡିବା ସମୟରେ ବନ ବିଭାଗର କର୍ମଚାରୀମାନେ ତାକୁ କାବୁ କରିନେଇଥିଲେ । ପ୍ରାୟ ୩ଟନ୍ ର ନୀଳପଥର ବୋଝେଇ ପିକ୍ ଅପ୍ (ଓଡି ୦୪ କେ-୦୬୬୬)କୁ ଜବତ କରିବା ସହ ଚାଳକ ରାଜ୍ ପ୍ରସାଦ ଜେନା(୨୩) କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଥିଲେ । ବନାଞ୍ଚଳ ଅଧିକାରୀ ୩୮/୨୦୨୫-୨୬ ନମ୍ବର ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ବନପାଳ ଲକ୍ଷ୍ମୀଧର ନାୟକଙ୍କ ଠାରୁ ପ୍ରକାଶ । ଏହି ଚଢ଼ାଉରେ ଜଙ୍ଗଲ ବିଭାଗର କର୍ମଚାରୀ ରବି ନାୟକ, ମାନସ ମଲ୍ଲିକ, ଧର୍ମେନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ନଦୀରେ ନିଖୋଜ କାଉଡ଼ିଆଙ୍କ ଶବ ଉଦ୍ଧାର

ସାଲେପୁର,(ସବ୍ୟୁ) :ଅଧା ରହିଗଲା ମହାଦେବଙ୍କ ଠାରେ ଜଳାଭିଷେକ । ନଦୀରେ ଗୋଡ଼ ଖସି ନିଖୋଜ ଥିବା କାଉଡ଼ିଆ ଙ୍କର ଆଜି ମୃତ ଦେହ ମିଳିଥିବା ଜଣାପଡିଛି । ପ୍ରତି ସୋମବାର ଭଳି ଗତକାଲି ଶ୍ରାବଣମାସ ଶେଷ ସୋମବାର କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ବାଲିସାହି ପଞ୍ଚାୟତ ର ଚିତ୍ରୋତ୍ପଳା ନଦୀର ବଟେଶ୍ୱର ଘାଟରେ ପାଣି ଉଠାଉଥିବା ବେଳେ କାଉଡ଼ିଆ ନିଖୋଜ ହୋଇ ଯାଇଥିଲେ । ଆଜି ସକାଳୁ ନିଖୋଜ ଥିବା କାଉଡିଆ ସାଲେପୁର ଥାନା ବାରିଗୋଳ ପଞ୍ଚାୟତ ସୁନାଖଣ୍ଡି ଗ୍ରାମର ରବୀନ୍ଦ୍ର କରଙ୍କ ପୁତ୍ର ଅମୃତ କର ଚିତ୍ରୋତ୍ପଳା ନଦୀର କୋଲଣପୁର ପାଖରେ ଭାସୁଥିବା ଦେଖିବାକୁ ମିଳିଥିଲା । ଏହା ପରେ ଓଡ୍ରାଫ ଟିମ ମୃତ କାଉଡ଼ିଆକୁ ପାଣିରୁ ଉଦ୍ଧାର କରିଥିଲେ । ସାଲେପୁର ପୋଲିସ ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକ ପଠାଇ ଥିବା ଜଣାପଡିଛି । ମୃତ ଶ୍ରୀ କରଙ୍କ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପର୍ଣ୍ଣ କରାଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ସାଲେପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଛାତ୍ରୀର ଝୁଲନ୍ତା ମୃତଦେହ ଉଦ୍ଧାର


ମହାକାଳପଡା ,(ସବ୍ୟୁ) :ମହାକାଳପଡ଼ା ଥାନା ଅଧୀନ ବିଜୟନଗର ଗ୍ରାମର ରତ୍ନାକର ସ୍ୱାଇଁ ଘରୁ ନବମ ଶ୍ରେଣୀ ଛାତ୍ରୀ ର ଝୁଲନ୍ତା ମୃତ ଦେହ ଉଦ୍ଧାର କରିଛି ମହାକାଳପଡ଼ା ପୋଲିସ । ମୃତ ଛାତ୍ରୀ ଜଣକ ସବୁଦିନ ପରି ସୋମବାର ରାତ୍ରିରେ ଖାଇ ପିଇ ଶୋଇପଡ଼ିଥିଲେ । ମାତ୍ର ମଙ୍ଗଳ ସକାଳୁ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଘର କବାଟ ନଖୋଲିବାରୁ ମା ଝରଣା ଡାକିବା ପରେ ଜବାବ ନପାଇ ପାଖ ପଡୋଶୀଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ । ପରେ ପରେ ମହାକାଳପଡ଼ା ପୋଲିସ ସହିତ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଂଚି ଅନୁସନ୍ଧାନ ଆରମ୍ଭ କରିଥିଲେ । ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଛାତ୍ରୀଙ୍କ ମୃତ ଶରୀର କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିବା ସହିତ ସୁସାଇଡ ନୋଟ ଜବତ କରିଛି । ପିତାଙ୍କ ଅନୁପସ୍ଥିତି ହେତୁ ମା ଝରଣାଙ୍କ ଅଭିଯୋଗ କ୍ରମେ ପୋଲିସ ୧୧/୨୫ମୂଳେ ଅପମୃତ୍ୟୁ ମାମଲା ରୁଜୁ କରି କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

## ଶ୍ୱଶୁରଙ୍କ ବିରୋଧରେ ବୋହୁ ଆଣିଲେ ଯୌନ ନିର୍ଯାତନା

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାପୁର ଗ୍ରାମର ଜନୈକା ମହିଳା ନିଜ ଶ୍ୱଶୁରଙ୍କ ଉପରେ ଯୌନ ନିର୍ଯ୍ୟାତନା ଭଳି ଏକ ଅଭିଯୋଗ ଅଂଚଳରେ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି । ଅଭିଯୋଗ ଅନୁଯାୟୀ, ଅଯୋଧ୍ୟାପୁର ଗ୍ରାମର ବୋହୂ ସମ୍ପୃକ୍ତ ମହିଳା ଜଣକ ସୁଦୂର ସମ୍ବଲପୁରରେ ଚାକିରି କରିଥିବା ବେଳେ ସେ ଯେତେବେଳେ ଘରକୁ ଆସନ୍ତି ସେତେବେଳେ ତାଙ୍କୁ ତାଙ୍କ ଶ୍ୱଶୁର ପୁର୍ଣ୍ଣଚନ୍ଦ୍ର ସାହୁ (୬୬) ଏକୁଟିଆ ସମୟରେ ଖରାପ ଇଙ୍ଗିତ କରିବା ସହ ଶାରୀରିକ ସଂପର୍କ ରଖିବାକୁ ବାଧ କରୁଥିବା ନେଇ ସେ ରଘୁନାଥପୁର ଥାନାରେ ଅଭିଯୋଗ କରିବା ସହିତ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକଙ୍କୁ ଏ ବିଷୟରେ ଅବଗତ କରିଥିବା ଜଣାଯାଇଛି । ତେବେ ଏ ଘଟଣାରେ କୈଣସି ସତ୍ୟାସତ୍ୟ ନଥିବା ଏବଂ ସଂପୂର୍ଣ୍ଣ କପୋଳକଳ୍ପିତ ବୋଲି ଶ୍ୱଶୁର ପୁର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି । ମୋର ଜମିବାଡ଼ି ସଂକ୍ରାନ୍ତିୟ ଅଯୋଧ୍ୟାପୁର ଗ୍ରାମର ଖାତା ନଂ ୨୮,ପ୍ଲଟ ନଂ ୫୬କୁ ନେଇ ମୋର ବିରୋଧୀ ମାନଙ୍କର ମୋ ବିରୁଦ୍ଧରେ ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ଏଥି ସହିତ ମୋ ପୁଅ ବିଭାଘର ମାତ୍ର ଛଅ ମାସ ହୋଇ ଥିବା ବେଳେ ମୋ ଘରର ପ୍ରତ୍ୟେକ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି । ଅଭିଯୋଗର ସତ୍ୟାସତ୍ୟ ସିସିଟିଭି ଫୁଟେଜରୁ ମିଳିପାରିବ ବୋଲି ସେ କହିଛନ୍ତି । ଏତଦ୍ ଭିନ୍ନ ଯେତେବେଳେ ବୋହୂ ଘରକୁ ଆସେ ସେତେବେଳେ ସେ ମୋ ଘରେ ନରହି ସାନଭାଇ ଘରେ ରୁହନ୍ତି ଏବଂ କେବଳ ବିଳମ୍ବିତ ରାତିରେ ପୁଅ ବୋହୂ ଆସି ତାଙ୍କ ପ୍ରକୋଷ୍ଠରେ ଶୋଇଥାନ୍ତି । ଏଭଳି ଭିତ୍ତିହୀନ ଅଭିଯୋଗ ମୋ ଶତ୍ରୁମାନେ ମୋ ପୁଅ ବୋହୂକୁ ଶିଖାଇ କରିଛନ୍ତି ଏବଂ ଏହି ଘଟଣାରେ ମୁଁ ସଂପୂର୍ଣ୍ଣ ମର୍ମାହତ ବୋଲି ପୂର୍ଣ୍ଣଚନ୍ଦ୍ର ପ୍ରକାଶ କରିଛନ୍ତି । ତେବେ ଏହି ଘଟଣାରେ ରଘୁନାଥପୁର ଥାନା ପୋଲିସ ୧୬୭/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ଆଶିର୍ବାଦ ଫାଉଣ୍ଡେସନ ପକ୍ଷରୁ ବୋଲବମ୍ ଭକ୍ତ ସେବା

ତିର୍ତ୍ତୋଲ, (ସବ୍ୟୁ) : ସାମାଜିକ ସେବା ସଙ୍ଗଠନ ଆଶିର୍ବାଦ ଫାଉଣ୍ଡେସନ ପକ୍ଷରୁ ବୋଲବମ୍ ଭକ୍ତ ସେବା ଜଗତସିଂହପୁର ଜିଲ୍ଲା ପ୍ରସିଦ୍ଧ ଶୈବପିଠ ଗୋରଖନାଥଙ୍କ ପିଠରେ ଅନୁଷ୍ଠିତ ହୋଇଯାଇଛି । କଟକ ରାଜେନ୍ଦ୍ରନଗର ଅଞ୍ଚଳର ଏହି ଆଶିର୍ବାଦ ଫାଉଣ୍ଡେସନ ପୁରୀ ରଥଯାତ୍ରା ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ତାର ସେବାକାର୍ଯ୍ୟ ଜାରି ରଖିଛି । ଶ୍ରାବଣର ଶେଷ ସୋମବାର ଗୋରଖନାଥଙ୍କ ପିଠରେ ହଜାର ହଜାର କାଉଡିଆଙ୍କ ନିମନ୍ତେ ପ୍ରସାଦ ବଣ୍ଟନ ସହ ସେବାକାର୍ଯ୍ୟ କରିଥିଲେ । ଆଶିର୍ବାଦ ଫାଉଣ୍ଡେସନ କର୍ମକର୍ତ୍ତାମାନେ ସେଠାରେ ରବିବାର ଠାରୁ ଉପସ୍ଥିତ ରହି ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରିବା



ସହ କିପରି ସୁଚାରୁରୂପେ କାଉଡିଆମାନଙ୍କୁ ସେବା ଯୋଗାଇହେବ ସେନେଇ ପ୍ରସ୍ତୁତି କରିଥିଲେ । ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଦେବଦତ୍ତ ଧଳ, ବିନୋଦ କୁମାର ବେହେରା, ମାଗୁଣୀ ଚରଣ ଦାସ, ରୁଦ୍ର ପ୍ରସାଦ ଦାସ, ବିଶ୍ୱ ରଞ୍ଜନ ସାହୁ, ବେଦପ୍ରକାଶ ଦାଶ, ପ୍ରଭାକର ମଲ୍ଲିକ୍, ଦେବଦତ୍ତ ରାଉତ, ଧିରେନ କୁମାର ଲେଙ୍କା, ସଞ୍ଜିବ କୁମାର ମହାପାତ୍ର, ସୌମ୍ୟରଞ୍ଜନ ସାହୁ, ଅମୀୟ ରଞ୍ଜନ ସାହୁ ପ୍ରମୁଖ ବହୁ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ରହି କାଉଡିଆମାନଙ୍କ ସେବା କରିଥିଲେ ।

# ଏସଭିଏମ କଲେଜରେ ଛାତ୍ର ଗୋଷ୍ଠୀ ମଧ୍ୟରେ ମାରପିଟ, ଘଟଣାକୁ ନିନ୍ଦା କଲା ବିଜେଡି

ଜଗତସିଂହପୁର,(ସବ୍ୟୁ):ଚଳିତ ବର୍ଷ ହେବ ଛାତ୍ର ସଂସଦ ନିର୍ବାଚନ । ଗତ ବର୍ଷ ଏ ବାବଦରେ ସରକାର ଘୋଷଣା କରିଥିଲେ । ଯାହାକୁ ନେଇ ବିଭିନ୍ନ କଲେଜରେ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବେଶ ଖୁସିର ଲହରୀ ଖେଳି ଯାଇଥିଲା । ହେଲେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନହେବ କି ନାହିଁ ସେ ବାବଦରେ କିଛି ସ୍ଥିର ହୋଇ ନଥିବା ବେଳେ ତା ପୂର୍ବରୁ କ୍ୟାମ୍ପସ ରେ ତାର ପ୍ରଭାବ ଦେଖିବାକୁ ମିଳିଲାଣି ଜଗତସିଂହପୁର ସହର ସ୍ଥିତ ଏସ ଭି ଏମ କଲେଜ କ୍ୟାମ୍ପସରେ । କଲେଜ କ୍ୟାମ୍ପସରେ ଗତ କାଲି ମଧ୍ୟାହ୍ନ ରେ ଦୁଇ ଛାତ୍ର ଗୋଷ୍ଠି ମଧ୍ୟରେ ସଂଘର୍ଷ ହେବା ଫଳରେ ଉଭୟ ଗୋଷ୍ଠିର ଏକାଧିକ ଛାତ୍ର ଆହତ ହେବା ସହିତ ଜଣେ ଅମନ ମହାପାତ୍ର ନାମକ ଜଣେ ଛାତ୍ରର ମୁଣ୍ଡ ଫାଟି ରକ୍ତ ରଞ୍ଜିତ ହୋଇଛି କଲେଜ କ୍ୟାମ୍ପସ । ଏହାକୁ ନେଇ ଦୁଇ ଗୋଷ୍ଠୀ ପକ୍ଷରୁ ସଦର ଥାନାରେ ଭିନ୍ନ ଭିନ୍ନ ଏତାଲା ହେବା ସହ ଉତେଜନାକୁ ଦୃଷ୍ଟିରେ ରଖି କଲେଜରେ ପୋଲିସ ମୃତୟନ କରାଯାଇଛି । ତେବେ ଗଣ୍ଡଗୋଳର ସଠିକ କାରଣ ଜଣାପଡିନଥିଲେ ମଧ ରାଜନୈତିକ କାରଣରୁ ମାରପିଟି ହୋଇଥିବାର ଜଣାଯାଇଛି । ଏହି ଘଟଣାରେ ସଦର ପୋଲିସ ଜଣେ ଛାତ୍ରକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ଏହି ଘଟଣାକୁ ନେଇ ଆଜି ଗୋଟିଏ ଛାତ୍ର ଗୋଷ୍ଠି ଆନ୍ଦୋଳନକୁ ଓଲ୍ହାଇବା ପାଇଁ ସହବାଜ ହେଉଥିବାର ସୂଚନା ମିଳିଛି । ଆହତ ଛାତ୍ର ଅମନ ମହାପାତ୍ରଙ୍କ କହିବା ଅନୁସାରେ କଲେଜ କ୍ୟାମ୍ପସରେ ଅଣଛାତ୍ରଙ୍କ ପ୍ରବେଶ ଯୋଗୁ କଲେଜର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି । ଅଣଛାତ୍ର ମାନେ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ଧମକ ଦେଇ ନିଜ ସପକ୍ଷରେ ରଖିବା ପାଇଁ ବାଧ କରୁଛନ୍ତି । ଏହାର ମୁଁ ପ୍ରତିବାଦ କରିବାରୁ କିଛି ଛାତ୍ର ଓ ଅଣଛାତ୍ର ମିଶି ମୋତେ ମାଡ ମାରିବା ସହିତ ଏକ ଜିଆଇ ପାଇପରେ ବାଡେଇ ମୋ ମୁଣ୍ଡ ଫଟାଇ ଦେଇଥିଲେ। ପୋଲିସ କଲେଜ ପରିସରରେ ରହି ଘଟଣାକୁ ଆୟତ୍ତକୁ ନେଇଥିବା ବେଳେ ପରିସ୍ଥିତି ଉତ୍ତେଜନା ପୂର୍ବକ ରହିଛି । ଅନ୍ୟ ପଟରେ ଅମନଙ୍କ ଜଗତସିଂହପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଣେ ଛାତ୍ରକୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରିଥିଲା । ମାତ୍ର ପୋଲିସ ଆଣିଥିବା ପିଲା କୌଣସି ଘଟଣାରେ ସାମିଲ ନଥିବା ଦର୍ଶାଇ ବହୁ ଛାତ୍ରଛାତ୍ରୀ ମାନେ ଜଗତସିଂହପୁର ଥାନା ସମ୍ମୁଖରେ ଦିର୍ଘ ସମୟରେ ଧାରଣାରେ ବସିରହିଥିଲେ ଛପରେ ସଂପୃକ୍ତ ଛାତ୍ରକୁ ପୋଲିସ ପିଆର ବଣ୍ଡରେ ଛାଡିଥିଲେ । ଏହି ଘଟଣାକୁ ନେଇ କଲେଜର ଅଧକ୍ଷା ସୁଜାତା ଓତା କହିଛନ୍ତି ଯେ ଏହି ଘଟଣା ବାବଦରେ ସେ ସଠିକ କାରଣ ଜାଣି ନାହାନ୍ତି । କଲେଜରେ ସେ କାଲି ଛୁଟିରେ ଥିଲେ । ଅଧକ୍ଷ ଦାୟିତ୍ୱ ରେ ଥିବା ଗଣିତ ବିଭାଗର ପ୍ରାଧାପିକା ମନଜା ମଞ୍ଜରୀ ସ୍ୱାଇଁ ଘଟଣା ବିଷୟରେ ଜାଣିବା ପରେ ପୋଲିସକୁ ଜଣାଇବା ସହିତ ଉଭୟ ପକ୍ଷ ଦେଇଥିବା ଅଭିଯୋଗକୁ ଜଗତସିଂହପୁର ସଦର ଥାନାକୁ ହସ୍ତାନ୍ତର କରିଥିଲେ । ଏହି ଘଟଣା ଓ ଦୁଇ ଛାତ୍ର ଗୋଷ୍ଠି ମଧ୍ୟରେ ସଂଘର୍ଷ ଘଟଣାକୁ ନେଇ ଜଗତସିଂହପୁରରେ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି । ଦଳ ପକ୍ଷରୁ ଏହି ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଆହତ ଛାତ୍ରଙ୍କୁ ଘଟଣା ଆପୋଷ ସମାଧାନ ପାଇଁ ପୋଲିସ ପକ୍ଷରୁ ଚାପ ପକାଯାଉଥିବା ଅଭିଯୋଗ କରିଛନ୍ତି ଶ୍ରୀ ମୁଦୁଲି । ଏପରିକି ମାଡ଼ ଖାଇ ଗୁରୁତର ହୋଇଥିବା ଛାତ୍ର ଓ ତାଙ୍କ ପରିବାରକୁ ଘଟଣାର ଆପୋଷ ସମାଧାନ ପାଇଁ ପୋଲିସ ବାଧ କରୁଥିବା କହିଛନ୍ତି । ପୋଲିସ ଶାସକ ଦଳର ହାତ ବାରିସି ସାଜି ଏପରି କରୁଛି ବୋଲି ଅଭିଯୋଗ କରିଛି ବିଜେଡି । ଅପର ପକ୍ଷରେ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନନେଲେ ବିଜୁ ଜନତା ଦଳ ଆନ୍ଦୋଳନକୁ ଓଲ୍ହାଇବ ବୋଲି ଚେତାବନୀ ଦେଇଛି । ବିଜେଡି ର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସହିତ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ,କନକ ପ୍ରଭା ଲେଙ୍କା,ରତି ରଂଜନ ବେହେରା,ବିବେକାନନ୍ଦ ବେହେରା,ବିଜେଡି ଜିଲ୍ଲା ଉପସଭାପତି ଦୀପ୍ତି ଦାସ,ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ଆଲୋକ ଖୁଣ୍ଟିଆ,ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା,ସୁର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଆଜିଠୁ ଆନ୍ଦୋଳନକୁ ଓହ୍ଲାଇବ ଓଡିଶା ଶିଳ୍ପୀ ମହାସଂଘ



ବ୍ୟାସନଗର, (ଜିପ୍ର): ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ହେଲେ ଆନ୍ତରିକତା ଅଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଁଚି ପାରୁନି। ଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ ଆସନ୍ତା କାଲି ୬ ତାରିଖରୁ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି। ରାଜ୍ୟ କାର୍ଯ୍ୟକାରୀ ସମିତି ବୈଠକର ନିଷ୍ପତି କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ବିଭିନ୍ନ ଜିଲାର ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ। ସଂଘ ପକ୍ଷରୁ କୁହାଯାଇଛି କି ଆମର ଯେତେ ପ୍ରକାରର ହସ୍ତ ଓ ବୟନ କଳା, ସେତେ ପ୍ରକାରର ସମସ୍ୟା। କିନ୍ତୁ ଆମ ସ୍ମାରକ ପତ୍ରରେ ମାତ୍ର ଦୁଇଟି ଦାବୀ ରହିବ। ଗୋଟିଏ ହେଲା ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା। ସୂଚନା ଥାଉକି, ଏବେ ଏହି ଯୋଜନା ଅଧିନରେ ରାଜ୍ୟର ୧୫୦୦ରୁ ଉର୍ଦ୍ଧ ବରିଷ୍ଠ ବୁଣାକାର ମାସିକ ୨ହଜାର ଟଙ୍କା ପାଉଛନ୍ତି। ପରିତାପର ବିଷୟ ଜଣେ ହେଲେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ ୪୦ବର୍ଷର ମହିଳା ଓ ୫୦ବର୍ଷର ପୁରୁଷ ବୁଣାକାର ଓ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ନିୟମ ରହିଛି। ବାରମ୍ବାର ଦାବୀ ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଇତି ମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରି ସାରିଥିବା ବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟ ସାଜିଛି। କୁହାଯାଇପାରେ କିଏହି ପରିଷଦ ରାଜ୍ୟ ସରକାର ଏବଂ କାରିଗର ଓ ବୁଣାକାରଙ୍କ ମଧ୍ୟରେ ସଂପର୍କର ସେତୁ ପାଲଟିଥିବା ବେଳେ ପୂର୍ବ ପାଳିରେ ନିପୁଣ ଶିଳ୍ପୀ/ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତା ବୃଦ୍ଧି, ଦେଢଶହରୁ ଉର୍ଦ୍ଧ ହସ୍ତଶିଳ୍ପ ଗ୍ରାମ ବା ପୁଞ୍ଜର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନେଇ ପାରିଥିଲା। ଏହି ପରିଷଦର ପରିଚାଳନା ବୋର୍ଡରେ ହସ୍ତଶିଳ୍ପୀ ଓ ବୁଣାକାର ରହିବାର ବ୍ୟବସ୍ଥା ଥିବାରୁ, ଏହା ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ। ୬ ତାରିଖରୁ ପ୍ରତିବାଦ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅଗଷ୍ଟ ୧୪ ତାରିଖ ଯାଏ ଚାଲିବ । ୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଓ ଯାଜପୁର ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ। ପଶ୍ଚିମ ଓଡିଶା ତଥା ଅନ୍ୟ ଜିଲାମାନଙ୍କରେ ୧୧ତାରିଖରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟର ସମସ୍ତ ଶିଳ୍ପୀ ଓ ବୁଣାକାରଙ୍କୁ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି ।

## ବୋମା ମାଡ଼ କରି ଗହଣା ଲୁଟ୍ ଘଟଣାର ତଦନ୍ତ ଆରମ୍ଭ

ନିଶ୍ଚିନ୍ତକୋଇଲ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ଅସୁରେଶ୍ୱର ବଜାର ପୁରୁଣା ବ୍ୟାଙ୍କ ଛକ ରେ ସୋମବାର ରାତିରେ ଦୁଇଟି ବାଇକରେ ୪ଜଣ ଦୁର୍ବୃତ୍ତଆସି ୪ଟି ସିରିଏଲ ବୋମା ଫୁଟାଇ ଲୋକଙ୍କୁ ଭୟଭୀତ କରି ଜଣେ ଗହଣା ଦୋକାନଙ୍କ ଠାରୁ ୬୦ଗ୍ରାମ୍ ସୁନା ସହିତ ଲାପଟପ୍ ଓ ଦୋକାନର ସମସ୍ତ ଚାବିକାଠି ଲୁଟ୍ କରି ନେଇଥିଲେ । ଏ ସମ୍ପର୍କରେ ଖବର ପାଇବା ପରେ ରାତିରେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ସାଲେପୁର ଥାନା ଉପଖଣ୍ଡ ଅଧିକାରୀ ଓ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ପହଞ୍ଚି ତଦନ୍ତ କରିଥିଲେ ମଧ ଅପରାଧୀଙ୍କ ଟେର ପାଇନଥିଲେ । ମଙ୍ଗଳବାର ଦିନ ପୂର୍ବାହ୍ନରେ କଟକ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂହ, ସାଲେପୁର ଏସଡ଼ିପିଓ ବିରଞ୍ଚି ନାରାୟଣ ପତି ନିଶ୍ଚିନ୍ତକୋଇଲି ଥାନାରେ ପହଞ୍ଚି ଅସୁରେଶ୍ୱର ଡ଼କାୟତ ଘଟଣାରେ ତୁରନ୍ତ କିଭଳି ଅପରାଧୀ ମାନଙ୍କୁ ଧରାଯିବ ସେ ନେଇ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ଗହଣା ଦୋକାନୀ ନିରଞ୍ଜନ ସାହୁଙ୍କୁ ଡ଼ାକି ଘଟଣା ସମ୍ପର୍କରେ ବିଭିନ୍ନ ତଥ୍ୟ ପଚାରି ବୁଝିବା ସହ ତାଙ୍କର ସନ୍ଦେହ ସମ୍ପର୍କରେ ମଧ ଅବଗତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଅସୁରେଶ୍ୱର ମେଡ଼ିକାଲ ଛକରେ ମହାବୀର ଜୁଏଲର୍ସ ନାମରେ ଗହଣା ଦୋକାନ କରିଥିବା ନିରଞ୍ଜନ ସାହୁ ତାଙ୍କ ଦୋକାନ ବନ୍ଦ କରି ବାଇକ ଯୋଗେ ନିକଟସ୍ଥ କୂଳଗାଁଇଶାଳୋ ପାଇକରାପୁର ଗ୍ରାମକୁ ଯାଉଥିଲା ବେଳେ ପୁରୁଣା ବ୍ୟାଙ୍କ ଛକ ନିକଟରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଥିଲେ । ଅସୁରେଶ୍ୱର ବଜାରରୁ ପୂର୍ବରୁ ମଧ ତିନି ତିନି ଥର ସୁନା ଦୋକାନରୁ ଚୋରି ହୋଇଥିଲେ ବି ଅଦ୍ୟାବଧି କୌଣସି ଚୋରକୁ ଧରାଯାଇନାହିଁ । ଏଥର ଚୋରି ଘଟଣାରେ ପୋଲିସ ଚୋରକୁ ଧରୁଛି କି ନାହିଁ ସେ ନେଇ ସାଧାରଣରେ ଚର୍ଚ୍ଚା ଯୋର ହେଉଛି । ଅପରପକ୍ଷରେ ଅସୁରେଶ୍ୱର ଅଞ୍ଚଳବାସୀ ଦୀର୍ଘ ଦିନ ହେବ ଗୋଟିଏ ନୂଆ ଫାଣ୍ଡି ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ ତାହା କରାଯାଉନଥିବାରୁ ଦିନକୁ ଦିନ ଏ ଅଞ୍ଚଳରେ ଚୋରି ,ଡ଼କାୟତି ଓ ରାହାଜାନୀ ବଢିବାରେ ଲାଗିଛି । ତୁରନ୍ତ ଏଠାରେ ଏକ ନୂତନ ଫାଣ୍ଡି ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## କାଶିପୁର ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ : ଶିକ୍ଷକ ଓ ଶ୍ରେଣୀଗୃହ ଅଭାବ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ କୋଲଣପୁର ପଞ୍ଚାୟତ କୁଳିଆ ଠାରେ ଥିବା କାଶିପୁର ମୁକ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନରେ ବାଧାପ୍ରାପ୍ତ ଦେଖାଦେଇଛି । ଏହି ବିଦ୍ୟାଳୟର ୩ଟି ଶ୍ରେଣୀଗୃହ ଅଭାବ ରହିଥିବା ବେଳେ ପ୍ରଧାନଶିକ୍ଷକ ସମେତ ୭ଜଣ ଶିକ୍ଷକ ପଦବୀ ଖାଲି ରହିଥିବାରୁ ବିଦ୍ୟାଳୟ ଚାଲିବାରେ ସମସ୍ୟା ଉପୁଜୁଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧ଗୋଟି ଶ୍ରେଣୀରେ ମୋଟ୍ ୩୨୫ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୭ଜଣ ଶିକ୍ଷକ ନଥିବାରୁ ସଠିକ୍ ପାଠପଢା ହୋଇପାରୁନାହିଁ । ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୨୧୯ ଜଣ ଛାତ୍ର ଛାତ୍ରୀ ଏଠାର ପାଠ ପଢୁଥିବା ବେଳେ ସରକାରୀ ନିୟମ ଅନୁଯାୟୀ ସେମାନଙ୍କ ପାଇଁ ୮ଜଣ ଶିକ୍ଷକ ଆବଶ୍ୟକ ରହିଛି । ହେଲେ ଦୀର୍ଘ ଦିନ ହେବ ମାତ୍ର ୪ଜଣ ପ୍ରାଥମିକ ବିଦ୍ୟାଳୟ ସ୍ତରର ଶିକ୍ଷକ ଶିକ୍ଷୟିତ୍ରୀ ରହିଥିବା ବେଳେ ଅନ୍ୟ ୪ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି । ଚଳିତ ଶିକ୍ଷାବର୍ଷରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଛାତ୍ର ଛାତ୍ରୀ ଅନୁପାତରେ ଅଧିକ ଶିକ୍ଷକ ଥିବା ସ୍କୁଲ ଗୁଡ଼ିକରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ବଦଳି କରାଯାଇଥିବାବେଳେ ଏହି ବିଦ୍ୟାଳୟକୁ ଏଥର ଜଣେ ହେଲେ ନୂଆ ଶିକ୍ଷକ ଆସିନଥିବାରୁ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହାଛଡ଼ା ଏହି ବିଦ୍ୟାଳୟରେ ୩ଗୋଟି ଶ୍ରେଣୀଗୃହ ଅଭାବ ରହିଥିବାରୁ ଗୋଟିଏ କୋଠରୀରେ ଶିଶୁ ବାଟିକା ଠାରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ୫ଗୋଟି ଶ୍ରେଣୀର ଛାତ୍ର ଛାତ୍ରୀମାନେ ଏକାଠି ବସୁଛନ୍ତି । ଏହି ୫ଗୋଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ପକ୍ଷେ ଶିକ୍ଷାଦାନ କରିବା ସମ୍ଭବପର ହେଉନାହିଁ । ଏହାଛଡ଼ା ଉଚ୍ଚ ବିଦ୍ୟାଳୟ ସ୍ତରରେ ନବମ ଓ ଦଶମ ଶ୍ରେଣୀରେ ମୋଟ୍ ୯୬ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩ଟି ଶିକ୍ଷକ ପଦବୀ ଖାଲି ରହିଛି । ୨୦୧୭ ମସିହା ମେ ମାସ ଠାରୁ ଏଠାରେ ନୂଆ ହିନ୍ଦୀ ଶିକ୍ଷକ ନିଯୁକ୍ତି ହୋଇନାହାଁନ୍ତି । ଫଳରେ ବିଗତ ୮ବର୍ଷ ହେବ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ହିନ୍ଦୀ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏହାଛଡ଼ା ଗତ ୨୦୨୪ ଜୁନ୍ ମାସରୁ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ମିଶ୍ର ଅବସର ଗ୍ରହଣ କରିଥିଲେ ମଧ ତାଙ୍କ ସ୍ଥାନରେ କେହି ନୂଆ ପ୍ରଧାନଶିକ୍ଷକ ନିଯୁକ୍ତି ପାଇନାହାଁନ୍ତି । ଗତ ଜାନୁଆରୀ ୨୦୨୫ ରୁ ତାଲିମପ୍ରାପ୍ତ କଳା ଶିକ୍ଷକ ସରୋଜ କୁମାର ପ୍ରଧାନ ଅବସର ଗ୍ରହଣ କରିଥିଲେ ମଧ ତାଙ୍କ ସ୍ଥାନରେ କେହି ନୂଆ ଶିକ୍ଷକ ନିଯୁକ୍ତି ହୋଇନାହାଁନ୍ତି । ଫଳରେ ଜଣେ ତାଲିମପ୍ରାପ୍ତ କଳା ଶିକ୍ଷକ ସସ୍ମିତା ପରିଡ଼ା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ନବମ ଓ ଦଶମ ଶ୍ରେଣୀରେ ଇଂରାଜୀ, ସାହିତ୍ୟ ଓ ଇତିହାସ ପଢାଇବା କଷ୍ଟକର ହେଉଛି । ଫଳରେ ଉଚ୍ଚବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସଠିକ୍ ଭାବେ ଇଂରାଜୀ ଓ ମାତୃଭାଷା ଶିକ୍ଷା ପାଇପାରୁନାହାଁନ୍ତି । ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଥିବାରୁ ଏହାକୁ ପୂରଣ କରିବା ପାଇଁ ପରିଚାଳନା କମିଟି ପକ୍ଷରୁ ଶିକ୍ଷାବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାଁନ୍ତି । ତୁରନ୍ତ ଏହି ବିଦ୍ୟାଳୟକୁ ଆବଶ୍ୟକ ଶ୍ରେଣୀ ଗୃହ ଓ ଉପଯୁକ୍ତ ଶିକ୍ଷକ ଯୋଗାଇଦେବା ପାଇଁ ଶିକ୍ଷାବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଦାବି ହୋଇଛି ।

## ୩ ଶିକ୍ଷକରେ ଚାଲିଛି ୮ଟି ଶ୍ରେଣୀ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ପଂଚାୟତ ଅନ୍ତର୍ଗତ ପୋବଳ ୟୁଜିଏମଇ ବିଦ୍ୟାଳୟ ଅନେକ ସମସ୍ୟା ଦେଇ ଗତି କରୁଛି । ଏଠି ୮ଗୋଟି ଶ୍ରେଣୀକୁ ମାତ୍ର ୨ଜଣ ଶିକ୍ଷୟତ୍ରୀ ସହ ଜଣେ ଡେପ୍ଲୋୟଡ ଶିକ୍ଷକ ପିଲାଙ୍କୁ ପାଠ ପଡାଉଛନ୍ତି । ଏହି ସ୍କୁଲରେ ୩ଟି ଶ୍ରେଣୀ ଗୃହ ରହିଥିବା ବେଳେ ଗୋଟିଏ ଶ୍ରେଣୀ ଗୃହର ଅଧାରେ ଚାଉଳ ଓ ଅନ୍ୟ ସାମଗ୍ରୀ ରହୁଥିବାରୁ ସେହି ଶ୍ରେଣୀ ଗୃହରେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏକାଠି ବସି ପାଠ ପଢୁଛନ୍ତି ଅନ୍ୟ ଦୁଇଟି ଶ୍ରେଣୀ ଗୃହରେ ଭାଟିକାରୁ ଆରମ୍ଭ କରି ତୃତୀୟ ଓ ଅନ୍ୟ ଗୋଟିଏ ଶ୍ରେଣୀ ଗୃହରେ ଚତୁର୍ଥରୁ ପଂଚାମ ଯାଏଁ ଚାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଛନ୍ତି । ଫଳରେ ଏଠାରେ ଶିକ୍ଷାଦାନ ସମ୍ପୁର୍ଣ୍ଣ ଭୁଷୁଡି ପଡିଥିବା ନଜରକୁ ଆସିଛି । ଯେଉଁଥି ପାଇଁ ଅଭିଭାବକ ମାନେ ତାଙ୍କ ପିଲାଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ବିଦ୍ୟାଳୟ ରୁ ମୁହଁ ଫେରେଇ ନେଇ ପିଲାଙ୍କ ଟିସି ନେଇ ଅନ୍ୟତ୍ର ନାମ ଲେଖାଇ ପାଠ ପଡାଉଛନ୍ତି । ଏଠି ଶିଶୁ ବାଟିକାରୁ ନେଇ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଗୋଟି ଶ୍ରେଣୀ ଅଛି। ସରକାରଙ୍କ ଶିକ୍ଷା ନୀତି ଅନୁସାରେ ପ୍ରଥମରୁ ପଂଚମ ପର୍ଯ୍ୟନ୍ତ ସର୍ବ ନିମ୍ନ ୨ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ୬ଷ୍ଠ ୭ମ ଏବଂ ଅଷ୍ଟମ ପାଇଁ ୩ଜଣ ଏମିତି ସର୍ବ ନିମ୍ନ ୫ଜଣ ଶିକ୍ଷକ/ଶିକ୍ଷୟତ୍ରୀ ରହିବା କଥା ତା ସହିତ ଯେହେତୁ ପୋବଳ ବିଦ୍ୟାଳୟଟି ଏକ ମଧ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେଣୁ ଏଠାରେ ଜଣେ ପ୍ରଧାନ ଶିକ୍ଷକ ପଦବୀ ସର୍ବଦା ପୂରଣ ହେବା କଥା। ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ଥିବା ୨ଜଣ ରେଗୁଲାର ଶିକ୍ଷୟତ୍ରୀ ଏବଂ ଜଣେ ଡେପ୍ଲୋୟଡ଼ ଙ୍କ ମଧ୍ୟରୁ ଜଣେ ଜଗିଲେ ମଧ୍ୟାହ୍ନ ଭୋଜନ ଆଉ ଜଣେ କାଗଜ ପତ୍ର ଏବଂ ଅନ ଲାଇନ କାମରେ ନିୟୋଜିତ ରହୁଛନ୍ତି । ତେଣୁ ପାଠ ପଢେଇବ କିଏ? ଆଉ ଜଣେ ଡେପୁଟେସନ ରେ ଅଛନ୍ତି ସେ ନିରୁପାୟ କେବଳ ଚୌକିଦାର ସାଜି ପିଲାଙ୍କୁ ଜଗିଥାନ୍ତି । ଏହି ହେଉଛି ଏକ ସର୍ବ ପୁରାତନ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଶିକ୍ଷା ଧିକାରୀଙ୍କ ଅଧୀନରେ ଥିବା ପୋବଳ ୟୁ ଜି ଏମ ଇ ବିଦ୍ୟାଳୟର ନିଚ୍ଛକ ବିକଳ ଅବସ୍ଥା । କିନ୍ତୁ ସବୁ ଶୁଣି କି ନ ଶୁଣିଲା ପରି ଅଭିନୟ କରୁଛି ଶିକ୍ଷା ବିଭାଗ । ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ବ୍ଲକ ଶିକ୍ଷାଧିକାରୀ ଙ୍କୁ ଭେଟି ସମସ୍ୟା ସମ୍ପର୍କ ରେ ଅବଗତ କରିବା ସହ ବିଧାୟକ ହିମାଂଶୁ ଶେଖର ଙ୍କୁ ଭେଟି ତାଙ୍କ ଅନୁମୋଦିତ ଚିଠି ବିଇଓଙ୍କୁ ଗତ ୧୦ମଇ ୨୦୨୫ ରେ ପ୍ରଦାନ କରିଥିଲେ। ଅଦ୍ୟାବଧି ୩ମାସ ପୂରିବାକୁ ବସିଥିବାବେଳେ ଶିକ୍ଷା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ । ତୁରନ୍ତ ପୋବଳ ୟୁ ଜି ଏମ ଇ ବିଦ୍ୟାଳୟ ର ସମସ୍ୟା ଉପରେ ବିଚାର କରି ଆବଶ୍ୟକତା ଅନୁସାରେ ଶିକ୍ଷକ ଓ ଶ୍ରେଣୀ ଗୃହ ଉପଲବ୍ଧ କରାଇବାକୁ ଗ୍ରାମବାସୀ ପ୍ରଶାସନ, ଶିକ୍ଷା ବିଭାଗ ଓ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ବିଧାୟକ ଙ୍କୁ ନିବେଦନ କରିଛନ୍ତି । ଯଦି ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଗ୍ରାମବାସୀ ଆସନ୍ତା ୨୦ ଅଗଷ୍ଟ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟ ରେ ତାଲା ପକାଇ ଧାରଣା ରେ ବସିବେ ବୋଲି ରୋକଠୋକ ଭାବେ ଚେତାବନୀ ଦେଇଛନ୍ତି । ଏଥି ସହିତ ଏକ ପୁରାତନ ନାମକରା ବିଦ୍ୟାଳୟ ର ଏପରି ବିପର୍ଯ୍ୟସ୍ତ ଅବସ୍ଥାକୁ ସବୁ ମହଲ ଦୁଃଖ ପ୍ରକାଶ କରିବା ସହ ଏଥିପାଇଁ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରିବା ସହ ଦୃଢ଼ ନିନ୍ଦା କରିଛନ୍ତି ।

# ବିଛାଖଣ୍ଡି କଳାପଥର ଖଣି: ଦୈନିକ ହଜାରେ ଟ୍ରିପ କଳାପଥର ଲୁଟ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର କଳାପଥର ଚୋରି ପାଇଁ ରାଜ୍ୟରେ ଏକଦା ସବୁଠୁ ଅଧିକ ଆଲୋଚନା ହେଇଥିବା ଧର୍ମଶାଳା ତହସିଲର ବିଛାଖଣ୍ଡି ପାହାଡ ଓ ସେଠାର କଳାପଥର ଖଣିରୁ ଆଖିବୁଜା ପଥର ଲୁଟପାଟ ନେଇ ଏବେ ପୁଣି ଏହି ପାହାଡ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏବେ ଲିଜ ପ୍ରଦାନକୁ ଆଳକରି ବିନା ଟିପିରେ ଦୈନିକ ହଜାରେ ଟ୍ରିପରୁ ଉର୍ଦ୍ଧ୍ୱ କଳାପଥର ଏଠାରୁ ଲୁଟ ହେଉଛି । ଶକ୍ତିଶାଳୀ ବିସ୍ଫୋରଣ କରି ମାଫିଆମାନେ ଉକ୍ତ ପାହାଡରୁ ପଥର ଫଟାଇ ବଡବଡ ମେସିନ ଓ ହାଇଉଆ ଟ୍ରକ ସାହାଯ୍ୟରେ ପାଖାପାଖି କ୍ରସର ଗୁଡିକୁ ବେଆଇନ ଭାବେ ପଥର ପରିବହନ କରୁଛନ୍ତି । ଏହି ପାହାଡରୁ ପଥର ଚୋରିପାଇଁ ଯାଜପୁରର ଜଣେ ପୂର୍ବତନ ଜିଲ୍ଲାପାଳ ଓ ଏକାଧିକ ତହସିଲଦାରଙ୍କ ସହ ବହୁ ରାଜସ୍ୱ କର୍ମଚାରୀଙ୍କ ନାମରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ମାମଲା ଦାୟର ହେବାସହ ଗିରଫ ପରଆନା ଯାରୀ ହୋଇଥିଲା । ହଜାରେ କୋଟି ଟଙ୍କାର ପଥର ଚୋରି ମାମଲାରେ ଏହି ଅଧିକାରୀ ମାନଙ୍କୁ ସିଧାସଳଖ ଦାୟୀ କରି କେଶର ତଦନ୍ତକରୁଥିବା ରାଜ୍ୟ କ୍ରାଇମବ୍ରାଞ୍ଚ ସେମାନଙ୍କ ବିରୁଦ୍ଧରେ ଚାର୍ଜସିଟ ମଧ ଦାଖଲ କରିଥିଲା । ଯାହାକୁନେଇ କିଛିଦିନ ହେବ ଏଠାରୁ ସାମୁହିକଭାବେ ପଥରଚୋରି ବନ୍ଦ ରହିଥିଲା । ହେଲେ ରାଜ୍ୟରେ ସରକାର ବଦଳିବା ପରେ ଏବେ ଏଠାରୁ ପୁଣି ଆଖିବୁଜା ପଥର ଚୋରୀ ଆରମ୍ଭ ହୋଇଯାଇଛି । ଗତ ସରକାର ସମୟରେ ଯେଉଁ ଭଳି କଳାପଥର ଲୁଟ ଚାଲିଥିଲା ଏବେ ତାଠାରୁ ଅଧିକ ଲୁଟପାଟ ହୋଇଚାଲିଛି । ଲଘୁ ଖଣିଜ ପଦାର୍ଥର ଚୋରି ବନ୍ଦ କରାଯାଇ **ସ୍ୱଛତା** ଆଧାରରେ ଖଣି ପରିଚାଳନା କରିବାକୁ ହରକାର ଅନେକ ପଦକ୍ଷେପ ନେଉଛନ୍ତି । ହେଲେ ଏଠାରେ ହରକାଳଙ୍କ କୌଣସି ନିତିନିୟମ କାମରେ ଲାଗୁନି । ଏଠାରେ ଚୋରି ଓ ଲୁଟପାଟ ଚାଲିଛି । ସ୍ଥାନୀୟ ଜେନାପୁର ପୋଲିସ ଓ ଜିଲ୍ଲା ସ୍ତରରେ ଖଣିଚୋରି ରୋକିବା ପାଇଁ ଗଠିତ ଟାକ୍ସଫୋର୍ସ ସବୁକିଛି ଜଳଜଳ ଦେଖୁଥିଲେ ମଧ ଏହି ଲୁଟପାଟକୁ ରୋକିବାକୁ ସାମାନ୍ୟ ଚେଷ୍ଟା କରୁନଥିବା ସାଧାରଣରେ ଆଲୋଚନା ହେଉଛି । ବିଶେଷକରି ଗତ କିଛିଦିନ ହେବ ସରକାରଙ୍କ ପକ୍ଷରୁ ଏହି ପହାଡର ୫/୬ଟି ଖଣିକୁ ଲିଜ ଓ ଟିପି ପ୍ରଦାନ କରାଯାଇଛି । ତାହାକୁ ଆଳକରି ଲିଜଧାରୀଙ୍କ ଇଙ୍ଗିତରେ ଲିଜ ଅଞ୍ଚଳ ବାହାରୁ ପାହାଡର ବ୍ୟାପକ ସ୍ଥାନକୁ ଖିନଭିନ କରି ମାଫିଆମାନେ ପଥର ଲୁଟପାଟ କରୁଛନ୍ତି । ଓଏମଏମସି ନିୟମ ଆଧାରରେ ଖଣି ଲିଜ ପ୍ରଦା କରାଯାଇ ସେହି ଆଧାରରେ ଖଣିଖନପ ପାଇଁ ଲିଜଧାରୀଙ୍କ ସହ ସରକାର ଚୁକ୍ତି ସ୍ୱାକ୍ଷର କରିଛନ୍ତି । ହେଲେ ଲିଜଧାରୀ ମାନେ ଖୋଲାଖୋଲି ସେହି ଚୁକ୍ତି ଖିଲାପକରି ସମ୍ପୂର୍ଣ୍ଣ ବେଆଇନ ଭାବେ ଏଠାରୁ ପଥର ଉତ୍ତୋଳନକରି ଦୈନିକ କୋଟିକୋଟି ଟଙ୍କାର ସରକାରୀ ରାଜସ୍ୱ ଆତ୍ମସାତ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ତଥା ଜିଲ୍ଲା ଲଘୁ ଖଣି ଅଧିକାରୀ ଏହାର ତନଖି କରୁନାହାନ୍ତ । ଯେଉଁଥିପାଇଁ ଦିନକୁ ଦିନ ଏଠାରେ ପଥର ଚୋରୀ ବୃଦ୍ଧି ପାଇବାରେ ଲାଗିଛି! ଲଘୁ ଖଣିଜ ବିଭାଗ ପକ୍ଷରୁ ବିଛାଖଣ୍ଡି ମୌଜାରେ ବିଏସକ୍ୟୁ ନମ୍ବର ୧-ଖାତା ୮୨୨,ପ୍ଲଟ ୨୩୩୮(ପି ),ଏରିଆ ୫ଏକର,୩୧୨୨୫ କ୍ୟୁବିକି ମିଟର,ବିଏସକ୍ୟୁ , ୨ନମ୍ବର ଖାତା ୮୨୨,ପ୍ଲଟ -୨୩୩୮(ପି),କ୍ୟୁବିକ ମିଟର -୧୩୫୪୩,ବିଏସକ୍ୟୁ ନଂ - ୪,ଖାତା -୮୨୨,ଏରିଆ ୬.୨୫ ଏକର,କ୍ୟୁବିକ ମିଟର ୩୫୩୩୦, ନଂ୫ ଖାତା -୮୨୨,ଏରିଆ ୫ ଏକର,୨୧୬୭୪କ୍ୟୁବିକ ମିଟର, ବିଏସକ୍ୟୁ ନଂ୬,ଖାତା ୮୨୨,ପ୍ଲଟ ୨୩୮୮,ଏରିଆ ୯.୩୦ଏକର, ୩୦୦୨୭କ୍ୟୁବିକି ମିଟର, ନଂ୧୭-ଖାତା ୩୮୯,ଏରିଆ ୧୧.୫୦, ଏକର ,କ୍ୟୁବିକ ମିଟର ୫୪୮୭୨,ବିଏସକ୍ୟୁନଂ ୧୯,ଏରିଆ ୪ ଏକର,କ୍ୟୁବିକ ୧୨୪୨୬ ମିଟର,ବିଏସକ୍ୟୁ ନଂ୨୨, ଏରିଆ ୬.୫୦ ଏକର,୩୦୩୨୭କ୍ୟୁବିକି ମିଟର ସୈରାତରୁ ପଥର ଉତ୍ତୋଳନ ପାଇଁ ଲିଜ ପ୍ରଦାନ କରାଯାଇଛି । ହେଲେ ବର୍ଷକ ମଧରେ ଖଣିରୁ ଯେତିକି ପଥର ଉତ୍ତୋଳନ କରିବା କଥା ଲିଜଧାରୀ ମାନେ ଦିନ କେଇଟାରେ ତାଠାରୁ ବହୁଗୁଣରେ ପଥର ଉତ୍ତୋଳନ କରି ଚୋରା ଚାଲାଣ କରୁଥିଲେ ମଧ ତାହାର ତନଖି ହେଉନାହିଁ। ବିଧି ବ୍ୟବସ୍ଥା ଅନୁଯାୟୀ, ଖଣି ଚଳାଇବା ପାଇଁ ବିଭିନ୍ନ ବିଭାଗର ଅନୁମତି ବା ସାର୍ଟିଫିକେଟ ପାଇବା ପରେ ଲିଜଧାରୀଙ୍କୁ ଟ୍ରାନ୍ସଜିଟ୍ ପାସ ବା ୱାଇ ଫର୍ମ ମିଳିଥାଏ । ଲିଜ୍ ଅଞ୍ଚଳ ବା ପରିମାଣକୁ ଦୃଷ୍ଟିରେ ରଖି ଲିଜଧାରୀଙ୍କୁ ଆବଶ୍ୟକ ପରିମାଣର ୱାଇ ଫର୍ମ ବା ଟିପି ଦିଆଯାଇଥାଏ । ଖଣିରୁ ଲଘୁ ଖଣିଜ ପରିବହନ କରୁଥିବା ଯାନବାହାନକୁ ଲିଜଧାରୀ ପ୍ରତି ଟ୍ରିପରେ ୱାଇ ଫର୍ମ ବା ଟିପି ପ୍ରଦାନ କରିବା କଥା । ହେଲେ ଲିଜଧାରୀ ମାନେ ଗଣିରୁ ପଥର ପରିବହନ କରୁଥିବା ଗାଡିକୁ ଟିପି ନଦେଇ ସିଧାସଳଖ ଶହଶହ ଟ୍ରିପ ପଥର ଚୋରି କରୁଥିବା ଅଭିଯୋଗ ହୋଇଛି । ଏତେବଡ ଚୋରି ଓ କୋଟିକୋଟି ଟଙ୍କାର ରାଜସ୍ୱ ଲୁଟକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଲଘୁ ଖଣି ବିଭାଗ ଉପଯୁକ୍ତ ଧ୍ୟାନ ଦେବାକୁ ଦାବି ହୋଇଛି ।

### ଉଚ୍ଛେଦକୁ ପୂରିଲା ଦେଢବର୍ଷ : ହୋଇପାରୁନି ବ୍ୟବସାୟୀଙ୍କ ଥଇଥାନ

# ଜବରଦଖଲରେ ମୂଲ୍ୟବାନ ସରକାରୀ ଜମି

ନିମାପଡା,(ସବ୍ୟୁ): ରାସ୍ତା ସଂପ୍ରସାରଣ କାର୍ଯ୍ୟ ପାଇଁ ମାପଚୂପ କରାଯାଇ ଦୀର୍ଘଦିନ ଧରି ରାସ୍ତା ପାର୍ଶ୍ୱର ସରକାରୀ ଜାଗାରେ କ୍ୟାବିନ ଓ ଆଜବେଷ୍ଟସ ଘର କରି ବ୍ୟବସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଗଲା । ଉଚ୍ଛେଦ ସମୟରେ ଦୋକାନ ହରାଉଥିବା ବ୍ୟଯବସାୟୀଙ୍କ ନାଁ ଲେଖି ଏନ୍ଏସି ପ୍ରଶାସନ ନେଇଥିଲା ଏବଂ ସେମାନଙ୍କ ପାଇଁ ତୁରନ୍ତ ଭେଣ୍ଡିଜୋନ ନିର୍ମାଣ କରାଯାଇ ଯୋଗାଇ ଦିଆଯିବ ବୋଲି ଏନଏସି ପ୍ରଶାସନ ଓ ତତ୍କାଳୀନ ବିଧାୟକ ସମୀର ରଂଜନ ଦାଶ ଜୀବିକା ହରାଇଥିବା ବ୍ୟ ବସାୟୀମାନଙ୍କୁ ପ୍ରତିଶୃତୀ ଦେଇଥିଲେ ।ତେଣୁ ଦୋକାନ ହରାଇଥିବା ଗରିବ ବ୍ୟବସାୟୀମାନେ ଭାବିଥିଲେ ପ୍ରଶାସନ ଦେଇଥିବା ପ୍ରତିଶୃତିରକ୍ଷା କରି ଭେଣ୍ଡିଜୋନ ଯୋଗାଇଦେବ ଏବଂ ସେ ପୂର୍ବଭଳି ଦୋକାନ କରି ପିଲାଛୁଆଙ୍କ ମୁହଁରେ ଦାନା ଯୋଗାଇବେ । ହେଲେ ଦେଢ ବର୍ଷରୁ ଉର୍ଦ୍ଧ୍ୱ ହେବ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କ ଥଇଥାନ କରିବାରେ ଏନ୍ଏସି ପ୍ରଶାସନ ବିଫଳ ହୋଇଥିବା ନେଇ ଅଭିଯୋଗ ହେଉଛି । ଅପରପକ୍ଷେ ବିଜେଡି ସରକାର ସମୟରେ ଉଚ୍ଛେଦ ହୋଇଥିବା ବେଳେ ବିଜେପି ସରକାର ଆସିବାର ୧୩ ମାସ ପୁରିଲାଣି କିନ୍ତୁ ପ୍ରଶାସନ ଦେଇଥିବା ପ୍ରତିଶୃତି ପୁରଣ କରିବା ପରିବର୍ତ୍ତେ ଉଚ୍ଛେଦ ବ୍ୟବସାୟୀଙ୍କ ପେଟକୁ ଲାତ ମାରିଛି ବୋଲି ବ୍ୟବସାୟୀ ମାନେ ଅଭିଯୋଗ କରିଛନ୍ତି । ଏଣେ ରାସ୍ତା ସଂପ୍ରସାରଣ ପାଇଁ ରାସ୍ତା କଡର ଦୋକାନ ଗୁଡିକ ଭଙ୍ଗା ଯିବା ପରେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦବଦବା ଦେଖିବାକୁ ମିଳିଛି । ସରକାରୀ ଜାଗାକୁ ମାଡି ଛାତ ଓ ଆଜବେଷ୍ଟସ ଘର କରି କିଏ ଭଡା ଲଗାଇଛି ତ କିଏ ନିଜ ବ୍ୟବସାୟ ପ୍ରତିଷ୍ଠାନର ଶୀତତାପ ନିୟନ୍ତ୍ରୀତ ଅଫିସ କରି ବସିଥିବା ଦେଖିବାକୁ ମିଳୁଛି । କିନ୍ତୁ ଏ ନେଇ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବତା ପଛରେ କି ରହସ୍ୟ ରହିଛି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି । ତୁରନ୍ତ ଥଇଥାନ ନିମନ୍ତେ ଉଚ୍ଛେଦ ବ୍ୟବସାୟୀ ମାନେ ସ୍ଥାନୀୟ ଏନ୍ଏସି ପ୍ରଶାସନ ନିକଟରେ ବାରମ୍ବାର ଦାବୀ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି । ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଚ୍ଛେଦ ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ସାକ୍ଷୀଗୋପାଳ ମନ୍ଦିର ଝୁଲଣକୁଞ୍ଜରେ ଠାକୁର

ସାକ୍ଷୀଗୋପାଳ, (ସବ୍ୟୁ): ପବିତ୍ର ଶ୍ରାବଣ ମାସ ଶୁକ୍ଳପକ୍ଷ ପକ୍ଷ ଦଶମୀ ତିଥି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରାବଣମାସ ଶୁକ୍ଳପକ୍ଷ ଦଶମୀ ତିଥି ଠାରୁ ପରମ୍ପରା କ୍ରମେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ରଙ୍ଗ ବେରଙ୍ଗ ଜରି ଜମୁରା, କାଗଜ, ଶୋଲ ଆଦିରେ, କଦମ୍ବ, ପଦ୍ମଫୁଲ, ସେବତୀ ଫୁଲହାର, ଝଲର, କୃଷ୍ଣ, ବଳରାମ, ରୋହିଣୀ, ଯଶୋଦା, ଗୋପି, ଗୋପାଳ, ସଖୀ ମାନେ ଶୋଭା ପାଉଛନ୍ତି ଝ, ଶୁଆ,ଶାରୀ, ବଣି, ପାରା, ବଗ,



ମୟୁର ଝୁଲଣ କୁଞ୍ଜରେ ଶୋଭା ପାଉଛନ୍ତି। ଆକର୍ଷଣୀୟ ଆଲୋକମାଳାରେ ଝୁଲଣ କୁଞ୍ଜ ସହ ଝୁଲଣ ମଣ୍ଡପ ସଜ୍ଜିତ କରାଯାଇଛି। ଝୁଲଣ ମଣ୍ଡପ ସମ୍ମୁଖରେ ଭୀମ ଓ ଦୁଃଶାସନଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ ହୋଇଅଛି । ଝୁଲଣ ସାଜସଜ୍ଜା ସହିତ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ ଆକର୍ଷଣୀୟ ହୋଇଛି। ଠାକୁରଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ମଦନମୋହନ ଦେବ ଭିତର କୁଞ୍ଜରେ ବିଜେ କରିବାପରେ ଠାକୁରଙ୍କୁ ଟାହିଆ ଲାଗି, ଯାତଭୋଗ, ଆଳତି ଅନୁଷ୍ଠିତ ହୋଇଥିଲା

## ବେସରକାରୀ ବିଦ୍ୟାଳୟ ସଂଘ ବାର୍ଷିକ ବୈଠକ

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ବେସରକାରୀ ବିଦ୍ୟାଳୟ ସଂଘ ବାର୍ଷିକ ବୈଠକ ସ୍ଥାନୀୟ ବାଗଦେବୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଅଭିମନ୍ୟୁ ନାୟକ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟ ସଭାପତି ,ସଂପାଦକ ,ଅଧ୍ୟକ୍ଷ , ଅଧ୍ୟକ୍ଷା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସରକାରଙ୍କ ଆର.ଟି.ଇ ଯୋଜନା ମାଧ୍ୟମ୍ୟ ରେ ଆର୍ଥିକ ଅନଅଗ୍ରସର ଛାତ୍ରଛାତ୍ରୀ ବିଦ୍ୟାଳୟରେ ମାଗଣାରେ କିପରି ପାଠ ପଢି ପାରିବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା । ସରକାରୀ ସ୍ତରରେ ଯେପରି ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରୀ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ସେହିପରି ବେସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ର ସବୁଥିରେ ଅଂଶ ଗ୍ରହଣ କରିବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା । ଦରକାର ହେଲେ ଏଥିପାଇଁ ଆନ୍ଦୋଳନ କରାଯିବ ବୋଲି ସଭାପତି ଶ୍ରୀ ନାୟକ ତାଙ୍କ ବିବୃତି ରେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସଂପାଦକ ଅରୁଣ କୁମାର ଶତପଥି , ବନମାଳିପୁର ସ୍ଥିତ ଆଦର୍ଶ ଶିଶୁ ନିକେତନ ସଂପାଦକ ସୁରେନ୍ଦ୍ର କୁମାର ସାହୁ , ବାଲିପାଟଣା ସ୍ଥିତ ସରସତୀ ଶିଶୁ ମନ୍ଦିର ସଂପାଦକ ଘନଶ୍ୟାମ ଭୋଳ ,ବିଶନାଥପୁର ସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିର ଅଧ୍ୟକ୍ଷା ସଙ୍ଗିତା ହୋତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବାଙ୍କୀ ମହୋତ୍ସବ ୨୦୨୫ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

ବାଙ୍କୀ ,(ସବ୍ୟୁ): ବାଙ୍କୀ ଗଣ ପର୍ବ ବାଙ୍କୀ ମହୋତ୍ସବ ଚଳିତ ବର୍ଷ ପାଳିବ ରୌପ୍ୟ ଜୟନ୍ତୀ। ଏହି ଉପଲକ୍ଷେ ରବିବାର ଦିନ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ ମହୋତ୍ସବ ସଭାପତି ତଥା ବିଧାୟକ ଦେବୀ ରଂଜନ ତ୍ରିପାଠୀ ଯୋଗ ଦେଇ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ଏସ, ଡି, ପି, ଓ, ବାଲକୃଷ୍ଣ କହଁର, ବାଙ୍କୀ ଏନ୍, ଏ, ସି, ର ନଗରପାଳ ମାଣିକ ସାହୁ, ଜିଲ୍ଲାପରିଷଦ ସଭ୍ୟ ଆଶିଷ କୁମାର ସାହୁ, କେନ୍ଦ୍ର ଜୋନ ସଭ୍ୟ ମିନତୀ ମହାପାତ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ,



ବାଙ୍କୀ ମହୋତ୍ସବ ସାଧାରଣ ସମ୍ପାଦକ ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରତି ବର୍ଷ ଠାରୁ ଆହୁରି ସରସ ସୁନ୍ଦର କରିବା ପାଇଁ କମିଟି ର ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ। ଉପ ନଗରପାଳ ସନ୍ତୋଷ କୁମାର ରଣା ସଭା ସଞ୍ଚାଳନ କରୁଥିବା ବେଳେ କାଉନସିଲ୍ ସନାତନ ବେହେରା, ଉପ ସଭାପତି ସୌମେନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ପଠାଣି ବେହେରା, ସମରେନ୍ଦ୍ର ମହାପାତ୍ର, ଉପ ସଭାପତି ଅନନ୍ତ ଦାସ ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

## ଦ୍ୱିତୀୟ ଅଭିଭାବକ– ଶିକ୍ଷକ ବୈଠକ

ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡ଼ା ସହରାଂଚଳସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ବୁଧବାର ଦିନ ୨ୟ ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ମହାବିଦ୍ୟାଳୟର ସମସ୍ତ ସୁବିଧା, ସହାୟତା ପାଠ୍ୟ ଖସଡ଼ା, ପରୀକ୍ଷା ପ୍ରଣାଳୀ ଅଭିଭାବକଙ୍କ ଦାୟିତ୍ୱ, ଶିକ୍ଷକ ମାନଙ୍କ ସହିତ ସମନ୍ୱୟ ରକ୍ଷା ଇତ୍ୟାଦି ବିଷୟ ଉପରେ ଆଲୋକ ପାତ କରିଥିଲେ। ଶୈକ୍ଷିକ ପରିବେଶ ଛାତ୍ରୀମାନଙ୍କ ଉତମପାଠ୍ୟ ପ୍ରଦର୍ଶନ, ବୃତିଗତ ବ୍ୟବସ୍ଥା ଓ କ୍ୟାରିୟର ପରାମର୍ଶ ପାଇଁ ପ୍ରଚଳିତ ଆନ୍‌ଲାଇନ୍ ପାଠଚକ୍ର ସମ୍ପର୍କରେ ଅଧ୍ୟାପିକା ବିଶ୍ୱଭାରତୀ ମହାରଣା ସୂଚନା ଦେଇଥିଲେ। ଚଳିତ ଶିକ୍ଷାବର୍ଷର କାର୍ଯ୍ୟସୂଚୀ, ପରୀକ୍ଷା ସାରଣୀ, ବିଗତ ବର୍ଷର ପରୀକ୍ଷା ଫଳ ଚଳିତ ବର୍ଷ ଚାପମୁକ୍ତ ପରିବେଶରେ କିପରି ଉନ୍ନତମାନର ପରୀକ୍ଷା ଦେଇ କିପରି ସଫଳତା ପ୍ରାପ୍ତି ହେବ ସେ ସମ୍ପର୍କରେ ଅଧ୍ୟାପିକା ନିବେଦିତା ପଟ୍ଟନାୟକ ସୂଚନା ଦେଇଥିଲେ। ଅଧ୍ୟାପିକା ବିଶ୍ୱଭାରତୀ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ୨ୟ ବର୍ଷର ଛାତ୍ରୀଙ୍କ ଅଭିଭାବକମାନେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିଲେ। ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରସଂଶନୀୟ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ କଲେଜ ପରିସରରେ ଅଭିଭାବକମାନେ ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ଅଭିଭାବକମାନେ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ଆଦର୍ଶ ଶିକ୍ଷକ ଏକାମ୍ର ଅଲ୍ଲୀ ଖାଁଙ୍କ ସ୍ମୃତିଚାରଣ

ଫୁଲନଖରା ,(ସବ୍ୟୁ): ସଦର ଥାନା ଶଙ୍ଖତ୍ରାସ ଶ୍ରୀମା ଅରବିନ୍ଦ ପାଠଚକ୍ର ଗୃହରେ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଏକାମ୍ର ଅଲ୍ଲୀ ଖାଁ ଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତି ଚାରଣ ସଭାରେ ସଭାରେ ବରିଷ୍ଠ ଆଇନ ଯିବି ଉମାକାନ୍ତ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଦର୍ଶ ଶିକ୍ଷକ ସ୍ୱର୍ଗତ ଏକାମ୍ର ଅଲ୍ଲି ଖାଁଙ୍କ ସ୍ମୃତି ଉଦେଶ୍ୟରେ ନିରବ ପ୍ରାର୍ଥନାକରାଯାଇଥିଲା। ।ସେ ଜଣେ ଛାତ୍ର ବତ୍ସଳ, ସ୍ନେହୀ, ପରୋପକାରୀ, ମେଳାପୀ, କ୍ରୀଡ଼ାପ୍ରେମୀ, ତାଙ୍କ ପ୍ରେରଣାରେ ଅଞ୍ଚଳରେ ବହୁ କ୍ରୀଡାବିତି ସୃଷ୍ଟି କରାଇବାରେ ତାଙ୍କର ଅବଦାନ ଅତୁଳନୀୟ ଓ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ଖୁବ ଜଣାଶୁଣା ଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ପୁସ୍ତକାର ଶ୍ରୀ ସନ୍ୟାସୀ, ଡକ୍ଟର ଶରତ ଚନ୍ଦ୍ର ରଥ, ଡକ୍ଟର ଅରବିନ୍ଦ ନନ୍ଦ,ସାହିତ୍ୟିକ ଲିଙ୍ଗରାଜ ମହାନ୍ତି, ଗୋପାଳ ଚନ୍ଦ୍ର ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ, ସମାଜସେବୀ ହୃଦାନନ୍ଦ ଜେନା,ନଳିନୀ କାନ୍ତ ନନ୍ଦ, ଧନେଶ୍ୱର ଜେନା,ପ୍ରଦୀପ୍ତ କୁମାର ସାହୁ,ଗଗନ ବିହାରୀ ଦାସ, ବିଶରଂଜନ ସେନାପତି,ଚିନ୍ମୟ ନନ୍ଦ,ସୁନୀଲ କାନ୍ତ ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି,ସୋମନାଥ ଦାସ,ପ୍ରଶାନ୍ତ ଦୀକ୍ଷିତ,ସନାତନ ସାହୁ,ଅଶୋକ କୁମାର ନନ୍ଦ,ଅକ୍ଷୟ କୁମାର ମୂଳିଆ, ପ୍ରମୋଦ ବୈଠଲୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଖାଁ ଙ୍କ ସ୍ମୃତିଚାରଣ କରିଥିଲେ।

## ଜଙ୍କିଆ ଓମ ଶାନ୍ତି ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ



ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜଙ୍କିଆ ଓମ ଶାନ୍ତି ଆଶ୍ରମରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ସମ୍ମାନୀୟା ବାଚସ୍ପତି ସୁରମା ପାଢୀ ଓ ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱରସ୍ଥ ବ୍ରହ୍ମା କୁମାରୀ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ମୁଖ୍ୟ ଭଉଣୀ ବ୍ରହ୍ମାକୁମାରୀ ଲୀନା ଦିଦିଜୀ ଓ ଜଙ୍କିଆ ଗ୍ରାମ ପଞ୍ଚାୟତର ସରପଂଚ ପଙ୍କଜିନୀ ବଳବନ୍ତରାୟ ଓ ପୂର୍ବତନ ସରପଞ୍ଚ ଶ୍ରୀମତୀ ଶକୁନ୍ତଳା ଜଗଦେବ ଓ ଅନ୍ୟାନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ। ଏହି ସମୟରେ ଅତିଥି ମାନଙ୍କ ଉପସ୍ଥିତିରେ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳନ ହୋଇ ଯାଇଛି। ଓଁ ଶାନ୍ତି ଆଶ୍ରମର ମୁଖ୍ୟ ପରିଚାଳିକା ବିକେ ଉମା ଭଉଣୀଙ୍କ ନେତୃତ୍ୱରେ ବିକେ ପ୍ରଭାସିନୀ, ବିକେ ସିଲି, ବିକେ ଅଞ୍ଜଳି, ବିକେ ବିଳାସିନୀ, ବିକେ ମଲ୍ଲୀ, ବିକେ ଗୀତା, ବିକେ ମହେଶ୍ୱର, ବିକେ ଅଭିମନ୍ୟୁ, ବିକେ ଉମେଶ ଭାଇଙ୍କ ସହିତ ଅନ୍ୟ ଭାଇ ଭଉଣୀ ମାନେ ସହଯୋଗ କରିଥିଲେ। ପ୍ରାୟ ଆଠଶହ ଭାଇ ଓ ଭଉଣୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପାଳନ କରାଯାଇଛି ।

## ମଧୁବନ ମିନି ଷ୍ଟାଡିୟମରେ ପାଳନ ହେବ ସ୍ୱାଧୀନତା ଦିବସ

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳରେ ଚଳିତବର୍ଷ ତହସିଲ ସ୍ତରୀୟ ସାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ରାଜାରାମ ଛତ୍ରିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସହରାଞ୍ଚଳ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ଆଇନଜୀବୀ, ସାମ୍ବାଦିକ ଏବଂ ସ୍ୱେଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ସାଧୀନତା ଦିବସ ପାଳନ ସମ୍ପର୍କରେ ନିଜର ମତ ପ୍ରଦାନ କରିଥିଲେ। ନିଷ୍ପତି ଅନୁଯାୟୀ ପ୍ରତିବର୍ଷ ଭଳି ଚଳିତ ବର୍ଷ ତହସିଲ ସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଏହି ଦିବସ ଉପଲକ୍ଷେ ଅଗଷ୍ଟ ୧୫ ତାରିଖ ପ୍ରଭାତରୁ ତହସିଲ ପ୍ରଶାସନ ପକ୍ଷରୁ ସଦର ମହକୁମାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯିବ। ସେହିପରି ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦିରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ସକାଳ ସାଢ଼େ ୭ଟାରେ ର ଜାତୀୟ ପତାକା ଉତ୍ତୋଳନ କରାଯିବ। ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସକାଳ ୯ଟା୧୫ ମିନିଟ ସମୟରେ ତହସିଲ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାସ, ବିନୋଦ ମହାପାତ୍ର, ଶାନ୍ତିଶେଖର ରଥ, ଓକିଲ ସଂଘ ସଂପାଦକ ବିକ୍ରମ କେଶରୀ ଦେଓ, ଆଇନଜୀବୀ ଚିତ୍ତରଞ୍ଜନ ଶତପଥୀ, ଯୁବ ସଂଗଠକ ଚିତ୍ତରଞ୍ଜନ ମିଶ୍ର, ବିନାୟକ ସୁନ୍ଦରସିଂ, ପଠାଣି ସାମନ୍ତ ମହାବିଦ୍ୟାଳୟର ଖେଳ ଶିକ୍ଷକ ସତ୍ୟଜିତ ଦାସ ଏବଂ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷୟତ୍ରୀ ସଞ୍ଜୁବାଳା ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ ।

## କୁନି କାଉଡ଼ିଆଙ୍କ ଜଳାଭିଷେକ

ଫୁଲନଖରା ,(ସବ୍ୟୁ): : ଦିଲ୍ଲୀ ପବ୍ଲିକ ସ୍କୁଲ,କଳିଙ୍ଗ ଫୁଲନଖରା ତୃତୀୟ ଶ୍ରେଣୀର ଛାତ୍ର ତଥା ସୋଗଲ ନିବାସୀ ସମାଜସେବୀ ଇଂ.ବସନ୍ତ କୁମାର ରାଉତଙ୍କ ସୁପୁତ୍ର ଶିଶୁ ଚିତ୍ରଶିଳ୍ପୀ ସୌଭାଗ୍ୟ ରାଉତ ଓ ଅନ୍ୟାନ୍ୟ ଶିଶୁ କାଉଡ଼ିଆ ମାନେ ପବିତ୍ର ଶ୍ରାବଣ ମାସର ଶେଷ ସୋମବାର ଦିନ ମହାନଦୀରୁ ଜଳ ଉଠାଇ କିଶନନଗର ଥାନା ରଟିଲୋ ପଞ୍ଚାୟତ ଉପକଣ୍ଠ ସୋଗଲ ଗ୍ରାମର ଧବଳେଶ୍ୱର ପୀଠରେ ଜଳାଭିଷେକ କରି ନିଜର ମାନସିକ ବ୍ରତ ସମାପନ କରିଥିଲେ । ଏଥି ଧାର୍ମିକ ଶିଶୁ କାଉଡ଼ିଆଙ୍କ ଏପରି ଆଧ୍ୟାତ୍ମିକ କାର୍ଯ୍ୟକୁ ସାମାଜିକ ସଙ୍ଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ କିଶନନଗର ଶାଖା,ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା ଶାଖା,ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ୪୨ ମୌଜା ଶାଖା,ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ କନ୍ଦରପୁର ଶାଖା ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ଉତ୍ତରୋତ୍ତର କାମନା କରାଯାଇଛି ।

## ମୃତ ନାବାଳିକା ପରିବାରକୁ ଭେଟିଲେ ଅଞ୍ଚଳର ବରିଷ୍ଠ ନେତା

ବଳଙ୍ଗା , (ସବ୍ୟୁ): ବଳଙ୍ଗା ନାଁ ବାଳିକା ପୋଡ଼ି ଓ ଚିକିତ୍ସା ଧୀନ ଅବସ୍ଥାରେ ରହସ୍ୟ ଜନକ ମୃତ୍ୟୁକୁ ନେଇ ତେଜିବାର ଲାଗିଚି ରାଜନୀତି। ମଙ୍ଗଳବାର ଦିନ ଅଞ୍ଚଳର ବରିଷ୍ଠ ନେତା ରମୁ ପାତ୍ର ଓ ତାଙ୍କ ଶତାଧିକ ସମର୍ଥକ ମାନେ ପୀଡ଼ିତାଙ୍କ ପରିବାରକୁ ଭେଟିବା ସହିତ ସମବେଦନା ଜଣାଇ ଥିବା ଦେଖିବାକୁ ମିଳିଥିଲା। ପରେ ପରେ ମୃତ ପୀଡ଼ିତାଙ୍କ କବର ସ୍ଥାନ ନିକଟକୁ ଯାଇ ସେଠାରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଗତ ଜୁଲାଇ ୧୯ତାରିଖରେ ପୀଡ଼ିତାଙ୍କୁ ୩ଜଣ ଦୁର୍ବୃତ୍ତ ପୋଡ଼ି ମାରିଦେବା କଥା ଅଭିଯୋଗ ହୋଇଥିବା ବେଳେ ତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସେଠାରୁ ଭୁବନେଶ୍ୱର ଏମ୍ସ ଏବଂ ପରେ ପରେ ସେଠାରୁ ଆହୁରି ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସ ଏଆର ଲିଫ୍ଟ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗତ ୨ତାରିଖରେ ରହସ୍ୟ ଜନକ ଭାବେ ମୃତ୍ୟୁ ଘଟିଥିଲା।ସମ୍ପୂର୍ଣ ଘଟଣାକୁ ୧୮ଦିନ ହୋଇଥିବା ବେଳେ ମୃତ୍ୟୁକୁ ୪ଦିନ ପୁରିଛି ତାରି ଭିତରେ କୋଉଠି ନାଁ କୋଉଠି ଘଟଣାର ସତ୍ୟାତା ସାମନାକୁ ଆଣିବାକୁ ଅଞ୍ଚଳବାସୀଙ୍କ ଦାବି ହେଉଥିବା ବେଳେ ମଙ୍ଗଳବାର ଦିନ ଅଞ୍ଚଳର ବରିଷ୍ଠ ନେତା ରମୁ ପାତ୍ର ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି ଏବଂ ପୋଲିସର ତଦନ୍ତ ପ୍ରକ୍ରିୟା ସଠିକ ଭାବେ କରାଯାଇ ପ୍ରକୃତ ଘଟଣାର ସତ୍ୟାସତ୍ୟ ସର୍ବ ସମ୍ମୁଖକୁ ଆଣିବାକୁ ଦାବି କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ରଞ୍ଜନ ନନ୍ଦ,ଜୟନ୍ତ କୁମାର ପଣ୍ଡା,ସମିର ସାମନ୍ତରାୟ, ଜ୍ୟୋତିରଞ୍ଜନ ମହାନ୍ତି,ମନୋଜ କୁମାର ନାୟକ,ରଜନିକାନ୍ତ ମହାନ୍ତି, ଶେଖ ଅସମଦ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଶୃଙ୍ଖଳା ପରିସ୍ଥିତ ବିପର୍ଯ୍ୟସ୍ତକୁ ନେଇ ସ୍ମାରକପତ୍ର

କଣ୍ଠାପଡ଼ା, (ସବ୍ୟୁ): କଣ୍ଠାପଡ଼ା ବ୍ଲକ ତଥା ଗୋବିନ୍ଦପୁର ଥାନା ଅ଼ର୍ଗତ ଗୋବିନ୍ଦପୁର ବଜାର ଅଞ୍ଚଳରେ ବାରମ୍ବାର ଚୋରି ଓ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପ୍ରତିବାଦରେ ଥାନା ଅଧିକାରୀ ଓ ଏସଡ଼ିପିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏ ନେଇ ଗୋବିନ୍ଦପୁର ବ୍ୟସାୟୀମାନେ ଗୋବିନ୍ଦପୁର ଥାନାରେ ଓଆଇସିଙ୍କୁ ସାକ୍ଷାତ କରି ଅଞ୍ଚଳରେ ବିଗୁଡ଼ିଥିବା ପରିସ୍ଥିତି ବାବଦରେ ଆଲୋଚନା କରିଥିଲେ। ସୂଚନାଯୋଗ ଶୁକ୍ରବାର ଦିନ ଗୋବିନ୍ଦପୁର ବଜାରରେ ସୁନା ଦୋକାନ କରିଥିବା ସୁନିଲକୁମାର ସାହୁ ନିଜ ଦୋକାନ ବନ୍ଦ କରି ସମସ୍ତ ସୁନା ଓ ରୁପା ଅଳଙ୍କାର ସମେତ ବିକ୍ରି ବାବଦ ଟଙ୍କା ନେଇ ଘରକୁ ଫେରୁଥିଲାବେଳେ ଦୁର୍ବୃମାନେ ତାଙ୍କୁ ଭୟଭୀତ କରି ଅଳଙ୍କାର ଓ ଟଙ୍କା ବାଗକୁ ଝାମ୍ପି ନେଇ ପଳାଇଥିଲେ। ଅଭିଯୋଗ ପାଇ ପୁଲିସ, ସନ୍ଧାନୀ କୁକୁର ଏବଂ ସାଇଫିକ ଟିମ ଘଟଣାସ୍ଥଳରେ ତଦନ୍ତ ‘ ଆରମ୍ଭ କରିଥିଲେ ବି ଦୁର୍ବୃଙ୍କ ସନ୍ଧାନ ମିଳିନାହିଁ। ଗୋବିନ୍ଦପୁର ବଜାରରୁ ଏପରି ବାରମ୍ବାର ଚୋରି ଏବଂ ଦାଦା ବଟି ପାଇଁ ଗଣ୍ଡଗୋଳ ଏବଂ ଧମକ ଚମକ ଆଦି ଘଟଣା ବାରମ୍ବାର ହେଉଥିବାରୁ ବ୍ୟ ସାୟୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଶନିବାର ଦିନ ଦୋକାନୀମାନେ ଏକତ୍ର ହୋଇ ବଜାରରେ ପୁଲିସ ମୁତୟନ ସହିତ ଦୁର୍ବୃତ୍ତଙ୍କ ବିରୁଦ୍ଧରେ କଠୋର କାର୍ଯାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଗୋବିନ୍ଦପୁର ମୁଖ ବଜାର ଥାନା ଠାରୁ ମାତ୍ର ୨ଶହ ମିଟର ହୋଇଥିଲାବେଳେ ଏହି ଲୁଟ ଘଟଣା ପୁଲିସ ଓ ବ୍ୟସାୟୀଙ୍କ ପ୍ରତି ଚାଲେଞ୍ଜ ସୃଷ୍ଟି କରିଛି।

## ଓଭରସିଜ ବ୍ୟାଙ୍କରେ ଗ୍ରାହକଙ୍କୁ ମିଳୁନି ସେବା

କଣାସ,(ସବ୍ୟୁ) :ସାଧାରଣ ଲୋକମାନଙ୍କୁ ସେବା ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଗୁଡ଼ିକ ସ୍ଥାପନ କରାଯାଇଛି । ହେଲେ ବିଡ଼ମ୍ବନାର ବିଷୟ କଣାସ ବ୍ଲକ ସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ସାଧାରଣ ଲୋକମାନଙ୍କୁ ସେବା ଦେବାରେ ବିଫଳ ହୋଇଛି । ଫଳରେ ଗ୍ରାହକମାନେ ଏହି ବ୍ୟାଙ୍କରୁ ଆକାଉଣ୍ଟ କ୍ଲୋଜ କରି ଅନ୍ୟ ବ୍ୟାଙ୍କରେ ଖାତା ଖୋଲିଛନ୍ତି । ୧୯୮୮ମସିହାରେ ସ୍ଥାପିତ ଏହି ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ସର୍ବପ୍ରଥମେ କଣାସରେ ସ୍ଥାପିତ ହୋଇଥିଲା ହେଲେ ଏବେ ବିଭିନ୍ନ ସମୟରେ ଲିଙ୍କ ଫେଲ ଓ ଏହି ବ୍ୟାଙ୍କର କର୍ମଚାରୀ ଦୁବେବହାର ଦେଖାଉଥିବା କାରଣରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟାଙ୍କରେ ବିଜୁଳି କଟିଗଲେ ବ୍ୟାକପ ବେବସ୍ଥା ନଥିବାରୁ ଯାହାଫଳରେ ଶତାଧିକ ଗ୍ରାହକ ସେବା ନପାଇ ଫେରିଯାଇଥିଲେ। ମାତ୍ର ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ସମସ୍ତ ସୁବିଧା ସୁଯୋଗ ଲୋକମାନେ ପାଉଥିବା ବେଳେ ଏହି ବ୍ୟାଙ୍କରେ ସେବା ମିଳୁନାହିଁ। ବ୍ୟାଙ୍କ କର୍ମଚାରିଙ୍କ ଭିତରେ ମତଭେଦ ଥିବାରୁ ଠିକ ଭାବେରେ କାର୍ଯ୍ୟ ହେଉନାହିଁ ତୁରନ୍ତ ଏହି ସମ୍ପର୍କରେ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

କଣ୍ଠାପଡ଼ା, (ସବ୍ୟୁ): କଣ୍ଠାପଡ଼ା ବ୍ଲକ କାର୍ଯାଳୟ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ କଟକ ଜିଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଦେ ଯୋଗଦେଇ ଉପସ୍ଥାପିତ ୧୩୮ଟି ଅଭିଯୋଗର ତର୍ଜମା କରିବା ସହିତ ୬ଟି ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। ଅନ୍ୟାନ୍ୟ ଆବେଦନ ପତ୍ର ଓ ଅଭିଯୋଗମାନ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ମୁଖମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ଜିଲା ଏସପି ପ୍ରତୀକ ସିଂ, କଣ୍ଠାପଡ଼ା ବିଡ଼ିଓ ସ୍ୱପ୍ନିତା ନାୟକ, ଉପଜିଲାପାଳ ଦିବରଂଜନ କର୍ଣ୍ଣରଂଜନ ଦେଓ, ଏଡ଼ିଏମ ଶିବ ଟପୋ, କାପଡ଼ା ତହସିଲଦାର ପ୍ରସନ୍ନକୁମାର ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜିନା ଭୋଇ, ଅତିରିକ୍ତ ବିଡ଼ିଓ ରୁବି ତପସ୍ୱିନୀ ଦାସ, ଜିଲା ମୁଖ ଚିକିତ୍ସାଧିକାରୀ ପ୍ରଶାନ୍ତ ହୋତା ଉପସ୍ଥିତ ଥିଲେ। ଅନମାନଙ୍କ ମଧ୍ୟରେ ବିଦୁତ, ପାନୀୟଜଳ, ସ୍ୱାସ୍ଥ, ପୂର୍ତ୍ତ, ଶିକ୍ଷା, ଜଳସମ୍ପଦ ଓ ପଞ୍ଚାୟତିରାଜ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପୋଲିସର ଆଇନ ସଚେତନତା ଶିବିର

ଟାଙ୍ଗୀ ,(ସବ୍ୟୁ): ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହୋଇଥିବା ବେଳେ ନ୍ୟାୟ ବ୍ୟବସ୍ଥାର ନୂଆ ରୁପ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଚାନ୍ଦପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଆଇଆଇସି ଦିଲିପ କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥ ଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ଖାଉଟି ଅଦାଲତ ର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ମୁଖ୍ୟ ବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ସଭାପତି ସୁକାନ୍ତ କିଶୋର ସେନାପତି,ପୂର୍ବତନ ସରପଞ୍ଚ ନାଥୁମଲ ମହାରାଜୀ ପ୍ରମୁଖ



ଯୋଗ ଦେଇଥିଲେ। ଥାନାଧିକାରୀ ଶ୍ରୀ ସ୍ୱାଇଁ ବ୍ରିଟିଶ ଶାସନ କାଳରୁ ପ୍ରଚଳିତ ଭାରତୀୟ ପିଙ୍ଗଳ କୋଡ଼,ଫୌଜଦାରି ଦଣ୍ଡବିଧି ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ୩ ଟି ନୂଆ ଆଇନ ସଂପର୍କରେ ଓ ସ୍ଥାନୀୟ ଜନସାଧାରଣ ପୋଲିସ କୁ ସହଯୋଗ କଲେ ଅଞ୍ଚଳରୁ ଅପରାଧ ହ୍ରାସ ପାଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ସବ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ ଯୋଗଦେଇ ଆଗରୁ କାର୍ଯ୍ୟକାରୀ ହେଉଥିବା ଦଣ୍ଡବିଧାନ ବଦଳରେ ନୂଆ ଆଇନରେ ନ୍ୟାୟ ପ୍ରଦାନ କୁ ପ୍ରାଥମିକତା ଦିଆଯାଉଥିବା, ତଦନ୍ତ ବେଳେ ସମସ୍ତ ପକ୍ଷ, ପ୍ରତିପକ୍ଷ,ସାକ୍ଷୀ ମାନଙ୍କର ବୟାନ ର ଭିଡିଓ ଓ ଅଡିଓ ରେକଡିଙ୍ଗ କରାଯିବା ଫଳରେ ର୍ନିଧାରିତ ସମୟରେ ଚାର୍ଜସିଟ ପ୍ରଦାନ, ଶୁଣାଣି ହୋଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସଂପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ। ଏହି ଅବସରରେ ପୋଲିସ ପକ୍ଷରୁ ୫୦ ଜଣ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ପଣ୍ଡିତ ବାଳକୃଷ୍ଣ ମିଶ୍ର ଶ୍ଳୋକ ଉଚ୍ଚାରଣ କରିଥିଲେ।ସହ ସଂପାଦକ ନିମାଇଁ ଚରଣ ସାହୁ, କୋଷାଧ୍ୟକ୍ଷ ପଦ୍ମ ଚରଣ ସେଠୀ ପ୍ରମୁଖ କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ।

## ଶ୍ୱେତପଦ୍ମା ସାହିତ୍ୟ ଓ ସେବା ସଂସଦରେ ବନ୍ଧୁତା ଦିବସ ପାଳନ

ବୋଲଗଡ଼, (ସବ୍ୟୁ): : ବେଗୁନିଆ ସଦର ମହକୁମାସ୍ଥିତ ଶ୍ୱେତପଦ୍ମା ସାହିତ୍ୟ ଓ ସେବା ସଂସଦ ଆନୁକୂଲ୍ୟରେ ଭରସା ସେବା ଗୃହରେ ବନ୍ଧୁତା ଦିବସକୁ ଉତ୍ସବମୟ ଭାବରେ ପାଳନ କରାଯାଇଛି। ଏଥିରେ ଶ୍ୱେତ ପଦ୍ମା ସାହିତ୍ୟ ସେବା ସଂସଦର ଉପ ସଭାପତି,ବରିଷ୍ଠ ସାହିତ୍ୟିକ ଓ ଗୀତିକାର ପ୍ରଦୀପ କିଶୋର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ ଯୋଗେଶ୍ୱର ସୁନ୍ଦରରାୟ ଓ ସମ୍ମାନିତ ଅତିଥି ଭାବେ ଶ୍ୱେତ କୁମାର ଶତପଥି ଯୋଗଦାନ କରିଥିଲେ ।ସଂସଦର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେଛ। କବି ତଥା ପ୍ରବଚକ କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ କବିତା ପାଠ ଓ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା।



ଏହି ସଭାରେ ବିଜୟ ମହାନ୍ତି, ପିତାମ୍ବର ବେହେରା, ନିରୋଜ କାନ୍ତ ପ୍ରଧାନ, ପ୍ରଦୀପ କୁମାର ସାହୁ, ସତ୍ୟବାଦୀ ସାହୁ, ବାସନ୍ତୀ ପ୍ରଧାନ,ସତ୍ୟଭାମା ବରାଡ଼, ରଶ୍ମି ରଞ୍ଜନ ବେହେରା,ସୋମନାଥ ସାହୁ ଇତ୍ୟାଦି ଅନେକ ସାହିତ୍ୟ ପ୍ରେମୀ, ବନ୍ଧୁ ପ୍ରେମୀ ଓ ସଭ୍ୟ ସଭ୍ୟା ତାଙ୍କ ଅଭିମତ, କବିତା ଓ ଅନୁଭୂତି ମାଧ୍ୟମରେ ବନ୍ଧୁତାର ମୂଲ୍ୟ ଉପରେ ଆଲୋକପାତ କରିଥିଲେ।ଏହି ବନ୍ଧୁତା ଦିବସ ଅବସରରେ ସାମ୍ପ୍ରଦାୟିକ ଏକତା, ସାହିତ୍ୟ ସେବା ଓ ମାନବିକ ମୂଲ୍ୟବୋଧ ଉପରେ ଗଭୀର ଚର୍ଚ୍ଚା ହୋଇଥିଲା। ଶେଷରେ ଲକ୍ଷ୍ମୀଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୦୮)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ଦୁଃଖମିତ୍ୟେବ ଯତ୍ କର୍ମ କାୟକ୍ଲେଶଭୟାତ୍ ତ୍ୟଜେତ୍ ।**
**ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ।। ୮ ।।**

(ରାଜସଂ ତ୍ୟାଗମାହ)–(କର୍ତ୍ତା), (ଆତ୍ମବୋଧ ବିନା କେବଳଂ), ଦୁଃଖଂ ଇତି ଏବ (ମତ୍ୱା) କାୟକ୍ଲେଶଭୟାତ୍ (ଶରୀରାୟାସଭୟାତ୍) ଯତ୍ (ନିତ୍ୟଂ) କର୍ମ୍ମ ତ୍ୟଜେତ୍ ସଃ (ରାଜସଃ ପୁରୁଷଃ) ରାଜସଂ ତ୍ୟାଗଂ କୃତ୍ୱା ତ୍ୟାଗଫଳଂ (ଜ୍ଞାନନିଷ୍ଠଲକ୍ଷଣଂ) ନୈବ ଲଭେତ୍ (ଲଭତେ) ॥ ୮ ॥

# ବଲଙ୍ଗା ବାଳିକା ମୃତ୍ୟୁରୁ ଶିକ୍ଷା

ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀଙ୍କ ଅତ୍ମାହୁତିର ଦୁଃଖ ନ ସରୁଣୁ ରାଜ୍ୟରେ ପୁରୀ ଜିଲ୍ଲାର ବଲଙ୍ଗା ଅଞ୍ଚଳର ପନ୍ଦର ବର୍ଷ ବୟସ୍କା ବାଳିକାର ପୋଡ଼ି ହୋଇଯିବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା । ମାତ୍ର ଏହି ଅର୍ଦ୍ଧ ଦଗ୍ଧ ବାଳିକାକୁ ଭୁବନେଶ୍ୱରର ଏମ୍ସ୍ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ, ଗୁରୁତର ଅବସ୍ଥାରେ ନୂଆଦିଲ୍ଲୀର ଏମ୍ସ୍ ଚିକିତ୍ସାଳୟକୁ ବିମାନ ଯୋଗେ ନିଆଯାଇ ସର୍ବୋତ୍ତମ ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା । ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ପ୍ରାଣବାୟୁ ଉଡ଼ିଯିବାରୁ ବିମାନ ଯୋଗେ ତାଙ୍କୁ ଭୁବନେଶ୍ୱର ଅଣାଯାଇ ଗତ ତା ୩/୮/୨୫ ରିଖ ରାତିରେ ସ୍ୱଗ୍ରାମ ବଲଙ୍ଗାକୁ ନିଆଯାଇଥିଲା ଓ ତହିଁ ପରଦିନ ମୁସଲମାନମାନଙ୍କ ସମୂହ ନମାଜ ପାଠ ପରେ ତା'ର ମରଶରୀରକୁ କବର ଦିଆଯାଇଥିଲା । ସେହି ନୀରିହ ବାଳିକାଟି ପାଇଁ ରାଜ୍ୟ ସରକାର ବହୁ ଅର୍ଥ ବ୍ୟୟ କରି ତା'ର ଚିକିତ୍ସା କରାଇବା ଓ ତା'ର ମର ଶରୀରକୁ ଆଣି ତା'ର ପରିବାର ଲୋକଙ୍କୁ ତାଙ୍କ ଗ୍ରାମରେ ହସ୍ତାନ୍ତର କରିବା ଓ ତା'ର ଶେଷକୃତ୍ୟ ଯାଏଁ ରାଜ୍ୟ ସରକାର ରହିବା ଓ ପୂର୍ବରୁ ତା'ର ପରିବାରକୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରିବା ପ୍ରକୃତରେ ରାଜ୍ୟ ସରକାରଙ୍କର ଦୟାଶୀଳତାର ସୂଚନା ଦେଇଥାଏ । ଏହି ଘଟଣାକୁ ନେଇ ଅଯଥା ରାଜନୀତି କରାଯିବା ଉଚିତ ନୁହେଁ ବୋଲି ମୃତ ବାଳିକାର ପିତା ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ କହିଥିବା ପ୍ରକୃତରେ ଦୁଃଖଦାୟକ ଘଟଣା । କାହିଁକି ଏପରି ରାଜନୀତି କରାଯାଉଛି ଏକ ସମ୍ବେଦନଶୀଳ ଘଟଣାରେ ?

ରାଜ୍ୟ ସରକାର କିଛି ଭୁଲ କରିନାହାନ୍ତି ବାଳିକାଟିର ଚିକିତ୍ସା କ୍ଷେତ୍ରରେ । ବିଜୁ ଜନତା ଦଳ ଦାବି କରୁଛି ଯେ ବାଳିକାଟିକୁ ଜାଳି ମାରି ଦିଆଯାଇଛି । ପୋଲିସ୍ ଠିକ୍ ସମୟରେ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଦେଶ ଦେବା ପରେ ପୋଲିସ୍ ତତ୍ପରତାର ସହିତ ତା'ର କର୍ତ୍ତବ୍ୟ କରିଛି । ସମ୍ଭବତଃ ବାଳିକାକୁ ଅନ୍ୟମାନେ ଟେକି ନେଇ ଏପରି ବର୍ବରକାଣ୍ଡ କଲେ ବୋଲି ଅଭିଯୋଗ କରାଗଲା । ମାତ୍ର ଏପରି ଅଭିଯୋଗ ମଧ୍ୟ ଦାନା ବାନ୍ଧିଲା ନାହିଁ । କାରଣ ତଦନ୍ତ କରୁଥିବା ପୋଲିସର ହାତ ଖାଲି । ରାଜ୍ୟର ଉପ–ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯଥାର୍ଥରେ କହିଛନ୍ତି ଯେ ବିରୋଧୀ ଦଳ ଏପରି ଏକ ଦୁଃଖଦାୟକ ଘଟଣାକୁ ନେଇ ରାଜନୀତି ନ କରୁ । ରାଜ୍ୟ ସରକାର ବାଳିକାର ଚିକିତ୍ସା ଲାଗି ଭଲ ଭାବରେ ଯତ୍ନ ନେଇଛନ୍ତି । ଦୁର୍ଭାଗ୍ୟବଶତଃ ଏତେ ଯତ୍ନ ନେବା ପରେ ମଧ୍ୟ ବାଳିକାଟି ବଞ୍ଚି ପାରିଲା ନାହିଁ । ବାଳିକାର ପରିବାର ମଧ୍ୟ ସରକାର ବା ପୋଲିସ ଉପରେ କୌଣସି ଅଭିଯୋଗ ଆରୋପ କରି ନାହାନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

ବାଳିକାଟିର ପିତାଙ୍କ କହିବା କଥା ମାନସିକ କାରଣରୁ ବାଳିକା ଜଣକ ଏପରି ଦୁର୍ଦ୍ଦଶାର ଶିକାର ହୋଇଛି । ଜଣେ ମାନସିକ ରୋଗୀ ନିଜକୁ ନିଜେ ନିଆଁରେ ପୋଡ଼ି ଦେଇ, ଆତ୍ମାହୁତି ଦେବା କିଛି ବିଚିତ୍ର ନୁହେଁ । ରାଜ୍ୟରେ କାହିଁକି ସମଗ୍ର ଦେଶରେ ପିଲାମାନଙ୍କ ମଧ୍ୟରେ ମାନସିକ ରୋଗ ବ୍ୟାପୁଛି । ଏହାର ପ୍ରତିକାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଯତ୍ନବାନ ହେବା ଆବଶ୍ୟକ । ଅଭିଭାବକ ଓ ଶିକ୍ଷକ ବା ଶିକ୍ଷୟତ୍ରୀମାନେ ପିଲାମାନଙ୍କର ପାଠ ପଢ଼ା ପ୍ରତି କେବଳ ଧ୍ୟାନ ଦେଲେ ହେବ ନାହିଁ, ସାମଗ୍ରିକ ଭାବେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ଦେବା ଦରକାର । ଶିକ୍ଷକ ବା ଶିକ୍ଷୟତ୍ରୀମାନେ ପିଲାମାନଙ୍କୁ ପାଠ ପଢ଼େଇ ଦେଲେ ସେମାନଙ୍କ କାମ ସରିଗଲା ବୋଲି ଭାବିବା ଉଚିତ ନୁହେଁ । ବ୍ୟସ୍ତ ଅଭିଭାବକମାନେ ମଧ୍ୟ ପିଲାଙ୍କର ସବୁ କଥା ବୁଝିଦେଇ ପଇସା ଖର୍ଚ୍ଚ କରିଦେଲେ ସବୁକିଛି ଠିକ୍ ହୋଇଗଲା ବୋଲି ଭାବିଦେଲେ ହେବ ନାହିଁ । ଅଭିଭାବକମାନେ ଅବସର ସମୟରେ ମୋବାଇଲ ଫୋନ୍ ବ୍ୟବହାରର ଅଭ୍ୟାସକୁ ହ୍ରାସ କରି ପିଲାମାନଙ୍କ ସହିତ ସମୟ ଦେବା ଉଚିତ । ସାମୟିକ କାର୍ଯ୍ୟ ହାସଲ ଲାଗି ମୋବାଇଲ ଫୋନ ଆବଶ୍ୟକ ହୋଇପାରେ, ମାତ୍ର ପିଲାଙ୍କୁ ଗଢ଼ିବା ପାଇଁ ମୋବାଇଲ ଫୋନ୍‌ର ବ୍ୟବହାର ବହୁ ମାତ୍ରାରେ ବ୍ୟବହାର କରାଯିବା ଅନୁଚିତ ।

କେନ୍ଦ୍ର ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । କେତେକ ତ୍ରୁଟିପୂର୍ଣ୍ଣ ଆଇନକୁ ମଧ୍ୟ ବଦଳାଇଛନ୍ତି । ରାଜ୍ୟ ସରକାରମାନେ କେନ୍ଦ୍ର ସରକାରଙ୍କ ଆଇନ ଅନୁଯାୟୀ କାର୍ଯ୍ୟ ମଧ୍ୟ କରି ଆସୁଛନ୍ତି । ଏପରିକି ସଂସଦ ବା ବିଧାନସଭା ପାଇଁ ୩୩ ପ୍ରତିଶତ ମହିଳାଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଆଇନ ମଧ୍ୟ କରାଯାଉଛି । କିନ୍ତୁ ମହିଳା ବା ବାଳିକାମାନଙ୍କର ସମସ୍ୟାକୁ ସରକାର ଭଲ ଭାବରେ ହୃଦୟଙ୍ଗମ କରିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପରିବେଶ ସୁରକ୍ଷା ଓ ବିକାଶର ସମନ୍ୱୟ



ତେଜେଶ୍ୱର ପଟ୍ଟନାୟକ

ଗତ କିଛି ଦଶନ୍ଧି ଧରି ପରିବେଶ ସୁରକ୍ଷା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟି ଯାଇଛି । ଅନେକ ବୁଦ୍ଧିଜୀବୀ, ପରିବେଶ ଓ ସାମାଜିକ କର୍ମୀ, ସଙ୍ଗଠନ ସବୁ ଜଳବାୟୁ ପରିବର୍ତ୍ତନ, ଜଳ ଓ ବାୟୁ ପ୍ରଦୂଷଣ ବୃଦ୍ଧି ଏବଂ ପରିବେଶର ଦ୍ରୁତ ଅବନତି ଯୋଗୁଁ ବିଭିନ୍ନ ଅଲୋଚନା ଚକ୍ର ମାଧ୍ୟମରେ ଘୋର ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି । ବିଭିନ୍ନ ସଭା ସମିତିରେ ମଧ୍ୟ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛନ୍ତି । ଏଇ ପରିପ୍ରେକ୍ଷୀରେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଉକ୍ତିକୁ ଏଠାରେ ଅବତାରଣା କରାଯାଇ ପାରେ । ଯଦିଓ ପରିବେଶ ଶବ୍ଦଟିକୁ ଗାନ୍ଧିଜୀ ବ୍ୟବହାର କରିନଥିଲେ, କିନ୍ତୁ ସେ ପ୍ରକୃତି ସହିତ ସମନ୍ୱୟ ରଖି ସରଳ ଜୀବନଯାପନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

ସେ କହିଥିଲେ–'ପୃଥିବୀରେ ପ୍ରତ୍ୟେକଙ୍କ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ପଦାର୍ଥ ରହିଛି, କିନ୍ତୁ ପ୍ରତ୍ୟେକଙ୍କ ଲୋଭ ପୂରଣ କରିବାକୁ ନୁହେଁ ।' ଆଧୁନିକ ସମାଜରେ, ନିଜର ଆବଶ୍ୟକତା ଠାରୁ ଅଧିକ ହାତେଇବା ପାଇଁ ତୀବ୍ର ପ୍ରତିଯୋଗିତା ଚାଲିଛି । ଗାନ୍ଧିଜୀ ତାଙ୍କ ସ୍ୱାସ୍ଥ୍ୟର କୁଞ୍ଚି (ଅଥବା Key to Health) ନାମକ ଲେଖାରେ ସ୍ୱଚ୍ଛ ବାୟୁ ଉପରେ (clean air) ଗୁରୁତ୍ୱ ଆରୋପ କରିଛନ୍ତି । ତାଙ୍କ ମତରେ, ଯଦିଓ ବାୟୁ, ପାଣି ଏବଂ ଖାଦ୍ୟ ପ୍ରାକୃତିକ ସଂସାଧନ ଭିତରେ ଅତ୍ୟନ୍ତ ଜରୁରୀ, କିନ୍ତୁ ସ୍ୱଚ୍ଛ ବାୟୁ ନିହାତି ଆବଶ୍ୟକ । ଖାଦ୍ୟ ଏବଂ ପ୍ରଦୂଷଣକାରକ ବସ୍ତ୍ରର ବ୍ୟବହାର ହ୍ରାସ କରି ସ୍ୱଦେଶୀ ବସ୍ତ୍ର ଧାରଣ ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ।

ଗାନ୍ଧିଜୀ ଚରଖାରେ ନିଜେ ସୁତା କାଟି ଏବଂ ହାତବୁଣା ବସ୍ତ୍ର ପିନ୍ଧି ଏକ ସରଳ ଜୀବନ ଶୈଳୀ ଆପଣେଇ ପ୍ରତ୍ୟେକ ଭାରତୀୟ ପାଇଁ ଏକ ଉଦାହାରଣ ସାଜିଥିଲେ । ଏହା କେବଳ ବ୍ରିଟିଶ ଔପନିବେଶିକ ଶାସନ ଅମଳରେ ସ୍ୱଦେଶୀ ଆନ୍ଦୋଳନକୁ ଜୋରଦାର କରିବାପାଇଁ ନୁହେଁ, ବରଂ ସୁତା କଳଗୁଡିକରେ ଉତ୍ପାଦନ ହ୍ରାସ କରି ପରିବେଶର ସୁରକ୍ଷା ପାଇଁ ସେ ବିଶେଷ ଯତ୍ନବାନ ଥିଲେ । ଗାନ୍ଧିଜୀଙ୍କ ସେ ସମୟରେ ପରିବେଶ ଉପରେ ଏକ ସ୍ପଷ୍ଟ ଦୂରଦୃଷ୍ଟି ରହିଥିଲା । ଅବଶ୍ୟ, ସେ ପରିବେଶ ସୁରକ୍ଷା ଏବଂ ଏହାର ଉନ୍ନତି ପାଇଁ କୌଣସି ନୂଆ ଯୋଜନା ପ୍ରସ୍ତୁତ କରି ନଥିଲେ, କିନ୍ତୁ ସେ ଆମକୁ ସେ ବିଷୟରେ ସଚେତନ ହେବା ପାଇଁ ପ୍ରେରଣା ଯୋଗାଇ ଥିଲେ । ଗାନ୍ଧିଜୀଙ୍କ ଦୃଷ୍ଟିକୋଣ ନୈତିକ ଦୃଷ୍ଟିଭଙ୍ଗୀ ଉପରେ ଆଧାରିତ ଥିଲା, ଯେଉଁଥିରେ ବ୍ୟକ୍ତି, ସମାଜ ଏବଂ ପ୍ରକୃତିର ବିକାଶକୁ ଗୁରୁତ୍ୱ ଦିଆ ଯାଇଥିଲା ।

ପ୍ରତ୍ୟେକ ମଣିଷ ନିଜର ଲୋଭକୁ ନିୟନ୍ତ୍ରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ପୃଥିବୀ କ୍ରମଶଃ ଉତ୍ତପ୍ତ ହେଉଛି । ବିଶ୍ୱବାସୀ ଓ ସମସ୍ତ ପ୍ରାଣୀଜଗତ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମ୍ମୁଖୀନ ହେଲେଣି । ଆଣ୍ଟାର୍କଟିକା–ବିଶ୍ୱର ସବୁଠାରୁ ବଡ଼ ତୁଷାର ଅଞ୍ଚଳରେ ଗ୍ଲାସିଏର (glacier) ବା ବରଫର ସ୍ରୋତଗୁଡିକ ତରଳିବା ପଛରେ ଉଷ୍ମତା ବୃଦ୍ଧି ଓ ଗ୍ରୀନହାଉସ ଗ୍ୟାସର ଅତି ପ୍ରଚୁର ବିକୀରଣ ଦାୟୀ ଅଟେ । ଏହାର ପ୍ରଭାବରେ ବିଶ୍ୱର ସମୁଦ୍ର ଜଳସ୍ତରର ଉଚ୍ଚତା ବୃଦ୍ଧି ପାଇଲାଣି । ବିଶେଷତଃ ଉପକୂଳୀୟ ଅଞ୍ଚଳରେ ବନ୍ୟା, ଜଳ ପ୍ଲାବନ ଓ ଭୂମି ହ୍ରାସର ଆଶଙ୍କା ବଢ଼ିଛି । ଏହା ଏକ ପ୍ରାକୃତିକ ଦୁର୍ଘଟଣା ନୁହେଁ, ଏହା ମାନବକୃତ ଅବହେଳାର ଫଳ । ଅନ୍ୟ ଏକ ଦିଗକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ପରିବେଶ ସହ ରାଜନୀତି ବି କିଛି ମାତ୍ରାରେ ପରୋକ୍ଷ ଭାବେ ଜଡିତ ହେଇଗଲାଣି । କ୍ଷୋଭର ବିଷୟ ଯେ କ୍ଷମତାସୀନ ରାଜନୈତିକ ଦଳମାନେ ପରିବେଶଜନିତ ସମସ୍ୟାଗୁଡ଼ିକ,ଯଥା ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ଦୃଢ଼ ମୁକାବିଲା କରିବା ବିଷୟରେ ବିଶେଷ ଚିନ୍ତିତ ନୁହଁନ୍ତି । ପରିବେଶର ସୁରକ୍ଷା ପାଇଁ ଆନ୍ତର୍ଜାତିକ ଚୁକ୍ତିପତ୍ର, ଅନ୍ୟାନ୍ୟ ନିୟମାବଳୀ ଏବଂ ଏହା ସହିତ ଜଡ଼ିତ ସାମାଜିକ ଅନ୍ଦୋଳନଗୁଡ଼ିକୁ ବିଶ୍ୱର ସମସ୍ତ ରାଷ୍ଟ୍ର ନେତାମାନେ ଅକୁଣ୍ଠଭାବେ ସମର୍ଥନ ଦେବା ଦରକାର ।

**ଅନ୍ୟ ଏକ ଦିଗକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ପରିବେଶ ସହ ରାଜନୀତି ବି କିଛି ମାତ୍ରାରେ ପରୋକ୍ଷ ଭାବେ ଜଡିତ ହେଇଗଲାଣି । କ୍ଷୋଭର ବିଷୟ ଯେ କ୍ଷମତାସୀନ ରାଜନୈତିକ ଦଳମାନେ ପରିବେଶଜନିତ ସମସ୍ୟାଗୁଡ଼ିକ,ଯଥା ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ଦୃଢ଼ ମୁକାବିଲା କରିବା ବିଷୟରେ ବିଶେଷ ଚିନ୍ତିତ ନୁହଁନ୍ତି ।**

ପରିବେଶୀୟ ସମସ୍ୟାଗୁଡ଼ିକ –ଯଥା ପ୍ରଦୂଷଣ, ସଂସାଧନ କ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ , ଏକ ରାଜନୈତିକ ଚର୍ଚ୍ଚାର ବିଷୟ ବି ହେଲାଣି । ଅବଶ୍ୟ, ଅନେକ ଦେଶ ଏହି ବିଷୟରେ ନୂଆ ନୀତି ଓ ଆଇନ ପ୍ରଣୟନ କରିଛନ୍ତି । ପରିବେଶ ଓ ବିକାଶ ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରଖିବା ପାଇଁ ବିଭିନ୍ନ ରଣନୀତି ତିଆରି କରୁଛନ୍ତି । ଆନ୍ତର୍ଜାତିକ ସ୍ତରରେ ପରିବେଶ ସମସ୍ୟାର ମୁକାବିଲା କରିବା ନିମନ୍ତେ ଯଥେଷ୍ଟ ଆଇନ ପ୍ରଣୟନ ହୋଇଛି । ଆନ୍ତର୍ଜାତିକ ଚୁକ୍ତିପତ୍ରରେ ପ୍ରଦୂଷଣ ହ୍ରାସ, ସଂସାଧନ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ କରିବା ପାଇଁ ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଛି ।

ଉଦାହରଣ ସ୍ୱରୂପ, ଜଳବାୟୁ ପରିବର୍ତ୍ତନକୁ ନେଇ ୨୦୧୫ ମସିହାରେ ପ୍ୟାରିସ୍ ରାଜିନାମା (the Paris Agreement on climate change -୨୦୧୫) ନାମକ ଏକ ଚୁକ୍ତିନାମାରେ ବିଶ୍ୱରେ ଉତ୍ତାପ ୨H ସେଲସିଅସ ରୁ ୧.୫H ସେଲସିୟସକୁ ହ୍ରାସ କରିବା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ବିଶ୍ୱର ପ୍ରାୟ ୧୯୬ ରାଷ୍ଟ୍ରର ନେତାମାନେ ଡିସେମ୍ବର ୧୨ ତାରିଖ ୨୦୧୫ ମସିହାରେ ଉପରୋକ୍ତ ଆନ୍ତର୍ଜାତିକ ଚୁକ୍ତି ନାମାରେ ସ୍ୱାକ୍ଷର କରିଛନ୍ତି । ସେମାନେ ବିଷାକ୍ତ ଗ୍ୟାସର ନିର୍ଗତକୁ ରୋକିବା ପାଇଁ ପ୍ୟାରିସ ସମ୍ମିଳନୀରେ ସଂକଳ୍ପ କରିଛନ୍ତି । ବୈଶ୍ୱିକ ପରିବେଶ ନୀତି (Global Environmental Policy)ରେ ପ୍ରଦୂଷଣ ହ୍ରାସ ପରିଚାଳନା ଏବଂ ଶକ୍ତି ନବୀକରଣ ବ୍ୟବସ୍ଥା ଓ ସବୁଜ ଶକ୍ତିର ବ୍ୟବହାର ଉପରେ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଜାତିସଂଘ ଦ୍ୱାରା ପ୍ରସ୍ତୁତ ସ୍ଥାୟୀ ବିକାଶ ଲକ୍ଷ୍ୟ (SDGs), ମାନବ ଜାତିର ଉନ୍ନତି ଏବଂ ପରିବେଶ ସୁରକ୍ଷା ମଧ୍ୟରେ ଏକ ପ୍ରକାର ସନ୍ତୁଳନ ରଖିବାକୁ ଲକ୍ଷ୍ୟ ରଖିଛି । ଏହି ଲକ୍ଷ୍ୟଗୁଡ଼ିକ ମଧ୍ୟରେ ଅନେକ ପରିବେଶଜନିତ ସମସ୍ୟାଗୁଡ଼ିକର ନିରାକରଣ କରିବାକୁ ଉଦ୍ଦିଷ୍ଟ । ତନ୍ମଧ୍ୟରୁ ଏସଡିଜି (SDG ୧୩),ରେ ଜଳବାୟୁ ପରିବର୍ତ୍ତନ ଏବଂ ଏହାର କୁପ୍ରଭାବକୁ ହ୍ରାସ କରିବା ପାଇଁ ଉଲ୍ଲେଖ କରାଯାଇଛି । ପୃଥିବୀର ବାୟୁମଣ୍ଡଳରେ ଥିବା ଗ୍ୟାସଗୁଡ଼ିକ, ଯେପରିକି କାର୍ବନ ଡାଇଅକ୍ସାଇଡ୍, ଏକ ଗ୍ରୀନହାଉସର କାଚ ଛାତ ପରି ଉତ୍ତାପକୁ ଧରି ରଖେ । ଏହି ଉତ୍ତାପ ବୃଦ୍ଧି କରୁଥିବା ଗ୍ୟାସଗୁଡ଼ିକୁ ଗ୍ରୀନହାଉସ ଗ୍ୟାସ କୁହାଯାଏ ।

ଏହି ଗ୍ୟାସ୍‌କୁ ହ୍ରାସ କରିବା ଉପରେ ଅଧିକ ଜୋର ଦିଆଯାଇଛି । ଏସ ଡି ଜି– ୧୪ (SDG୧୪,) ଜଳ ତଳେ ଜୀବନ (Life Below Water) ଉପରେ ଆଧାରିତ । ସମୁଦ୍ର, ନଦୀ ଏବଂ ହ୍ରଦଗୁଡିକୁ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ଏବଂ ପ୍ରଦୂଷଣ ବୃଦ୍ଧିକୁ ହ୍ରାସ କରିବା ଉପରେ ମଧ୍ୟ ଏଥିରେ ଜୋର୍ ଦିଆଯାଇଛି । ପ୍ଲାଷ୍ଟିକ ଆବର୍ଜନାର ପ୍ରଦୂଷଣ କମାଇବା ଓ ସାମୁଦ୍ରିକ ପରିବେଶର ସୁରକ୍ଷା ଇତ୍ୟାଦି କାର୍ଯ୍ୟଗୁଡିକ ଅନ୍ତର୍ଭୁକ୍ତ । ଭୂମି ଉପରେ ଜୀବନ (Life on Land) ବିଷୟରେ ଏସ ଡି ଜି –୧୫(SDG ୧୫) ରେ ଉଲ୍ଲେଖ ଅଛି । ପ୍ରାକୃତିକ ଅଭୟାରଣ୍ୟ, ଜୈବ ବିବିଧତାର ସୁରକ୍ଷା ଏବଂ ଜଙ୍ଗଲ ସଂରକ୍ଷଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ମରୁଭୂମିକରଣ ଏବଂ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସକୁ ବନ୍ଦ କରିବା ପାଇଁ ଉଦ୍ୟମ ହେବା ଜରୁରୀ । ଜଙ୍ଗଲର ଅବକ୍ଷୟକୁ ବନ୍ଦ କରିବାକୁ ହେଲେ ଅଧିକରୁ ଅଧିକ ଗଛ ଲଗାଇବା ଉଚିତ ।

ଏସଡିଜି ୧୬ (SDG ୧୬):ନିର୍ମଳ ପାଣି ଏବଂ ସ୍ୱଚ୍ଛତା (Clean Water and Sanitation)ଉପରେ ଆଧାରିତ । ସ୍ୱଚ୍ଛ ପାଣି ଉପଲବ୍ଧ କରିବା ଏବଂ ଗାଁ ଏବଂ ସହରମାନଙ୍କରେ ସ୍ୱଚ୍ଛତା ବ୍ୟବସ୍ଥାରେ ଉନ୍ନତି ଆଣିବା, ଜଳ ପ୍ରଦୂଷଣ ହ୍ରାସ କରିବା,ସହର ଏବଂ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଓ ବ୍ୟବହୃତ ଜଳର ପୁନଃଚକ୍ରଣ କରିବା (recycling ) ବିଷୟବସ୍ତୁ ଉପରେ ଧ୍ୟାନ ଦିଆଯାଇଛି । ଏସଡିଜି ୧୧(SDG ୧୧)ସ୍ଥାୟୀ ସହର (Sustainable Cities ) ରେ ପରିବେଶ ପ୍ରଦୂଷଣ ଉପରେ ଉଲ୍ଲେଖ ରହିଛି । ପରିବେଶକୁ ସୁହାଇଲା ଭଳି ଭିତ୍ତିଭୂମି ସୃଷ୍ଟି କରିବା, ଘର ଏବଂ ସ୍ୱଚ୍ଛ ସହର ବିକାଶ ଅଭିଯାନ, ପରିବହନ ବ୍ୟବସ୍ଥାର ପରିବର୍ତ୍ତନ ଏବଂ ନବୀକରଣ ଉର୍ଜ୍ଜା ଉପରେ ଦୃଷ୍ଟି ଦେବା ମଧ୍ୟ ଜରୁରୀ । ଏସଡିଜି ୧୨ (SDG ୧୨ ) ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଉତ୍ପାଦନ (Responsible Consumption and Production) ଉପରେ ଜୋର ଦେଇଛି । ଏହି ଲକ୍ଷ୍ୟ ଦର୍ଶାଏ, ଆମେ ଖାଦ୍ୟର ଅଯଥା ଅପଚୟ କମାଇବା ଏବଂ ଦାୟିତ୍ୱପୂର୍ଣ୍ଣ ଭାବେ ଉତ୍ପାଦନ ବୃଦ୍ଧି କରିବା । ଏହାର ନିରାକରଣ ପାଇଁ ପରିବେଶବିତ୍‌ମାନେ ସୁଚିନ୍ତିତ ମତ ଦେଇଛନ୍ତି । ଏହାକୁ କୁହାଯାଏ 3R ଅଭିଯାନ ଅର୍ଥାତ୍ ହ୍ରାସ କରନ୍ତୁ (Reduce) । ଅଧିକ ପ୍ୟାକେଜିଂ ଦ୍ରବ୍ୟ ବ୍ୟବହାର ନ କରି, ସଂସାଧନ ସଞ୍ଚୟ କରିବା ଓ ଏ ଦିଗରେ ଅଯଥା ଖର୍ଚ୍ଚ ନକରି କେତେକ ଦ୍ରବ୍ୟର ପୁନଃବ୍ୟବହାର କରନ୍ତୁ । ଅନ୍ୟଟି ହେଲା (Reuse): କୌଣସି ଜିନିଷକୁ ନଷ୍ଟ କରିବା ପରିବର୍ତ୍ତେ ତାକୁ ପୁନଃ ବ୍ୟବହାରଯୋଗ୍ୟ କରନ୍ତୁ, ଯେପରିକି ବୋତଲ ଓ ବ୍ୟାଗଗୁଡିକ ପୁନଃବ୍ୟବହାରଯୋଗ୍ୟ ହେଇପାରିବ । ପୁନଃଚକ୍ରଣ (Recycle) ମଧ୍ୟ କରନ୍ତୁ । ବ୍ୟବହୃତ ସାମଗ୍ରୀକୁ ନୂତନ ପ୍ରକ୍ରିୟା ମାଧ୍ୟମରେ ବ୍ୟବହାର କରନ୍ତୁ ଏବଂ ସଂସାଧନ ଉପରେ ଚାପ କମାନ୍ତୁ ।

*କ୍ରମଶଃ...*

ପୂର୍ବତନ ଉପ ମହାପ୍ରବନ୍ଧକ
ବ୍ୟାଙ୍କ ଅଫ ଇଣ୍ଡିଆ,କଳିଙ୍ଗ ବିହାର,
ଭୁବନେଶ୍ୱର,ମୋ–୯୨୬୨୨ ୯୬୨୯୨

# ଶ୍ରାବଣରେ ଶିବ ଉପାସନା ଓ ବୋଲବମ୍ ଯାତ୍ରା କାହିଁକି ?

ବିକ୍ରମ କେଶରୀ ବିଶ୍ୱାଳ

ପ୍ରାଚୀନ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ଦିନ ପବିତ୍ର । ଏହି ମାସରେ ଭଗବାନ ଶିବ, ଗୌରୀ, କୃଷ୍ଣ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ବିଶେଷତଃ, ଶିବ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାପାଠ କରାଯାଏ । ଏହି ମାସର ସୋମବାରଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ହୋଇଥିଲେ ହେଁ ସମସ୍ତେ ପ୍ରତ୍ୟେକ ଦିନ ସାୟଂକାଳରେ ଶିବ ମନ୍ଦିର ଦର୍ଶନ କରିବା ସହ ଜଳାଭିଷେକ କରିବା ଉଚିତ । ଶ୍ରାବଣ ମାସର ଜଳାଭିଷେକକୁ ରୁଦ୍ରାଭିଷେକ କୁହାଯାଏ ।

ଏହି ମାସରେ ଶିବଙ୍କର ରୁଦ୍ର ଅବତାରଙ୍କୁ ପୂଜା କରିବା ବିଧି । ଏହା ଦ୍ୱାରା ସମସ୍ତ ଦୁଷ୍ଟ–ଶିବଶକ୍ତିଙ୍କ କବଳରୁ ମୁକ୍ତି ମିଳେ । କାମନା ପୂରଣ ହୁଏ ଏବଂ ସମୃଦ୍ଧି ପ୍ରାପ୍ତ ହୁଏ । ନିଜର ସମସ୍ତ ପାପ ଧୋଇବା ଲାଗି ଏହି ମାସରେ ରୁଦ୍ରାଭିଷେକ କରାଯାଏ । ଦୁଗ୍ଧ ମହୁ, ବେଲପତ୍ର, ଦଧି, ଶର୍କରା, ଘୃତ ଓ ପୁଷ୍ପ ଅର୍ପଣ କରାଯାଏ । ସର୍ବଦା ପ୍ରଦୋଷ ବା ସାୟଂକାଳରେ ରୁଦ୍ରାଭିଷେକ କରଣୀୟ । ଶ୍ରାବଣ ମାସର ଶନିବାରଗୁଡ଼ିକ ମଧ୍ୟ ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଏହି ଶନିବାରଗୁଡ଼ିକରେ ଶନିଦେବଙ୍କୁ ପୂଜା କଲେ ଶନିଦଶାରୁ ମୁକ୍ତି ମିଳେ । ଶ୍ରାବଣରେ ଶନି–ପୂଜା କରି ରାଜା ଦଶରଥ ଶନି–ଦୋଷ ମୁକ୍ତ ହୋଇଥିବା ପୁରାଣରେ ଉଲ୍ଲେଖ କରାଯାଇଛି ।

ପୁରାଣରେ ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ ମାତା ପାର୍ବତୀ ଏହି ବ୍ରତ ପାଳିଥିଲେ । ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ । ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ । ଏହି ପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି । ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ । ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ ପ୍ରିୟ । କୁହାଯାଏ ଏହି ମାସରେ ମାତା ପାର୍ବତୀ ବର ରୂପେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖି ତପସ୍ୟା ବି କରିଥିଲେ । ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ । ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ, ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଗଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ ।

ଏହାଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା । ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ । ଏ ହେଉଛି ହେଉଛି ଭଗବାନ ଶିବଙ୍କ ପ୍ରିୟ । ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି । ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି । ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ । ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ । ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର । ସୋମବାର ବ୍ରତ ରଖିବା ପାଇଁ ଉତ୍ତମ ବାର । ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ । ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ । ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ । ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି । ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତମାନଙ୍କୁ କାଉଡିଆ କୁହାଯାଏ । ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି । ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି । ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରୈମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି ।

କାଉଡିଆ ଯାତ୍ରାରେ ନିତ୍ୟ କର୍ମରେ ଶୁଦ୍ଧ ଓ ପବିତ୍ର ହୋଇ ବରୁଣ ଦେବତାକୁ ପୂଜନ କରି ଜଳକୁ ତମ୍ବା, ପିତ୍ତଳ, ଚାନ୍ଦି ପାତ୍ରରେ ଜଳ ଭରି କରାଯାଇଥାଏ । ମାଟି ପାତ୍ରରେ ସଂଗୃହୀତ ଜଳରେ ବ୍ରହ୍ମା ରହିଥାନ୍ତି । କିନ୍ତୁ ଏହାର ପବିତ୍ରତା ଉପରେ ସତର୍କତା ଅବଲମ୍ବନ କରିବା ଉଚିତ । ଜଳସ୍ରୋତରୁ ଥରେ ଜଳ ଭର୍ତ୍ତିକରି ତାକୁ ଅଭିଷ୍ଟ କର୍ମ ପୂର୍ବକ ଅର୍ଥାତ୍ ଶିବଙ୍କୁ ଅର୍ପଣ କରିବା ପୂର୍ବରୁ ଭୂମିରେ ରଖିବା ଅନୁଚିତ ।

ଅଶୌଚ ସମୟରେ କାଉଡିଆମାନେ ନିଜ ସାଥୀଙ୍କୁ ଧରାଇବା ବା କୌଣସି ଉଚ୍ଚ ଜାଗାରେ ରଖିବା ଉଚିତ । ଯେପରି ଭାରଟି ଭୂମିକୁ ସ୍ପର୍ଶ କରୁନଥିବ। ଯଦି କୌଣସି କାରଣବଶତଃ କାଉଡିଆ ଯାତ୍ରା କରିବା ସମୟରେ ଅଶୌଚ ହୋଇଥିବ ସେ ପୁଣି ଥରେ ନଦୀରେ ସ୍ନାନ କରି ମନ୍ତ୍ରଉଚ୍ଚାରଣ କରି ଜଳ ଭର୍ତ୍ତି କରି ଯାତ୍ରା କରିବା ଉଚିତ । ସୂର୍ଯ୍ୟୋଦୟର ଦୁଇ ଘଣ୍ଟା ପୂର୍ବରୁ ଓ ସୂର୍ଯ୍ୟାସ୍ତର ଦୁଇଘଣ୍ଟା ପରେ କାଉଡିଆ ଯାତ୍ରା କରିବାର ନିୟମ ରହିଛି ।

ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନ ଗଞ୍ଜ ନିକଟସ୍ଥ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ । ଲଙ୍କାପତି ରାବଣ ମଧ୍ୟ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ । ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ । ସେ ମଧ୍ୟ ଶିବଙ୍କୁ କାଉଡି ଜଳରେ ସ୍ନାନ କରାଉଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ, କାଉଡିଆଙ୍କ ଜଳାର୍ପଣ ପରମ୍ପରା ବହୁତ ପ୍ରାଚୀନ । ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ, ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧ୍ୟରେ ଏହା ପ୍ରଚଳିତ ।

ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ । ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ । ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇଥାଏ । ଅନେକ ବ୍ୟକ୍ତିବିଶେଷ ଓ ଆଧ୍ୟାତ୍ମିକ ସଂଗଠନମାନେ ଏହି କାଉଡିଆଙ୍କ ସେବା କାର୍ଯ୍ୟ ନିମନ୍ତେ ରାସ୍ତା କଡ଼ରେ ବିଭିନ୍ନ ଆନୁଷ୍ଠାନିକ ସେବା ସମ୍ପାଦନ କରୁଛନ୍ତି । ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ । ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ । ସର୍ବପ୍ରଥମେ ମାନସିକ ଓ ଆଧ୍ୟାତ୍ମିକ ଭାବରେ ନିଜକୁ ପବିତ୍ର କଲାପରେ ଭଗବାନଙ୍କୁ ନାମ ସ୍ମରଣ ଦ୍ୱାରା ବୋଲବମ୍ ଯାତ୍ରା ସଫଳ ହୋଇଥାଏ । ବିଶ୍ୱାସ ରହିଛି ଧର୍ମ–ଅର୍ଥ–କାମ–ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ ।

ଯାଜପୁର ରୋଡ଼, ଯାଜପୁର,
ମୋ–୯୯୩୮୫୩୬୦୭୬

# ହଜିଗଲେଣି ଲାଲ ଟୁକୁ ଟୁକୁ ସାଧବ ବୋହୂ

ସନ୍ତୋଷ କୁମାର ଦାଶ

ମୌସୁମୀ ଆସିଲେ ବର୍ଷାର ପରଶ ପାଇ ଧରିତ୍ରୀ ମା' ସବୁଜ ରଙ୍ଗର ଶାଢ଼ି ପିନ୍ଧେ । ବର୍ଷା ଋତୁର ଆଗମନରେ ସବୁଜ ପଡ଼ିଆର ଅନେକ ସ୍ଥାନରେ ଦେଖାଯାଆନ୍ତି ଲାଲ ଟୁକୁ ଟୁକୁ ସାଧବ ବୋହୂ । ପ୍ରକୃତିର ଅନନ୍ୟ ଆକର୍ଷଣ ଏହି କୀଟ । ତାକୁ ଦେଖି ପିଲା ଠାରୁ ବୟସ୍କ ସମସ୍ତେ ଖୁସି ହୁଅନ୍ତ । ଏହି କୁନି କୀଟର ରଙ୍ଗ ଲାଲ ମଖ ମଲ ମଲ ହୋଇଥିବାବେଳେ ଏହାର ଧୀର ଚାଲିରୁ ତାକୁ ଲୋକେ କହିଥାନ୍ତି ସାଧବ ବୋହୂ । ନୀରିହ ସାଧାରଣ କୀଟଟି କାହାରି କିଛି ଅନିଷ୍ଟ କରି ନଥାଏ । ତେଣୁ ତାର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷଣ କରିଥାଏ । ସାଧବ ବୋହୂ ସାଧାରଣତଃ ସବୁଜ ଘାସ ପଡ଼ିଆରେ ଦେଖାଯାଆନ୍ତି । ଏହା ବର୍ଷାଋତୁରେ ପ୍ରକୃତି ପକ୍ଷରୁ ସୃଷ୍ଟି ଏହା ଏକ ଅନନ୍ୟ ଆକର୍ଷଣ । ବର୍ଷାଋତୁ ଆରମ୍ଭ ହେବା ମାତ୍ରେ ଏମାନେ ଦଳ ଦଳ ହୋଇ ଗାଆଁ ଗଣ୍ଡାର ପଡ଼ିଆରେ ଦେଖାଯାଆନ୍ତି । ଏବେ ବଦଳି ଯାଇଛି ପରିବେଶ । ବାୟୁମଣ୍ଡଳ ପ୍ରଦୂଷଣ କାରଣରୁ ମାଟି, ପାଣି,ପବନ ସବୁ ଏକରକମ ବିଷାକ୍ତ ହୋଇଯାଇଛି ।

ଅତ୍ୟଧିକ ରାସାୟନିକ ସାର, ତୀବ୍ର ଗନ୍ଧ ଯୁକ୍ତ କୀଟନାଶକ, ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ପ୍ରଭୃତି ବ୍ୟବହାର କାରଣରୁ ମାଟି ତାର ପ୍ରାକୃତିକ ଉର୍ବରତା ହରାଇ ବସୁଛି । ରାସାୟନିକ ସାର ବ୍ୟବହାର ନ କଲେ ଆଉ ଫସଲ, ପନିପରିବା ଯଥେଷ୍ଟ ପରିମାଣରେ ଫଳୁନାହିଁ । ଏଣୁ ମାଟିର ପ୍ରାକୃତିକ ଗୁଣ ଲୋପ ପାଉଛି । ମାଟି ସବୁ ବିଷାକ୍ତ ଆଉ ଅତ୍ୟଧିକ ଲବଣାକ୍ତ ହୋଇପଡୁଥିବାରୁ ଆଗଭଳି ଆଉ ସେହି କୀଟକୁ ଦେଖିବାକୁ ମିଳୁନାହିଁ ।

ଜୈବିକ ପଦ୍ଧତିରେ ଚାଷ କରାନ ଗଲେ ଏହି କୀଟ ପରି ଅନେକ କୀଟ, ପତଙ୍ଗ, ଛୋଟ ଜୀବ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଇ ଆସୁଛନ୍ତି । ଆମେ ସଚେତନ ହେଲେ ମାଟିର ଉର୍ବରତା ବଜାୟ ରୁହନ୍ତା । ବେଳ ହୁଁ ସଚେତନ ନହେଲେ ବର୍ଷା ଋତୁର ଏହି ସୁନ୍ଦର କୀଟ ସାଧବ ବୋହୂ ପରି ଅନେକ ଉପକାରୀ ଜୀବ ଆସ୍ତେ ଆସ୍ତେ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ ଏଥିରେ ସନ୍ଦେହ ନାହିଁ ।

ତୁଳସୀପୁର, ପୁରୀ
ମୋ–୯୪୩୯୩୬୧୮୮୮

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ମୃତ...

ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଛି । ତଥାପି ନି ।।ଖୋଜଙ୍କୁ ଠାବ କରିବା ଓ ପ୍ରଭାବିତଙ୍କୁ ସାହାଯ୍ୟ ଯୋଗାଇବା ପାଇଁ ଚେଷ୍ଟା ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ଧାମୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ କେନ୍ଦ୍ର ସମସ୍ତ ସହଯୋଗ କରିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ମୁତୟନ ଅଛନ୍ତି । ଆଇଟିବିପିର ୩ ଟିମ୍ ଓ ୪ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତରକାଶୀର ଏହି ଛାତିଥରା ଘଟଣା ଲାଗି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ମହାପ୍ରଭୁଙ୍କ ନିକଟରେ କ୍ଷତିଗ୍ରସ୍ତ ପରିବାର ସୁରକ୍ଷିତ ରହିବାକୁ ପ୍ରାର୍ଥନା କରିଛନ୍ତି । ଉତ୍ତରାଖଣ୍ଡର ଏଭଳି ସମୟରେ ଓଡ଼ିଶାବାସୀ ସେମାନଙ୍କ ସହ ଅଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏଭଳି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏଭଳି ଅକଳ୍ପନୀୟ ବିପର୍ଯ୍ୟୟ ସମୟରେ ମୋର ଭାବନା ଏହି ପରିବାରମାନଙ୍କ ସହ ରହିଛି ।

## ପୁଣି...

ଅର୍ଥରେ ୟୁକ୍ରେନ୍ ସହ ଲଢ଼େଇ ଚାଲିଛି । ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଋଷରୁ ଶସ୍ତାରେ ତେଲ କିଣି ଭାରତ ଖୋଲା ବଜାରରେ ତାକୁ ବିକ୍ରି କରି ଅଧିକ ଲାଭ କରୁଛି । ୟୁକ୍ରେନ୍‌ରେ କେତେ ଲୋକ ମରୁଛନ୍ତି ସେଥିପ୍ରତି ତାଙ୍କର ଚିନ୍ତା ନାହିଁ । ଧୀରେ ଧୀରେ ମୁଁ ଶୁଳ୍କ ବଢ଼ାଇବି ବୋଲି ଟ୍ରମ୍ପ କହିଛନ୍ତି । ତେବେ ଟ୍ରମ୍ପଙ୍କର ଏଭଳି ଧମକର ଜବାବ ଭାରତ ପକ୍ଷରୁ ଦିଆଯାଇଛି । ଆମେରିକା ଏବଂ ୟୁରୋପୀୟ ସମୁହ ଋଷରୁ ତେଲ କିଣା ଉପରେ ଅନ୍ୟାୟ ଭାବେ ପ୍ରତିବନ୍ଧକ ଲଗାଇଛନ୍ତି । ଋଷ୍ ସହ ଆମର ବ୍ୟବସାୟୀକ ସମ୍ପର୍କ ଦୀର୍ଘ ଦିନରୁ ରହିଛି । ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ମଧ୍ୟ ଏହା ଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ବୈଦେଶିକ ମନ୍ତ୍ରଣାଳୟ ଏକ ୬ ସୂତ୍ରୀୟ ବିବୃତ୍ତି ଜାରି କରି ଆମେରିକା ଓ ୟୁକେରାପ ସମୁହର ଦୋମୁହାଁ ନୀତିକୁ ପଦାରେ ପକାଇଛି । ଜାତୀୟ ସ୍ୱାର୍ଥ ସହ କୌଣସି ବୁଝାମଣା କରାଯିବ ନାହିଁ ବା କୌଣସି ଦେଶର ଦବ୍‌ଦବା ବା ଦାଦାଗିରିକୁ ବରଦାସ୍ତ କରାଯିବନାହିଁ ବୋଲି କୁହାଯାଇଛି । ଋଷ୍ ୬ ସୂତ୍ରୀୟ ବିବୃତ୍ତିରେ ଋଷରୁ ତେଲ ଆମଦାନୀର କାରଣ ସମ୍ପର୍କରେ ଉ ।।ଲ୍ଲେଖ କରାଯିବା ସହ ଭାରତୀୟ ଉପଭୋକ୍ତାଙ୍କ ସ୍ୱାର୍ଥ, ଅନ୍ୟ ସାମଗ୍ରୀର ଆମଦାନୀ ଉପରେ ଆଲୋକପାତ କରାଯାଇଛି । ଆମେରିକା ଋଷରୁ ଆମଦାନୀ ଜାରି ରଖିଛି । ଏଥିରେ ପରମାଣୁ ଶିଳ୍ପ ପାଇଁ ୟୁନରାନିୟମ୍ ହେକ୍ସା ଫୋଲାରାଇଡ, ଇଭି ଶିଳ୍ପ ପାଇଁ ପାଲାଡିୟମ, ସାର ଓ ରାସାୟନିକ ଦ୍ରବ୍ୟ ଅନ୍ତର୍ଭୁକ୍ତ । ଏହା ଆମେରିକାର ଦୋମୁହାଁ ନୀତିକୁ ସ୍ପଷ୍ଟ କରୁଛି । ଭାରତ ନିଜର ଜାତୀୟ ସ୍ୱାର୍ଥ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ଋଷ୍ ମଧ୍ୟ ଭାରତର ଅଧିକାରକୁ ସମର୍ଥନ କରିଛି । ଋଷ୍ ପକ୍ଷରୁ କୁହାଯାଇଛି ଯେ ନିଜର ବ୍ୟବସାୟୀକ ଅଂଶୀଦାର କିଏ ହେବ ତାହା ବାଛିବାର ଅଧିକାର ଭାରତର ରହିଛି । ଆମେ ଅନେକ ବକ୍ତବ୍ୟ ଶୁଣୁଛୁ, ଯାହା ବାସ୍ତବରେ ଏକ ଚେତାବନୀ । ଋଷ୍ ସହ ବାଣିଜ୍ୟିକ ସମ୍ପର୍କକୁ ବନ୍ଦ କରିବାକୁ ଚାପ ପଡୁଛି । ଆମେ ଏହି ମନ୍ତବ୍ୟକୁ ଆଇନ୍‌ଗତ ବୋଲି ଭାବୁନାହୁଁ ।

## ବଦଳିବ...

ସଂଶୋଧନ କରି ଦଣ୍ଡବିଧାନ ପ୍ରସ୍ତାବ ଦିଆଯାଇଛି । ସଂଶୋଧନ ପରେ ଖିଲାପକାରୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଦଣ୍ଡବିଧାନ ବ୍ୟବସ୍ଥା ରହିଛି । ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି । ଏହାଛଡା ମହାପ୍ରାସାଦର ରେଟ୍‌ଚାର୍ଟ ଲାଗିବ । ଖଜା ଗୋଟିଏ ପାର୍ଶ୍ୱରେ ଓ ମହାପ୍ରାସାଦ ପାଇଁ ଅଲଗା ପାର୍ଶ୍ୱର ବ୍ୟବସ୍ଥା ହେବ । କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି । ଯଦି କିଛି ବ୍ୟତିକ୍ରମ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଛି ।

## ଦୁର୍ନୀତିରୁ...

ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ହାତୀ ମନୁଷ୍ୟ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନ ଚାଷ କରିବା ପାଇଁ ବିଭାଗକୁ ସେ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ । ବୃକ୍ଷରୋପଣ ସହିତ ତା'ର ସୁରକ୍ଷା, ପରିଚାଳନା ଓ ତଥା ସବୁଜ ବଳୟ ବୃଦ୍ଧି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ । ଏଥିସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ବନ୍ୟପ୍ରାଣୀ ଶିକାର ରୋକିବା, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି । ତଥାପି ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ପଡିବ । ଆବଶ୍ୟକ ସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଜଙ୍ଗଲ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସୁରକ୍ଷା ମଞ୍ଚ ଇତ୍ୟାଦିର ସହଯୋଗ କାମନା କରିଥିଲେ । ଏଥିସହିତ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡିଶା ଗଠନ ପାଇଁ ପରିକଳ୍ପନା କରାଯାଇଥିବା ସବୁଜ ଓଡିଶା ଗଠନର ଲକ୍ଷ୍ୟ ପୂରଣରେ ବିଭାଗୀୟ ଅଧିକାରୀଙ୍କ ନିଷ୍ଠାପର ଯୋଗଦାନ କାମନା କରିବା ସହିତ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ଓ ଗବେଷଣା ଦିଗ ପ୍ରତି ଗୁରୁତ୍ୱାରୋପ କରି ଲୋକମାନଙ୍କ ସେବା କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଦୁର୍ନୀତି ବିରୋଧରେ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି । ତେଣୁ, ଅଧିକାରୀ ମାନେ ଦୁର୍ନୀତିରୁ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଦେଇଥିଲେ ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ହେଉଛି ଏ ସମାଜର ଜୀବନ ରେଖା । ଏ ସୃଷ୍ଟିର ମୌଳିକତାକୁ ବଜାୟ ରଖିବାରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି । ନୂଆ ସରକାର ଆସିବା ପରେ ଜଙ୍ଗଲ ସଂରକ୍ଷଣ ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦିଆଯାଉଛି । ଆଜି ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟ ଆମ ନିଷ୍ଠାପର ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର । ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ଆମ ରାଜ୍ୟ ହେଉଛି ଏକ ଜୈବ ବିବିଧତା ପୂର୍ଣ୍ଣ ରାଜ୍ୟ । ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ସହିତ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ ।

କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା । ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ । ଜଙ୍ଗଲ ସମ୍ପଦର ସଂରକ୍ଷଣ ଏବଂ ବିଭାଗର ସଫଳତା ଉପରେ ପର୍ଯ୍ୟବସିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ବନଖଣ୍ଡର ବନ ସଂରକ୍ଷକ, ଡିଏଫ୍‌ଓ, ଏସିଏଫଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେଇଥିଲେ । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଯୁକ୍ତିକ...

ଦେବାରେ ବିଫଳ ରହିବେ, ପ୍ରତି ନାଗରିକର ନୈତିକ ଦାୟିତ୍ୱ ହେଉଛି ଉତ୍ତରଦାୟିତ୍ୱ ସ୍ଥିର କରିବା । ସୂଚନାଯୋଗ୍ୟ ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଏଜି ମାସିସ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତକାଲି ରାହୁଲ ଗାନ୍ଧି ଭାରତ ଯୋଡ ଯାତ୍ରା ସମୟରେ ଦେଇଥିବା ଏକ ମନ୍ତବ୍ୟ ସମ୍ପର୍କରେ ତାଙ୍କ ଟିପ୍ପଣୀ ରଖିଥିଲେ । ପ୍ରକୃତ ଭାରତୀୟ ଏଭଳି ମନ୍ତବ୍ୟ ଦେବେନାହିଁ ବୋଲି ସେ କହିଥିଲେ । ରାହୁଲଙ୍କୁ ସମର୍ଥନ କରି ପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ ସୁପ୍ରିମ୍‌କୋର୍ଟ ଜଜ୍‌ମାନଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି । ମାତ୍ର କିଏ ପ୍ରକୃତ ଭାରତୀୟ ସେମାନେ ନିଷ୍ପତ୍ତି ନେବାକୁ କିଏ । ବିରୋଦୀ ଦଳର ନେତାଙ୍କର କର୍ତ୍ତବ୍ୟ ହେଉଛି ସେମାନେ ସରକାରଙ୍କୁ ପ୍ରଶ୍ନ ପଚାରିବେ । ରାହୁଲ ସେନା ଉପରେ କୌଣସି ମନ୍ତବ୍ୟ ଦେଇନାହାନ୍ତି । ସେନା ପ୍ରତି ତାଙ୍କର ଗଭୀର ସମ୍ମାନ ରହିଛି । ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି ।

ତେବେ ବିଜେପିର ରବିଶଙ୍କର ପ୍ରସାଦ କହିଛନ୍ତି ଯେ ସୁପ୍ରିମ୍‌କୋର୍ଟ ପରାମର୍ଶ ଦେଇଛନ୍ତି ଯେ ଜଣେ ଭାରତୀୟ ଦେଶ ସମ୍ପର୍କରେ ଏଭଳି କହିପାରିବ ନାହିଁ । ମାତ୍ର ରାହୁଲ ଗାନ୍ଧି ତାହା ବୁଝିପାରୁନାହାନ୍ତି । ଏହା ପ୍ରଥମ ଥର ନୁହେଁ, ସୁପ୍ରିମ୍‌କୋର୍ଟ ବହୁବାର ରାହୁଲ ଗାନ୍ଧିଙ୍କ ଉପରେ ଟିପ୍ପଣୀ ଦେଇଛନ୍ତି । ବିରୋଧୀ ଦଳ ନେତାର ଦାୟିତ୍ୱ କ'ଣ ତାହା ବୁଝିବା ଦରକାର । କଂଗ୍ରେସ ବାରମ୍ବାର ସରକାରଙ୍କୁ ଜାତୀୟ ସୁରକ୍ଷା ବିପଦରେ ନେଇ ପ୍ରଶ୍ନ ପଚାରୁଛି ।

## ସୋଭନା...

ନ୍ୟାୟ ପାଇଁ ସବୁବେଳେ ଲଢ଼ିବି । ନିଜ ଦଳ ହେଉ କିମ୍ବା ଅନ୍ୟ କେଉଁ ଦଳର ହୁଅନ୍ତୁ, ଦୋଷୀକୁ ଛଡାଯିବନାହିଁ । ସେହିଭଳି ଶିଶୁ ସୁରକ୍ଷା ଆୟୋଗରେ ମଧ୍ୟ ୬ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି । କେନ୍ଦୁଝର ଜିଲ୍ଲାର ସୁକେଶି ଓ ରାଉରକେଲାର କଳ୍ପନା ଲେଙ୍କା, ଭୁବନେଶ୍ୱରର ଚନ୍ଦନା ଦାଶ, କସ୍ତୁରୀ ମିଶ୍ର, ସୁଜାତା ନାୟକ ଓ ଭଦ୍ରକ ଜିଲ୍ଲାର ମନସ୍ମିତା ଖୁଣ୍ଟିଆଙ୍କୁ ନିଯୁକ୍ତି ମିଳିଛି । ଶିଶୁ ସୁରକ୍ଷା ଅଧକ୍ଷତା ବବିତା ପାତ୍ର କହିଛନ୍ତି ଯେ ତାଙ୍କ ଉପରେ ବିଶ୍ୱାସ ରଖିଥିବାରୁ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି । ଶିଶୁ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ ହେବ । ଶିଶୁ ନିର୍ଯାତନା କମାଇବାକୁ ରୋଡ୍‌ମ୍ୟାପ୍ କରିବୁ । ଶିଶୁ ସୁରକ୍ଷା ଅଧକ୍ଷ ଭାବେ ସେ ୫ ବର୍ଷ କାର୍ଯ୍ୟ କରିବେ । ୫ ବର୍ଷ କିମ୍ବା ୬୦ ବର୍ଷ ଯାହା ଆଗ ଆସିବ ତାହାପରେ ଅବସର ଗ୍ରହଣ କରିବେ । ସେହିପରି ମହିଳା କମିଶନ ଅଧକ୍ଷାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଛି । ୬୦ ବର୍ଷ କିମ୍ବା ୩ ବର୍ଷ ଯାହା ପ୍ରଥମେ ଆସିବ ତଦନୁଯାୟୀ ତାଙ୍କ କାର୍ଯ୍ୟକାଳର ହିସାବ କରାଯିବ ।

## ଅଗଷ୍ଟ...

ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ଝାରସୁଗୁଡ଼ା...

ପିଠି ଓ ଛାତିରେ ଗୁରୁତର ଆଘାତ ଲାଗିଛି । କର୍ମଚାରୀ ସଂଘ ସଭାପତି ସେଠାରୁ ସିଧା ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ବିମାନ ବନ୍ଦର ନିର୍ଦ୍ଦେଶକ ଶ୍ରୀ ତିୱାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ତାଙ୍କ ଏଫଆଇଆରରେ ଦାବି କରିଛନ୍ତି ଶ୍ରୀ ମିଞ୍ଜ । ଅନ୍ୟପକ୍ଷରେ ଏହି ଘଟଣା ନେଇ ଶ୍ରୀ ତିୱାରୀ କିମ୍ବା ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

## ୭ରୁ...

ଯୋଗ ଦେବେ । ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ଓ "ଏକତା' ଉତ୍ସବ ଆୟୋଜନ ଉପଲକ୍ଷେ ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଙ୍ଗଳବାର ଏହା କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ । ସେ କହିଛନ୍ତି, ଓଡ଼ିଶାର ବୁଣାକାରମାନେ ଆମ ସାଂସ୍କୃତିକ ଐତିହ୍ୟର ଆତ୍ମା । ହସ୍ତତନ୍ତ କେବଳ ଖଣ୍ଡେ କପଡ଼ା ନୁହେଁ, ଏହା ଆମ ଐତିହ୍ୟ ।

ଭାରତ ସରକାରଙ୍କ ବୟନ ମନ୍ତ୍ରାଳୟର ପ୍ରମୁଖ ପଦକ୍ଷେପ ଏକତା କାର୍ଯ୍ୟକ୍ରମ (ଇକେଟିଏ- ଏକ୍ସିବିସନ କମ୍ ନଲେଜ ସେୟାରିଂ ଫର ଟେକ୍ସଟାଇଲ ଆଡଭେଣ୍ଟେଜ) ଅର୍ଥାତ (ବୟନ ଶିଳ୍ପର ଅଗ୍ରଗତି ନିମନ୍ତେ ପ୍ରଦର୍ଶନୀ ଦ୍ୱାରା ଜ୍ଞାନ ପ୍ରଦାନ) ଓଡ଼ିଶା ଶାଖାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ବଳସାମନ୍ତ ୮ ତାରିଖରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ । ୭ରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯେଉଁଥିରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ସମସାମୟିକ ନୃତ୍ୟ ପ୍ରଦର୍ଶନ ସହ ଫ୍ୟାଶନ୍ ଶୋ, ଲେଜର୍ ଶୋ କାର୍ଯ୍ୟକ୍ରମ ଆୟୋଜନ ହେବ ।

୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଏକ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ ହେବ । ଓଡ଼ିଶାର ସମୃଦ୍ଧ ବୟନ ଐତିହ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ୬୦ଟି ଷ୍ଟଲ ରହିବ । ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୫୦୦ ରୁ ଅଧିକ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିବେ । ରାଜ୍ୟର ବିଭିନ୍ନ ହସ୍ତତନ୍ତ ଅସ୍ମିତା ସହ ବୟନ ମନ୍ତ୍ରାଳୟ ସହଯୋଗରେ ୮ ରୁ ଅଧିକ ରାଜ୍ୟର ବୁଣାକାରମାନେ ସେମାନଙ୍କ ହସ୍ତତନ୍ତ ପ୍ରଦର୍ଶନ କରିବେ । ଏହାସହ ଫୁଡ୍ କୋର୍ଟ, ପ୍ଲେ ଜୋନ୍, ଆଦିର ବ୍ୟବସ୍ଥା ହୋଇଛ । ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଫଳପ୍ରଦ ଫଳାଫଳ ପାଇବା ପାଇଁ ବିଭିନ୍ନ କର୍ମଶାଳା, କ୍ରେତା-ବିକ୍ରେତା-ନିର୍ମାତା ସମ୍ମିଳନୀ, ଡିଜାଇନର ଓ କାରିଗରଙ୍କ ସହ ବିଶେଷ ଅଧିବେଶନ ଆୟୋଜନ କରାଯିବ । ଯୋଗ୍ୟ ବୁଣାକାରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବ ।

ଏହି ସାମ୍ବାଦିକ ସମ୍ମିଳନୀରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ୭ରୁ ୧୩ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ପାଇଁ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ଟିପି ଓଡ଼ିଶା ଡିସ୍କମ୍ ପକ୍ଷରୁ "ମେକ୍ ଇନ୍ ଓଡ଼ିଶା'କୁ ସମର୍ଥନ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶାସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍କମ୍‌ଗୁଡ଼ିକ ଗତ ଚାରି -ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପ୍ରାୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି । ଏହିବରାଦଗୁଡ଼ିକ

**ସ୍ଥାନୀୟ ଭେଣ୍ଡରଙ୍କୁ ୧୬,୦୦୦ କୋଟିର ବରାଦ ପ୍ରଦାନ**

ଟିପି ସେଂଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂ ଳ ଦୁ ଆ ପ । ଲ ଟି ଥି ବ । ବେଳେ ୧୭,୬୭୨ରୁ ଅଧିକ ବରାଦ ଆଂଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନକରିଛି ।ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ) ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହାସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଂଟ୍ ଓ ସେବାପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି ।ବିଦ୍ୟୁତ୍ ଭିର୍ତିଭୂମି ଆବଶ୍ୟକତା ପାଇଁ ପୁଞ୍ଜି ବ୍ୟୟ (କ୍ୟାପେକ୍ସ), ପରିଚାଳନା ବ୍ୟୟ (ଓପେକ୍ସ), ସରକାରୀ ପାଣି ପ୍ରକଳ୍ପ ଏବଂବାଣିଜ୍ୟିକ ଓ ଶିଳ୍ପ (ସିଆଣ୍ଡଆଇ) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭିର୍ତିଭୂମି କାମ ପାଇଁ ଏହି ବରାଦଗୁଡ଼ିକ ଦିଆଯାଇଛି । ବଂଟନ ଟ୍ରାନ୍ସଫର୍ମର,ତାର, ଖୁଂଟ, ଏଲଟି ଓ ଏଚ୍‌ଟି ହାର୍ଡୱେୟାର, ଲାପଟପ, ଡେସ୍କଟପ ଓ ଅନ୍ୟାନ୍ୟ ପ୍ରମୁଖ ଉପକରଣ ଯୋଗାଣ କ୍ଷେତ୍ରରେ ପ୍ରାୟ୨୫୦୦ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରାଯାଇଛି ।ଏହିସହଯୋଗିତା ସ୍ଥାନୀୟ ଦକ୍ଷତା ବିକାଶ ଗଠନ ଓ ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ସ୍ଥାନୀୟସମୁଦାୟରୁ ନିଯୁକ୍ତି ଦେବାକୁ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଉଛି, ଯାହା ଫଳରେ ସ୍ଥାନୀୟ ସ୍ତରରେ ପ୍ରତ୍ୟକ୍ଷ ନିଯୁକ୍ତି ଉତ୍ସ ସୃଷ୍ଟିହେବ ଏବଂ ଦକ୍ଷତା ବିକାଶରେ ଉନ୍ନତି ହୋଇପାରିବ । ଏହି ଅଭିଯାନ ଓଡ଼ିଶା ସରକାରଙ୍କ "ମେକ୍ ଇନ୍ ଓଡ଼ିଶା' ଲକ୍ଷ୍ୟ ସହିତସମନ୍ୱିତ ରହିଛି ଯେଉଁଥିରେ ଏକ ସ୍ୱାବଲମ୍ବୀ, ଦୃଢ଼ ଯୋଗାଣ ବ୍ୟବସ୍ଥା ଓ ବିଦ୍ୟୁତ୍ କ୍ଷେତ୍ରରେ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି ।


# ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ

ଗୁରୁଜଙ୍ଗ (ଖୋର୍ଦ୍ଧା) : ଖୋର୍ଦ୍ଧାର ଜନପ୍ରିୟ ତଥା ସ୍ୱନାମଧନ୍ୟ ଡାକ୍ତର ସ୍ୱର୍ଗତ ରାମକୃଷ୍ଣ ସାମନ୍ତରାୟ ଓ ତାଙ୍କର ଧର୍ମପନି ଶୈବାଳିନୀ ଦେବୀଙ୍କର ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ ଯଥାକ୍ରମେ ତା.୬.୮.୨୫ ଏବଂ ୧୨.୮.୨୫ ରିଖରେ ଗୁରୁଜଙ୍ଗସ୍ଥିତ ରାଜପ୍ରାସାଦ ରାମକୃଷ୍ଣ-ଶୈବାଳିନୀ ସଦନରେ ମହାସମାରୋହରେ ପାଳିତ ହେବ । ଏହି ଅବସରରେ ନାମ ସଂକୀର୍ତ୍ତନ, ଗୀତାପାଠ ଓ ପୁଷ୍ପାଞ୍ଜଳି, ସ୍ମୃତିସଭା ତଥା ମଧ୍ୟାହ୍ନ ୨ ଘଟିକା ସମୟରେ ପ୍ରସାଦ ସେବନର ଆୟୋଜନ କରାଯାଇଛି । ସମସ୍ତ ଶୁଭାକାଂକ୍ଷୀ ଜନତାଙ୍କୁ ତାଙ୍କର ଜ୍ୟେଷ୍ଠପୁତ୍ର ଉଚ୍ଚନ୍ୟାୟାଳୟର ଆଇନଜୀବୀ ରାଧାକୃଷ୍ଣ ସାମନ୍ତରାୟ ଉକ୍ତ ଉତ୍ସବରେ ଯୋଗଦାନ ପାଇଁ ଅନୁରୋଧ କରିଅଛନ୍ତି ।

# ୩ ବାଲି ଗାଡି ଜବତ

ସୋର, (ସବ୍ୟୁ): ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ବାଲି ବୋଝେଇ ହାଇଓ୍ୱା ଏବଂ ଖଣି ବିଭାଗ ତରଫରୁ ଏକ ବାଲି ବୋଝେଇ ହାଇଓ୍ୱା ଜବତ କରାଯାଇଛି । ସୂଚନା ଅନୁସାରେ ମଙ୍ଗଳବାର ସକାଳ ସମୟରେ ସୋର ତହସିଲଦାର ଦୈତାରି ମଲ୍ଲିକ ଏକ ଟିମ ସହ କଲେଜ ଛକ ନିକଟରେ ଚଢ଼ାଉ କରିଥିଲେ । ଏହି ସମୟରେ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ଗାଡିର କାଗଜପତ୍ର ଯାଞ୍ଚ କରିବା ବେଳେ ଦୁଇଟି ଗାଡିର କାଗଜପତ୍ର ନଥାଇ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଜାଣିବାକୁ ପାଇ ଗାଡ଼ିକି ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିବା ସହିତ ତହସିଲ ପରିସରରେ ରଖାଯାଇଥିବା ଜଣାପଡିଛି ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗୀୟା ଶୈବାଳିନୀ ଦେବୀ
ସ୍ୱାମୀ ସ୍ୱର୍ଗୀୟ ଡାକ୍ତର ରାମକୃଷ୍ଣ ସାମନ୍ତରାୟ
ଗୁରୁଜଙ୍ଗ, ଖୋରଧା
ଧରାବତରଣ : ୩୦.୧୨.୧୯୨୭
ତିରୋଧାନ : ୭.୮.୧୯୫୭

ଅଦ୍ୟ ଶ୍ରାବଣମାସ ପବିତ୍ର ଦ୍ୱାଦଶୀତିଥି ବୁଧବାର ତା.୦୬.୦୮.୨୦୨୫ ରିଖରେ ତୋର ୬୮ ତମ ଶ୍ରାଦ୍ଧଦିବସ । ଏହି ଅବସରରେ ତୋର ଆରାଧ ଦେବତା ଗୁରୁଜଙ୍ଗ ଗ୍ରାମେ ବିଜେ ପ୍ରଭୁ ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ଠାରେ ମୁଁ ପ୍ରାର୍ଥନା କରୁଛି ତୋର ଅମରଆତ୍ମା ଚିରଶାନ୍ତିଲାଭ କରୁ । ମୁଁ ଏହି ପବିତ୍ର ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ତୋତେ ଜ୍ଞାପନ କରୁଛି ।

ତୋର ଜ୍ୟେଷ୍ଠ ପୁତ୍ର
ରାଧାକୃଷ୍ଣ (ରାଧୁଆ)

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NABARANGPUR**

**Tender Call Notice No. 7851 Date : 06.08.2025**

**Outsourcing of Selection of agency for Techno managerial services for ZSS NHM, Nabarangpur**

E-292 : Sealed tenders are invited from eligible Bidders for selection of agency to undertake paramedics, Nursing & other Techno Managerial Services at Govt. Health Institutions. The Request for proposal (RFP) is available at **www.nabarangpur.odihsa.gov.in** the website. The interested bidders can download the RFP from district website and submit the proposal by 29.08.2025, 5.30p.m by speed/Register post. The undersigned reserves the right to reject any or all the tender without assigning any reason thereof.

Sd/- CDM&PHO CUM District Mission Director, Nabarangpur
OIPR : 10164/11/0007/2526

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated. 04.08.2025. I, SRUTIMAYEE SWAIN of Village-Oranal, Po-Nimol, Ps-Erasama, Dist-Jagatsinghpur declare that I have changed my name from SMRUTIMAYEE SWAIN to SRUTIMAYEE SWAIN. Henceforth I shall be known as SRUTIMAYEE SWAIN for all pruposes.

Srutimayee Swain
(New Name)

**କର୍ଣ୍ଣାଟକ ବ୍ୟାଙ୍କ ଲିଃ.**
ଭାରତରେ ସର୍ବତ୍ର ଆପଣଙ୍କ ପରିବାର ବ୍ୟାଙ୍କ
ଭୁବନେଶ୍ୱର ଶାଖା, ପ୍ଲଟ୍ ନଂ.: ୬୯୮, ଶହୀଦ ନଗର, ବିଏମ୍‌ସି ଭବାନୀ ମଲ ବିପରୀତ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୭, ଫୋନ: ୦୬୭୪ - ୨୫୪୪୩୩୭, ୨୫୪୦୧୭୪, ୨୫୪୬୬୭୪, ଇ-ମେଲ: bhubaneswar@ktkbank.com, ୱେବସାଇଟ: www.karnatakabank.com, CIN: L85110KA1924PLC001128

**ଲକର୍ ଭଙ୍ଗା ସର୍ବସାଧାରଣ ନୋଟିସ୍**

ଏତଦ୍ୱାରା ନିମ୍ନବର୍ଣ୍ଣିତ ଲକରଧାରୀମାନଙ୍କୁ ଜଣାଇ ଦିଆଯାଉଛି କି, ଆମେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ମଧ୍ୟ ସେମାନେ ୩ବର୍ଷରୁ ଅଧିକ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି । ତେଣୁ ଲକରଧାରୀମାନଙ୍କୁ ଅବଗତ କରାଇ ଦିଆଯାଉଛି କି, ଯଦି ସେମାନେ ତା.୨୦.୦୮.୨୦୨୫ରିଖ ପୂର୍ବରୁ ଲକର ଭଡା ପୈଠ ନକରନ୍ତି ତେବେ ବ୍ୟାଙ୍କ ନିମ୍ନବର୍ଣ୍ଣିତ ତାରିଖରେ ବ୍ୟାଙ୍କର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଅପରାହ୍ନ ୩.୦୦ ଘଟିକାରେ ଲକର ଭାଙ୍ଗିବାକୁ ବାଧ ହେବ । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ, କୌଣସି ପରବର୍ତ୍ତୀ ନୋଟିସ ନଦେଇ କୌଣସି ସୁବିଧାଜନକ ତାରିଖରେ ଲକର ଭାଙ୍ଗି ଖୋଲିବାକୁ ପ୍ରକ୍ରିୟାକୁ ସ୍ଥଗିତ/ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛି ।

| କ୍ର.ସଂ | ଲକର ନଂ. | ଲକରଧାରୀଙ୍କ ନାମ | ବାକି ଥିବା ଲକର ଭଡା | ଲକର ଖୋଲିବା ସ୍ଥାନ |
|---|---|---|---|---|
| ୧ | ଏସ୍୧-୪ | ସଞ୍ଜିବ ଭଗତ | ଟ. ୫୦୭୪/- | ପ୍ଲଟ୍ ନଂ.: ୬୯୮, ଶହୀଦ ନଗର, ବିଏମ୍‌ସି ଭବାନୀ ମଲ ବିପରୀତ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୭ |
| ୨ | ଏସ୍୧-୫୦ | ଇନ୍‌ଫରମେସନ ଟେକ୍ନୋଲୋଜୀ ଆସୋସିଏସନ୍ | ଟ. ୪୩୦୭/- | |
| ୩ | ଏସ୍୧-୬୫ | ଦୁର୍ଗା ମାଧବ ପାତ୍ର | ଟ. ୪୩୦୭/- | |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୫.୦୮.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**ଦ.ପୂ. ରେଳପଥ-ଟେଣ୍ଡର**

ଆଇଆରଇପିଏସ ଟେଣ୍ଡର ନଂ. : ଟିଆରଏସ-ଆରଉ୍ୟୁ-୦୨-୨୦୨୫-୨୬, ତାରିଖ : ୦୨.୦୮.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର, ଇଲେକ୍ଟ୍ରିକ ଲୋକୋ ସେଡ୍, ରାଉରକେଲା, ଦକ୍ଷିଣ ପୂର୍ବ ରେଳପଥ ନିମ୍ନ ସୂଚିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ବିବରଣୀ : ଇଏଲଏସ/ରାଉରକେଲାଠାରେ ୦୨ ବର୍ଷ ଅବଧି ପାଇଁ ୩ ପର୍ଯ୍ୟାୟ ଲୋକ ମୋଟିଭସ୍‌ର ମାଇନର ଯାଞ୍ଚ ଓ ବୃହତ ଅନୁସୂଚୀ ସକାଶେ ଗ୍ରୁପ ମାଉଣ୍ଟ ସିଏଚି ଏସି ୟୁନିଟ୍‌ର ମରାମତି ଓ ରକ୍ଷଣାବେକ୍ଷଣ । କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୫୯,୬୬,୫୨୫.୦୧, ଅମାନତ ଅର୍ଥ : ଟ. ୧,୧୯,୩୦୦/- । ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୨୬.୦୮.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଟିକା । ୱେବସାଇଟ୍ ବିବରଣୀ ଓ ସବିଶେଷ ତଥ୍ୟ : http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଉପର ସୂଚିତ ୱେବସାଇଟ୍‌ରେ ଉପଲବ୍ଧ ହେବ । (PR-479)

**IDBI BANK** ଚନ୍ଦ୍ରଶେଖରପୁର ଶାଖା (୧୧୬୦), ଭୁବନେଶ୍ୱର, ପିନ୍-୭୫୧୦୧୬

**ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଇଛି । ଆଇଡିବିଆଇ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା (୧୧୬୦) ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୦୮.୦୮.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଆରମ୍ଭ କରାଯିବ ।

| ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାଗୁଡିକର ବିବରଣୀ | ନେଟ୍ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧୧୬୦୬୭୧୧୦୦୦୦୧୭୯୪୯ / ବବି କର, ପିତା: ନିରଞ୍ଜନ କର, ଠିକଣା-୧: ପ୍ଲଟ୍ ନଂ.: ଏମ୍‌ଆଇଜି-ଏସ୍୯, ପ୍ରଗତୀ ଏନ୍‌କ୍ଲେଭ, ଆଚାର୍ଯ୍ୟ ହରିହର କଲେଜ୍ ନିକଟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୧୬ ଠିକଣା-୨: ପ୍ଲଟ୍ ନଂ.: ୨୧୧, ଫେଜ୍-୨, ପ୍ରାଚୀ ଏନ୍‌କ୍ଲେଭ, ଚନ୍ଦ୍ରଶେଖରପୁର, ଖୋର୍ଦ୍ଧା, ଭୁବନେଶ୍ୱର - ୭୫୧୦୧୬ | କ) ଲକେଟ୍ - ୦୭ ଟି ଖ) ଚେନ୍ ସହିତ ଲକେଟ୍ (ବିଡ୍ ସହିତ) - ୦୧ ଟି | କ) ୩.୦୦ ଖ) ୧୧.୦୦ | କ) ଟ.୨୭,୦୦୦/- ଖ) ଟ.୯୯,୦୦୦/- | କ) ଟ.୨,୭୦୦/- ଖ) ଟ.୯,୯୦୦/- |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ ଯାହାର କପି (ନକଲ) ଚନ୍ଦ୍ରଶେଖରପୁର ଶାଖା (୧୧୬୦) କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୦୬.୦୮.୨୦୨୫ ରିଖ ଏବଂ ତା.୦୭.୦୮.୨୦୨୫ ରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ । ନିଲାମରେ ଅଂଶଗ୍ରହଣ କରୁଥିବା ବିଡରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୭.୦୮.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୫.୦୮.୨୦୨୫ ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲି.

**GOVERNMENT OF ODISHA : OFFICE OF THE CONSTRUCTION ENGINEER RURAL WORKS CIRCLE : SUNDARGARH**
AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online - RWCCESNG - 06 of 2025-26, Letter No. 1884 / Dtd. 30.07.2025

O-525

**e-Procurement NOTICE**

1. Type of the Work : Building (PHC Building)
2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of Seeking Tender Clarification | Date & Time of openign of tender: Technical Bid | Date & Time of openign of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-06 of 2025-26 | 12.08.2025 11.00 AM | 25.08.2025 5.00 PM | 22.08.2025 5.00 PM | 26.08.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

OIPR : 25133/11/0056/2526
Sd/- Chief Construction Engineer
Burla Works Circle, Sundargarh

**ଦସ୍ତାବିଜ ହଜିଛି**

ମୁଁ ସୁଶାନ୍ତ ପ୍ରଧାନ, ବାପା- ସ୍ୱର୍ଗତ ବେଲାଳ ପ୍ରଧାନ, ଭାଟକୁମରଡା (ମେନ୍ ରୋଡ୍), ଥାନା- ପୁରୁଷୋତ୍ତମପୁର, ଜିଲ୍ଲା-ଗଞ୍ଜାମ, ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଉଛି ଯେ, ପୁରୁଷୋତ୍ତମପୁର ସବ୍-ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରଦତ୍ତ SALE DEED No ଯାହାର ନମ୍ବର ୧୦୫୧/୨୦୧୦ ଏବଂ ତାରିଖ ୨୪/୦୭/୨୦୨୫ରେ ମୁଁ ବାଇକ୍ ଯୋଗେ ପୁରୁଷୋତ୍ତମପୁର ପରିବା ବଜାରକୁ ଯାଇଥିଲି । ଘରକୁ ଫେରିବା ବାଟରେ କେଉଁଠାରେ ପଡିଯାଇଛି । ବହୁ ଖୋଜାଖୋଜି ସତ୍ତ୍ୱେ ତାହା ନମିଳିବାରୁ ପୁରୁଷୋତ୍ତମପୁର ପୋଲିସ ଥାନାରେ GD ନମ୍ବର ୨୨/୨୫ ପ୍ରକାରେ ଅବଗତ କରାଇଛି । ତେଣୁ ଯଦି କୌଣସି ସହୃଦୟ ବ୍ୟକ୍ତି ତାହା ପାଇଥାନ୍ତି, ତେବେ ମୋତେ ୬୩୭୦୨୮୬୫୭୫ ନମ୍ବରରେ କିମ୍ବା ନିକଟସ୍ଥ ପୋଲିସ ଥାନାରେ ଜଣାଇବା ପାଇଁ ଅନୁରୋଧ ।

ସୁଶାନ୍ତ ପ୍ରଧାନ

**OFFICE OF THE CHILD DEVELOPMENT PROJECT OFFICER, TELKOI, KEONJHAR**
E-mail :telkoiicds@gmail.com

g-77

**NOTICE**
No. 1830/ Dt. 04.08.2025

Child Development Project Officer Telkoi, Keonjhar Invites Quotations in sealed cover from the intending Agencies/Registered Firms/ Co-Operative Societies for wall paintings Anganwadi Centers under this I.C.D.S. Project The quotation should be subscribed "Quotation for wall painting at AWC level & Pusti Kantha at village level under ICDS Project Office,Telkoi."

The details of Quotations are available with the Child Development Project Office, Telkoi. The same can be downloaded from the District Website https://kendujhar.odisha.gov.in. The Quotations complete in all respect along with all required documents in sealed covers should be dropped in tender box of this office or send through registered post and should reach to this office by 5.30 P.M. of dt. 19.08.2024 in a sealed envelope clearly mention on the top of it "QUOTATION FOR WALL PAINTINGS AT AWC LEVEL & PUSTI KANTHA AT VILLAGE LEVEL UNDER I.C.D.S.PROJECT OFFICE, TELKOI". The same will be opened on 25.08.2025 at 3.00 P.M. in the Office Chamber of BDO, Telkoi. Keonjhar in presence of the Quotationers or their authorized Agents along with the Samples of the Quoted paintings mentioned in the quotation paper. Quotations received beyond the scheduled date and time shall not be taken in to consideration. After approval of tender by the Purchase Committee, the sample of the paintings will be handed over to the C.D.P.O. Telkoi for subsequent verification. The Quotationers or their authorized agents/ representatives are requested to remain present at 03 P.M. on dt. 25.08.2024 at the time of opening of the Tender Box in the chamber of BDO Telkoi.

The Child Development Project Officer, Telkoi reserves all the rights to reject/cancel any or all the Quotations without assigning any reasons thereof and shall bear no liability what so ever consequent upon such decision.

The specification/colour etc. of the paintings and Terms and Conditions can be obtained from the office of the undersigned on any working day from dt. 05.08.2025 to 19.08.2025. upto 5.30 P.M.

The paintings should be completed within 2 months of receipt of order.

OIPR : 33068/11/0001/2526
Sd/- Child Development Project Officer, Telkoi

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ବ୍ରୋଞ୍ଜ ବିଜେତା ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଶ୍ୱେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): ଚୀନରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ ବ୍ରୋଞ୍ଜ ମେଡାଲ ଜିତି ଦେଶ ପାଇଁ ଗୌରବ ଆଣିଥିବା ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଧିତ କରିଛନ୍ତି। କେନ୍ଦୁଝରର ଷ୍ଟାଡିୟମରେ ଅନୁଷ୍ଠିତ ସାହାଣୀ କପ୍ ଫାଇନାଲ ମ୍ୟାଚ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ୱେତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁସି ବ୍ୟକ୍ତ କରିବା ସହ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅଟିଏ ବିଶ୍ୱସ୍ତରରେ ସଫଳତା ଅର୍ଜନ କରିବା ନିଶ୍ଚିତ ଭାବେ ଜିଲ୍ଲାବାସୀଙ୍କ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି।

ଏହି ସମ୍ବର୍ଦ୍ଧନା ପାଇବା ପରେ ଶ୍ୱେତା ଆନନ୍ଦିତ ହେବା ସହ ଜିନ୍ଦଲ ଫାଉଣ୍ଡେସନ ଓ ଏହାର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଏହି ସଫଳତା



ପଛରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଅବଦାନ ପାଇଁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି।

ଏହି ସଫଳତାରେ ଶ୍ରୀମତୀ ଜିନ୍ଦଲ ଖୁସି ପ୍ରକାଶ କରିବା ସହ କହିଛନ୍ତି, "ଏସୀୟ ଜୁନିୟର ଉସୁ ଚାମ୍ପିଅନସିପରେ ଶ୍ୱେତାଙ୍କ ସଫଳତା ପାଇଁ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ତାଙ୍କ ସଫଳତାରେ ଆମ ସ୍ପୋର୍ଟସ ହଷ୍ଟେଲର ଉଦ୍ୟମ ଓ ଗ୍ରାମୀଣ ଆଦିବାସୀ ପ୍ରତିଭାଙ୍କ ଦକ୍ଷତା ପ୍ରତିଫଳିତ ହେଉଛି। ତାଲିମ, ଶିକ୍ଷା ଓ ସୁଯୋଗ ପ୍ରଦାନ ଦ୍ୱାରା ଯୁବ କ୍ରୀଡ଼ାବିତଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିନ୍ଦଲ ଫାଉଣ୍ଡେସନ ସର୍ବଦା ପ୍ରତିଶ୍ରୁତିବଦ୍ଧ"। ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ ଶ୍ୱେତାରାଣୀ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ଚୀନ, ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମୁଦାୟ ୧୦ଟି ମେଡାଲ ଜିତିଛନ୍ତି। ଏହି ମେଡାଲ ଶ୍ୱେତାରାଣୀଙ୍କର ଚତୁର୍ଥ ଅନ୍ତର୍ଜାତୀୟ ମେଡାଲ।

ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ ମୁଖ୍ୟ(ସିଏସଆର) ପ୍ରଶାନ୍ତ ହୋତା କହିଛନ୍ତି, "ଜଣେ ସମର୍ପିତ କ୍ରୀଡ଼ାପ୍ରେମୀ ତଥା ଆମ ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟି ଆଧାରରେ ଏବଂ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ, ଜିନ୍ଦଲ ଫାଉଣ୍ଡେସନ ତୃଣମୂଳସ୍ତରରେ କ୍ରୀଡ଼ାବିତଙ୍କୁ ଭବିଷ୍ୟତରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଅଲିମ୍ପିକ ପାଇଁ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ କେନ୍ଦୁଝରର ଆଦିବାସୀ ପ୍ରତିଭାମାନେ ଦେଶକୁ ଗର୍ବିତ କରୁଥିବାରୁ ଆମେ ବହୁତ ଖୁସି। ଏହାସହିତ କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶାର ସମସ୍ତ ସାହାଯ୍ୟ ଓ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ"। ଫାଉଣ୍ଡେସନ ପକ୍ଷରୁ ଦେଶର ୪୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ହକି, ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି

# ପ୍ରଫୁଲ୍ଲ ସିଂହ କଟକ ଜିଲ୍ଲା ବିଜେଡି ସଭାପତି, ଆଗରେ ବହୁତ ଚାଲେଞ୍ଜ

କଟକ, (ସ୍ୱପ୍ର) : ପୂର୍ବତନ କଟକ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି । ରେଭେନ୍ସା ଛାତ୍ର ରାଜନୀତିରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ପ୍ରଫୁଲ୍ଲ ସିଂହଙ୍କୁ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ତାଙ୍କ ପାଇଁ ଚାଲେଞ୍ଜ ସଦୃଶ୍ୟ ହୋଇଛି । କଟକ ଜିଲ୍ଲାର ୯ ବିଧାନସଭା କ୍ଷେତ୍ରରୁ ଗତ ନିର୍ବାଚନରେ ଦଳ ହାତରୁ ୫ଟି ବିଧାନସଭା ଓ ଲୋକସଭା ଆସନ ଚାଲିଯାଇଛି । ବିରୋଧି ଆସନରେ ବସି ବିଜୁ ଜନତାଦଳ ଏବେ ରାଜ୍ୟରେ ସାଙ୍ଗଠନିକ ସ୍ଥିତି ଦ୍ୱରାନିତ୍ୱ କରୁଥିବା ବେଳେ କଟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ସଭାପତି ଦାୟିତ୍ୱ ପ୍ରଫୁଲ୍ଲଙ୍କ ଉପରେ ନ୍ୟସ୍ତ କରିଛି । ଦଳ



ଯେଉଁ ଭରସା କରିଛି ତାକୁ ସେ କେତେଦୂର ସଫଳତାର ସହ ମୁକାବିଲା କରି ଦଳକୁ ଆଗକୁ ନେବେ ତାହା ବର୍ତ୍ତମାନ ପ୍ରଫୁଲଙ୍କ ପାଇଁ ଚାଲେଞ୍ଜ ହୋଇଛି । ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ । ତେଣୁ ରାଜ୍ୟରେ ଦୀର୍ଘ ୨୪ ବର୍ଷ ଧରି ଶାସନଭାର ସମ୍ଭାଳିଥିବା ବିଜେଡି କଟକ ଜିଲ୍ଲାରେ ତାର ସାଙ୍ଗଠନିକ ସ୍ଥିତି ମଜଭୁତ କରି ୮ ବିଧାନସଭା, ଲୋକସଭା ସହିତ ୯୦ ପ୍ରତିଶତ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଜିତାଇ ନିଜର ଦୃଢ ସାଙ୍ଗଠନିକ ସ୍ଥିତିର ପ୍ରମାଣ ଦେଇ ସାରିଛି । ହେଲେ ଏବେ ପରିସ୍ଥିତ ପୁରା ବଦଳି ଯାଇଛି । ବିଜେପି ହାତରେ ଏବେ ରାଜ୍ୟ ଶାସନ ଦାୟିତ୍ୱ । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ପ୍ରଫୁଲ୍ଲ ସିଂହଙ୍କୁ ଦଳ ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ଯେଉଁ ଚାଲେଞ୍ଜ ଛିଡା କରିଛି ତାକୁ ସେ କେତେଦୁର ସଫଳତାର ସହିତ ସମ୍ପନ୍ନ କରିବେ ତାହା ତାଙ୍କ ପାଇଁ ଏସିଡ ଟେଷ୍ଟ ସଦୃଶ୍ୟ ହୋଇଛି ।

# ଏସସିବିରେ ବନ୍ଦଥିବା ଯକୃତ ଓ ଅସ୍ଥିମଜ୍ଜା ପ୍ରତ୍ୟାରୋପଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି

କଟକ, (ସବ୍ୟୁ) ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଯକୃତ ପ୍ରତ୍ୟାରୋପଣ ଓ ଅସ୍ଥିମଜ୍ଜା ପ୍ରତ୍ୟାରୋପଣ କାର୍ଯ୍ୟ ବନ୍ଦ ହୋଇଥିବାରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ଦାବି କରିଛି। ମଞ୍ଚର ପ୍ରତିଷ୍ଠାତା ସଭାପତି ଆଡ୍‌ଭୋକେଟ୍ ଅମୀୟ ଭୂଷଣ ବିଶ୍ୱାଳ ଙ୍କ ନେତୃତ୍ୱରେ ଏକ ଦଳ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର. ଡା. ଗୌତମ କୁମାର ଶତପଥୀ ଓ ରେଜିଷ୍ଟ୍ରାର ପ୍ରଶାସକ ସୁବାସ ଚନ୍ଦ୍ର ରାୟ ଙ୍କ ସହ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ଆଲୋଚନା ପରେ ସରକାର ଉଭୟ ବିଭାଗକୁ ପୁନଃ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି । ସବୁ ବ୍ୟବସ୍ଥା ସତ୍ତ୍ୱେ ତାଲିମପ୍ରାପ୍ତ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପାଇଁ ଦୁଇଟିଯାକ ବିଭାଗ ବନ୍ଦ ରହିଥିବା ସ୍ପଷ୍ଟ ହୋଇଛି ।ତୁରନ୍ତ ଖାଲିପଡିଥିବା ପଦବୀ ଗୁଡିକ ପୂରଣ କରିବା ସହିତ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ଡାକ୍ତର ଙ୍କୁ କିମ୍ବା ବାହାରୁ ଚିକିତ୍ସକ ଦଳକୁ ନିଯୁକ୍ତି ଦେଲେ ଏହି ସମସ୍ୟା ଦୂର କରାଯାଇପାରିବ ବୋଲି ମଞ୍ଚ ମତବ୍ୟକ୍ତ କରିଛି । ଏଥିସହିତ ସରକାର ଏସ୍‌ସିବି ରେ ତୁରନ୍ତ ହୃଦ୍‌ରୋପଣ କାର୍ଯ୍ୟ ଆରମ୍ଭ କରିବାକୁ ମଞ୍ଚ ଦାବି କରିଛି । ଏହି ଦାବିପତ୍ର ଓ ବିଚାର ଆଲୋଚନାରେ ମଞ୍ଚର ସଭାପତି ଆଡ୍‌ଭୋକେଟ୍ ଅମୀୟ ଭୂଷଣ ବିଶ୍ୱାଳ ଙ୍କ ସହିତ ସଂପାଦକ ଆଇନଜୀବି କମଳାକାନ୍ତ ମହାନ୍ତି, କର୍ମକର୍ତ୍ତା ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ସଭ୍ୟ ବୃନ୍ଦାବନ ଦାସ ଆଜାଦ୍, ଆଇନଜୀବି ଚିତ୍ତ ରଂଜନ ମହାନ୍ତି, ମଳୟ କୁମାର ଷଡଙ୍ଗୀ, ପ୍ରଦୀପ କୁମାର ପଣ୍ଡା, ଇଂ ଅନ୍ୱୟ ଅଭିନବ, ସୁଶ୍ରୀ ସୂର୍ଯ୍ୟସ୍ନାତା ଓ ଲିସା ମହାରଣା ପ୍ରମୁଖ ଯୋଗଦେଇଥିଲେ ।

# ଜଗତସିଂହପୁର ଶିଶୁ ମଙ୍ଗଳ ସମିତିର ବେଆଇନ ଓ ଭ୍ରମାତ୍ମକ ଆଦେଶକୁ ବିରୋଧ

ଭୁବନେଶ୍ୱର, (ସବ୍ୟୁ) : ଗତ ଅଗଷ୍ଟ ୨ ତାରିଖ ଦିନ ରୁଚିକାର ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହେବା ପରେ ଜଗତସିଂହପୁର ଶିଶୁ ମଙ୍ଗଳ ସମିତିର ସଦସ୍ୟ ବିବେକାନନ୍ଦ ବଳଙ୍କୁ ଗିରଫ କରାଯାଇଥିଲା । ଅଗଷ୍ଟ ୩ ତାରିଖ ଦିନ ସମିତିର ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଜଗତସିଂହପୁର ଶିଶୁ ମଙ୍ଗଳ ସମିତି ବାଲ୍ୟବିବାହ ରୋକିବା ବା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ସିଡବ୍ଲୁ୍ୟସି କୌଣସି ବ୍ୟକ୍ତି ବା ସଙ୍ଗଠନକୁ ଅଧିକୃତ କରିନଥିବା କହି ସେମାନଙ୍କୁ ପୋଲିସ କର୍ତ୍ତୃପକ୍ଷ ଓ ବାଲ୍ୟବିବାହ ବିରୋଧ ଅଧିକାରୀ ସାହାଯ୍ୟ କରିବେ ନାହିଁ ବୋଲି ଏକ ନିର୍ଦ୍ଦେଶନାମା ତାଙ୍କ ଚିଠି ସଂଖ୍ୟା ୬୪୮ରେ ଜାରି କରାଯାଇଛି । ଏହି ନିର୍ଦ୍ଦେଶନାମା ଏକ ବେଆଇନ ଓ ଭ୍ରମାତ୍ମକ ଅନଅଧିକାର ନିର୍ଦ୍ଦେଶନାମା ବୋଲି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ବେଣୁଧର ସେନାପତି ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ମର୍ମରେ ସେ ସିଡବ୍ଲ୍ୟୁସିର ଭ୍ରମାତ୍ମକ ତଥା ବେଆଇନ ନିର୍ଦ୍ଦେଶନାମାକୁ ରଦ୍ଦ କରିବା ପାଇଁ ଜଗତସିଂହପୁର ଜିଲ୍ଲା ଜିଲ୍ଲାପାଳ, ଆରକ୍ଷୀ ଅଧିକକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷାଙ୍କୁ ନିବେଦନ କରିଛନ୍ତି ।

ସେ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି ଯେ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଯେଭଳି ଭାରତ ପାର୍ଲାମେଣ୍ଟର ଏକ ଆଇନ ଅନୁସାରେ ସୃଷ୍ଟି ହୋଇଛି । ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ମଧ୍ୟ ସେହିଭଳି ପାର୍ଲାମେଣ୍ଟର ଆଇନ ଅନୁସାରେ ସୃଷ୍ଟି ହୋଇଛନ୍ତି । ତେଣୁ ସିଡବ୍ଲ୍ୟୁସି କର୍ତ୍ତୃପକ୍ଷଙ୍କର ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାର ଅଧିକାର ନାହିଁ । ଦେଶର ଆଇନ ଅନୁସାରେ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ସମାଜସେବା କାର୍ଯ୍ୟ ଯେକୌଣସି ସ୍ଥାନରେ କରିପାରିବେ । କିଶୋର ନ୍ୟାୟ ଆଇନର ଧାରା ୨୯ ଓ ୩୦ରେ ଉଲ୍ଲେଖ ଥିବା କ୍ଷମତା ଓ କାର୍ଯ୍ୟ ବ୍ୟତୀତ ସିଡବ୍ଲ୍ୟୁସି ଅନ୍ୟ କୌଣସି କାର୍ଯ୍ୟ କରିବାର ଅଧିକାର ନାହିଁ । ଏହି ଆଇନର ଧାରା ୩୧ ଓ ୩୨ ଅନୁସାରେ ଯେକୌଣସି ବ୍ୟକ୍ତି, ସ୍ୱେଚ୍ଛାସେବୀ ସଂଗଠନ, ସରକାର କର୍ମଚାରୀ, ପୋଲିସ, ଚାଇଲ୍ଡ ହେଲ୍ପ ଲାଇନ ଯଦି କୌଣସି ଯତ୍ନ ଓ ସୁରକ୍ଷା ଆବଶ୍ୟକ ପଡୁଥିବା ଶିଶୁଙ୍କୁ ପାଆନ୍ତି ତେବେ ସେମାନେ ଆଣି ଶିଶୁ ମଙ୍ଗଳ ସମିତିରେ ୨୪ଘଣ୍ଟା ମଧ୍ୟରେ ହାଜର କରାଇବେ । ଶିଶୁ ମଙ୍ଗଳ ସମିତି ଶିଶୁଟିଙ୍କୁ ତୁରନ୍ତ ଗ୍ରହଣ କରି ତା'ବିଷୟରେ ଅନୁସନ୍ଧାନ କରି ସୁରକ୍ଷା ଓ ଥଇଥାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ । ଅନୁସନ୍ଧାନ ପରେ ଶିଶୁଟିଙ୍କୁ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ବୋଲି ଘୋଷଣା କରିବାକୁ କେବଳ ଶିଶୁ ମଙ୍ଗଳ ସମିତିକୁ ଅଧିକାର ଦିଆଯାଇଛି । ଏହି ଆଇନର ଧାରା ୨(୧୪) ଅନୁସାରେ ୧୮ ବର୍ଷରୁ କମ୍ ସମସ୍ତ ଶିଶୁ ଶ୍ରମିକ ଓ ବାଲ୍ୟବିବାହ ପାଇଁ ଯାଉଥିବା ସମସ୍ତ ଶିଶୁ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଭାବେ ପରିଗଣିତ ହେବେ ।

## ହତ୍ୟାକାଣ୍ଡରେ ସମ୍ପୃକ୍ତ ସୁଲେମାନ ସହଯୋଗୀ ଗିରଫ

ଆଠଗଡ଼, (ସବ୍ୟୁ) : ହତ୍ୟାକାଣ୍ଡରେ ସମ୍ପୃକ୍ତ ସୁଲେମାନ ସହଯୋଗୀଙ୍କୁ ଗିରଫ କରିଛି ଆଠଗଡ଼ ପୋଲିସ ।୨୦୦୯ ମସିହା କେନ୍ଦ୍ରାପଡ଼ାରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସୁଲେମାନ ସହଯୋଗୀ ଶ୍ରୀନିବାସ ଦାସ ଦୀର୍ଘ ଦିନ ଧରି ଫେରାର ଥିଲା । ଏବିଷୟରେ କେନ୍ଦ୍ରାପଡା ଥାନା ପକ୍ଷରୁ ଆଠଗଡ଼ ଥାନାକୁ ଅବଗତ କରାଯାଇଥିଲା । ଆଠଗଡ଼ ପୋଲିସ ଢେଙ୍କାନାଳ ପୋଲିସ ସହାୟତାରେ ଢେଙ୍କାନାଳ ବାଲିମି ଥାନା ଅଞ୍ଚଳରୁ ଗିରଫ କରିଛି । ଶ୍ରୀନିବାସ ଙ୍କର ଆଠଗଡ଼ ଥାନାରେ ଏକାଧିକ ମାମଲା ରହିଛି । ଆଠଗଡ଼ ଥାନା ଅର୍ନ୍ତଗତ ବଡ଼ ଭୂଇଁ ଗ୍ରାମର ଶ୍ରୀନିବାସ ଦାସ ( ଭିମ) କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଠଗଡ଼ ଥାନା ଅଧିକାରୀଣି ସୁମନ୍ତି ମହାନ୍ତି ସୂଚନା ଦେଇଛନ୍ତି ।

## ବିରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟ ପରିସରରେ

# ତମାଖୁ ଦ୍ରବ୍ୟ ବ୍ୟବହାରକୁ ନେଇ ସଚେତନତା ସଭା

କଟକ (ସବ୍ୟୁ)କଟକ ସ୍ଥିତ ବିରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟ ପରିସରରେ ନିଶା ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ" ନିଶାମୁକ୍ତି ସମାଜ ଏକ ଲକ୍ଷ୍ୟ" ଅନୁଷ୍ଠିତ ହୋଇଥିଲା ।ମହାବିଦ୍ୟାଳୟର +୩ ଏନ୍ ଏସ୍ ଏସ୍ ( ଜାତୀୟ ସେବା ସଂଗଠନ)ର ସଂଯୋଜିକା କେ ବର୍ଷାରାଣୀ ମୁର୍ମୁଙ୍କ ଦ୍ୱାରା ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରହ୍ଲାଦ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିବା ସହିତ ସୁଚାରୁ ରୂପେ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚୌଦ୍ୱାର କଲେଜର ବାଣିଜ୍ୟ ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ ପ୍ରଭାକର ମିଶ୍ର ନିଶା ନିବାରଣ ନିମନ୍ତେ ଛାତ୍ରୀମାନଙ୍କୁ ସଚେତନ କରାଇବା ସହିତ ଏଥିନିମନ୍ତେ କାର୍ଯ୍ୟକ୍ଷମ ଥିବା ବିଭିନ୍ନ ଆଇନ ବିଷୟରେ( ଏନ୍‌ସିଓଆରଡି, ସିଓଟିପିଏ, ଏନ୍‌ଡିପିଏସ୍) ଅବଗତ କରାଇଥିଲେ। ତମାଖୁ



ସେବନ କେବଳ ଯେ ଏକ ବ୍ୟକ୍ତିଗତ ସମସ୍ୟା ତାହା ନୁହେଁ—ବରଂ ଏହା ଏକ ସାମାଜିକ ବ୍ୟାଧି। ଏହା ପରିବାର ଭାଙ୍ଗିଦିଏ, କ୍ୟାରିଅର ଧ୍ୱଂସ କରେ ଓ ଜୀବନକୁ ଅନ୍ଧକାର ଆଡକୁ ନେଇଯାଏ ,ତେଣୁ ଏହା ସହିତ ଲଢ଼ିବାର ସର୍ବୋତ୍ତମ ଉପାୟ ହେଉଛି ସଚେତନତା, ସତର୍କତା ଓ ସମୟୋପଯୋଗୀ ହସ୍ତକ୍ଷେପ ବୋଲି ଶ୍ରୀ ମିଶ୍ର ମନ୍ତବ୍ୟରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଶ୍ୱାଳ ନିଶା କିଭଳି ଯୁବ ସମାଜକୁ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଦୁର୍ବଳ କରିଦିଏ, ସେ ବିଷୟରେ ଉଦାହରଣ ସହ ନିଜସ୍ୱ ଅନୁଭବ ଗୁଡ଼ିକୁ ବଖାଣିଥିଲେ। ଛାତ୍ରଛାତ୍ରୀମାନଙ୍କର ଏହି ସମୟ ହେଉଛି ବଢ଼ିବା, ଶିଖିବା ଓ ସ୍ୱପ୍ନ ଦେଖିବାର ସୁନେଲି ସମୟ। ତେଣୁ ନିଜ ଭବିଷ୍ୟତକୁ ତମାକୁ, ମାଦକ ବା ଅନ୍ୟ କୌଣସି ହାନିକାରକ ଦ୍ରବ୍ୟ ପାଖରେ ବନ୍ଧକ ନ ରଖି ନଷ୍ଟ କରିବାକୁ ନ ଦେବାକୁ ସେ ପରାମର୍ଶ ଦେଇଥିଲେ।ଏହି ସଭାରେ ଉଭୟ +୨ ଓ +୩ ର ଛାତ୍ରୀମାନେ ତଥା କଲେଜର ଅଧ୍ୟାପକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଜିଠୁ ତମାକୁ କୁ ସମସ୍ତେ "ନାଁ" କୁହନ୍ତୁ, ଏହା କେବଳ ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟ ପାଇଁ ଅଭିପ୍ରେତ ନୁହେଁ, ବରଂ ସମଗ୍ର ପରିବାର,ବନ୍ଧୁ ବାନ୍ଧବ, ମିତ୍ର,ସହୋଦର ଓ ସମାଜ ପାଇଁ ମଧ୍ୟ ଏହା ମହତ୍ତ୍ୱପୂର୍ଣ୍ଣ ବୋଲି ସଭାରେ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ଶେଷରେ +୩ ଏନ୍ ଏସ୍ ଏସ୍ ର ସଂଯୋଜିକା ଧନ୍ୟବାଦ ଅର୍ପଣ କରିଥିଲେ।

## ହିମାଳୟ ୱେଲନେସ୍ ନୂଆ ୫-ପାର୍ଟ ଅଫ୍ ନିମ ଫର୍ମୁଲା

# ଭାରତର ୧ ନମ୍ବର ଫେସ୍ ୱାଶ୍ ପୁନଃ ଉଦ୍ଭାବିତ

ଭୁବନେଶ୍ୱର (ସବ୍ୟୁ) ପ୍ରାକୃତିକ ବ୍ୟକ୍ତିଗତ ଯତ୍ନ କ୍ଷେତ୍ରରେ ଅଗ୍ରଣୀ ହିମାଳୟ ୱେଲନେସ୍‌ବ୍ର ଣର ଯତ୍ନ ପଦ୍ଧତିକୁ ଏବେ ପୁନଃଲିଖନ କରିଛି। ବ୍ରଣ-ପ୍ରବଣ ତ୍ୱଚା ନିମନ୍ତେ ରାଷ୍ଟ୍ରର ସମାଧାନ ହେବାର ୨୫ ବର୍ଷ ପରେ ପ୍ରମୁଖ ହିମାଳୟ ପିଯୋରିଫାଙ୍ଗ ନିମ ଫେସ୍ ୱାଶ୍ ସମ୍ପ୍ରତି ପୁନଃପ୍ରସ୍ତୁତ, ପୁନଃପରିକଳ୍ପିତ ଏବଂ ବ୍ରଣ ସୃଷ୍ଟି ଧାରା ଭାଙ୍ଗିବାକୁ ପ୍ରସ୍ତୁତ। ଏବେ ୫-ପାର୍ଟ ଅଫ୍ ନିମ ଫର୍ମୁଲେସନ ସହିତ ଉନ୍ନୀତ ହୋଇଥିବା ବ୍ରାଣ୍ଡର ଅଗ୍ରଣୀ ଫେଓ ୱାଶ୍ ବାରମ୍ବାର ବ୍ରଣ ସୃଷ୍ଟି ହେବାଭଳି ତ୍ୱଚାଯତ୍ନ କ୍ଷେତ୍ରରେ ସର୍ବାଧିକ ବିରକ୍ତିକର ଆହ୍ୱାନଗୁଡିକ ପ୍ରତି ଦୃଷ୍ଟିଦେବାକୁ ଏକ ଦମ୍‌ଦାର ଲଞ୍ଚ ପ୍ରଦାନ କରିଛି। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ହିମାଳୟ ନିମ ଫେସ୍ ୱାଶ୍ ବ୍ରଣ-ପ୍ରବଣ ତ୍ୱଚା ନିମନ୍ତେ ସର୍ବାଧିକ ପସନ୍ଦ ହୋଇ ରହିଆସିଛି। ତେବେ ଅଧିକାଂଶ ଫେସ୍ ୱାଶ୍ ବ୍ରଣ ସୃଷ୍ଟି ହେବାର ଚିକିତ୍ସା ଉପରେ ଦୃଷ୍ଟିନିବଦ୍ଧ କରୁଥିବାବେଳେ ବାରମ୍ବାର ବ୍ରଣ ସୃଷ୍ଟି ହେବା ଏକ ଅସମାହିତ ଚିନ୍ତାର ବିଷୟ ହୋଇଛି- ଯାହାକୁ ଅନେକ ସମୟରେ ଅନିବାର୍ଯ୍ୟ ବୋଲି ଧରିନିଆଯାଉଛି। ନୂଆକରି ଉନ୍ନୀତ କରାଯାଇଥିବା ହିମାଳୟ ନିମ ଫେସ୍ ୱାଶ୍ ସେଥିରେ ପରିବର୍ତ୍ତନ ଆଣିବାକୁ ଡିଜାଇନ କରାଯାଇଛି। ପାକଳ ପତ୍ର, କଅଁଳିଆ ପତ୍ର, ଫୁଲ, ଫଳ ଏବଂ କାଣ୍ଡ ଆଦି ନିମ ବୃକ୍ଷର ଫ।ଇଭ ପାଓ୍ୱରଫୁଲ ପାର୍ଟରେ ସମୃଦ୍ଧ ନୂତନ ଫର୍ମୁଲା ବ୍ରଣ ସୃଷ୍ଟି ହେବାର ଚକ୍ରକୁ ଭାଙ୍ଗିବାରେ ସହାୟକ ହେବା ସହିତ ତାହା ପୁନଃ ସୃଷ୍ଟି ହେବାରୁ ରୋକିଥାଏ।

## ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ

# ସ୍ୱର୍ଗତ ସଂଗ୍ରାମ ଜେନାଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର ସଭାପତି ରଣଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ଜନ୍ମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ପରେ ଶ୍ରଦ୍ଧା ଭୋଜନ କାର୍ଯ୍ୟକ୍ରମ ହୋଇଥିଲା । କଂଗ୍ରେସ ଭବନ ପରିସରରେ ଦରିଦ୍ର ନାରାୟଣ ସେବା କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ଜେନା ଜଣେ ସଂଗ୍ରାମୀ ଯୁବ ନେତା ଥିଲେ ବୋଲି ସ୍ମରଣ କରିଥିଲେ । ସେ ପ୍ରଦେଶ ଯୁବ କଂଗ୍ରେସର ପ୍ରଥମ ନିର୍ବାଚିତ ସଭାପତି । ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓ ଏଆଇସିସି ସଭ୍ୟ ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ।୨୦୧୪ ମସିହାରେ ଭଦ୍ରକ ଲୋକସଭା ଆସନରେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦିତା କରି ୩ ଲକ୍ଷ ୨୨ ହଜାର ୯୯୭ ଖଣ୍ଡ ଭୋଟ ପାଇଥିଲେ । ବିଜେବି କଲେଜ ଏବଂ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଜଣେ ପ୍ରତିଭାବାନ ଛାତ୍ର ନେତା ଭାବରେ ନିଜର



ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, କରୋନା ମହାମାରି ଆମ ନିକଟରୁ ଜଣେ ମହାନ ଯୋଦ୍ଧା ଛଡେଇ ନେଲା । ତାଙ୍କର ମାର୍ଜିତ ଆଚରଣ ଓ ଉଚ୍ଚାରଣ, ସରଳତା ଏବଂ ଦଳ ପ୍ରତି ସମର୍ପଣ ଭାବ ରହିଥିଲା ।ତାଙ୍କ ପରି ଯୁବ ପ୍ରତିଭାର ଅନୁପସ୍ଥିତିକୁ ଦଳ ଉପଲବ୍ଧି କରୁଛି । ସେ ତାଙ୍କର କୃତି ଓ କୀର୍ତ୍ତି ବଳରେ ଆମ ହୃଦୟରେ ବଞ୍ଚି ରହିଛନ୍ତି ।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ତାରା ପ୍ରସାଦ ବାହିନିପତି, ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀ, ଶିବାନନ୍ଦ ରାୟ, ରମେଶ ଜେନା, ସମୀର ରାଉତରାୟ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଜଗନ୍ନାଥ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ବିଶ୍ୱଜିତ ଦାସ, ମନୋଜ ରାଉତ, ଜାନକୀବଲ୍ଲଭ ପଟ୍ଟନାୟକ, ମନୋଜ ଜେନା,ୟାସିର ନଓ୍ୱାଜ, ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆରୋହଣ ଟ୍ରଷ୍ଟ ଓ ଶହୀଦ ଭଗତ ସିଂହ ଯୁବ ପରିଷଦ ପକ୍ଷରୁ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର

ଭୁବନେଶ୍ୱର, (ସବ୍ୟୁ): ଜୟଦେବ ବିହାର, ୱାର୍ଡ ନଂ ୨୭ , ଭୁବନେଶ୍ୱରରେ ଆରୋହଣ ଟ୍ରଷ୍ଟ ଓ ଶହୀଦ ଭଗତ ସିଂହ ଯୁବ ପରିଷଦଙ୍କ ମିଳିତ ଉଦ୍ୟମରେ ଏକ ନି:ଶୁଳ୍କ ଦନ୍ତ ଚିକିତ୍ସା ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ଶିବିରରେ ସ୍ଥାନୀୟ ବାସିନ୍ଦାମାନେ ବୃହତ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଶିବିରକୁ ବହୁ ଗଣମାନ୍ୟ ବ୍ୟକ୍ତି ଉଦ୍ଘାଟନ କରିଥିଲେ ଜିଲ୍ଲା ବିଜେପି ଅଧ୍ୟକ୍ଷ ଶ୍ରୀଯୁକ୍ତ ନିରଞ୍ଜନ ମିଶ୍ର, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର ଓ ପ୍ରଫେସର (ଡ଼.) ସୁଚେତା ପ୍ରିୟବାଦିନୀ ସମସ୍ତ ଅତିଥିମାନେ ଏହି ସୁନ୍ଦର ଉଦ୍ୟମକୁ ସ୍ଥାନୀୟ ମାନବ ସେବା ଓ ସ୍ୱାସ୍ଥ୍ୟ ଜାଗୃତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିବ୍ୟକ୍ତ କରିଥିଲେ। ଏହି ଅବସରରେ ଆରୋହଣ ଟ୍ରଷ୍ଟର





ଅଧ୍ୟକ୍ଷ ଶ୍ରୀ ସ୍ୱପ୍ନେନ୍ଦୁ ମହାନ୍ତି କହିଛନ୍ତି "ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରତ୍ୟେକ ନାଗରିକଙ୍କ ଅଧିକାର। ଆମେ ଆରୋହଣ ଟ୍ରଷ୍ଟ ମାଧ୍ୟମରେ ଏହି ସେବାକୁ ଲୋକଙ୍କ ଦ୍ୱାରକୁ ନେଇଯିବା ପାଇଁ ଉଦ୍ୟମ କରୁଛୁ। ଏହି ଦନ୍ତ ଶିବିର ହେଉଛି ଆଗାମୀ ପିଢ଼ି ପାଇଁ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ପ୍ରବନ୍ଧନର ଏକ ଛୋଟ ଚେଷ୍ଟା। । ମୁଁ ଶହୀଦ ଭଗତ ସିଂହ ଯୁବ ପରିଷଦର ସଦସ୍ୟମାନଙ୍କ ସହଯୋଗ, ନିଷ୍ଠା ଓ ସ୍ୱେଚ୍ଛାସେବା ଭାବକୁ ଅତ୍ୟନ୍ତ ସ୍ନେହ ଓ ସମ୍ମାନର ସହିତ ସ୍ୱାଗତ କରୁଛି ।ଦ୍ଧ ଏହି ଦନ୍ତ ଶିବିରରେ ପ୍ରାୟ ୧୩୫ ଜଣ ରୋଗୀ ନି:ଶୁଳ୍କ ଚିକିତ୍ସା, ଦନ୍ତ ସ୍ୱାସ୍ଥ୍ୟ ଶିକ୍ଷା ଓ ପ୍ରାଥମିକ ଚିକିତ୍ସା ସୁବିଧା ଉପଲବ୍ଧ କରାଇଥିଲେ। ଚିକିତ୍ସା ଦଳରେ ଡକ୍ଟର ସ୍ୱାତୀ ମହାନ୍ତି, ଦନ୍ତ ଚିକିତ୍ସକ ସ୍ୱେଚ୍ଛାରେ ଅଂଶଗ୍ରହଣ କରି ସେବା ପ୍ରଦାନ କରିଥିଲେ। ଏହି ଶିବିରର ସଫଳତା ପଛରେ ଥିଲା ଶହୀଦ ଭଗତ ସିଂହ ଯୁବ ପରିଷଦର ସଦସ୍ୟମାନଙ୍କ ଏକତାବଦ୍ଧ ଉଦ୍ୟମ, ସଚେତନତା ଓ ଶ୍ରମ, ଯାହାକି ସେମାନଙ୍କର ଜନସେବା ଓ ଉଦ୍ୟମଶୀଳତାକୁ ସ୍ପଷ୍ଟ ଭାବରେ ପ୍ରକାଶ କରେ। ଏହି ଉଦ୍ୟମ ଦନ୍ତ ସ୍ୱାସ୍ଥ୍ୟ ପ୍ରତି ଜଣସାଧାରଣଙ୍କ ଜ୍ଞାନ ବୃଦ୍ଧି ଓ ନିୟମିତ ଚିକିତ୍ସା ଆବଶ୍ୟକତାକୁ ପ୍ରଚାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି।

## ଶକ୍ତି ପମ୍ପସ୍ ଚାଳିତ ଆର୍ଥିକ ବର୍ଷ ୨୬ ପାଇଁ ଦୃଢ଼ ଶୁଭାରମ୍ଭ କରିଛି

ଭୁବନେଶ୍ୱର (ସବ୍ୟୁ): ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍, ୩୦ ଜୁନ ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରିଛି। ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍‌ର ଅଧ୍ୟକ୍ଷ ଦିନେଶ ପାଟିଦାର କମ୍ପାନୀର ପ୍ରଦର୍ଶନ ଉପରେ ମତବ୍ୟକ୍ତ କରି କହିଛନ୍ତି, "ଆମେ ଆର୍ଥିକ ବର୍ଷ ୨୬ ପାଇଁ ଏକ ଦୃଢ଼ ଆରମ୍ଭ ରିପୋର୍ଟ କରି ଆନନ୍ଦିତ, ଯାହା ଆମର ବିବିଧ ବ୍ୟବସାୟ ମଡେଲର ଶକ୍ତିକୁ ପ୍ରତିଫଳିତ କରେ। ଏହି ତ୍ରୈମାସିକରେ ଆମର ପ୍ରଦର୍ଶନ ସୌର ପମ୍ପ ସେଗମେଂଟରେ ଦୃଢ଼ କାର୍ଯ୍ୟକାରିତା, ସ୍ଥିର ରପ୍ତାନି ଗତି ଏବଂ କ୍ଷମତା ଏବଂ ପ୍ରଯୁକ୍ତିବିଦ୍ୟାରେ ରଣନୈତିକ ନିବେଶ ଦ୍ୱାରା ପରିଚାଳିତ ହୋଇଥିଲା।

# ଆମାଜନର ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲରେ ଆକର୍ଷଣୀୟ ଡିଲ୍

ଭୁବନେଶ୍ୱର, (ସବ୍ୟୁ) : ଆମାଜନ.ଇନର ବହୁ ପ୍ରତୀକ୍ଷିତ ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲ ଜୁଲାଇ ୩୧, ୨୦୨୫ ମଧ୍ୟାହ୍ନ ୧୨ ଟାରୁ ଆରମ୍ଭ ହୋଇଯାଇଛି। ଆପଣ ଆପଣଙ୍କର ଟେକ୍ନୋଲୋଜିକୁ ଅପଗ୍ରେଡ୍ କରିବାକୁ, ଆପଣଙ୍କ ଘରକୁ ସୁନ୍ଦର କରିବାକୁ କିମ୍ବା ଆପଣଙ୍କ ପୋଷାକକୁ ସତେଜ କରିବାକୁ ଚାହୁଁଥିଲେ, ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲ ସେଲ୍ ଆପଣଙ୍କ ପାଇଁ ଉପଯୁକ୍ତ। ଏହି ସମୟରେ ଲିଭାଇସ୍, ୟୁଏସପିଏ, ଜିଭା, ଆପଲ୍, ଏଚପି, ଡେଲ୍ ଓ ଲେନୋଭୋ ପରି ଭାରତର ସବୁଠାରୁ ପ୍ରିୟ ବ୍ରାଣ୍ଡଗୁଡ଼ିକରୁ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଗ୍ରୋସେରୀ, ଘରୋଇ ଆବଶ୍ୟକୀୟ ସାମଗ୍ରୀ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆକର୍ଷଣୀୟ ନୂତନ ଶୁଭାରମ୍ଭ ଏବଂ ଆକର୍ଷଣୀୟ ଡିଲ୍ ରହିଛି। ଆପଣ ସ୍ଥାନୀୟ କାରିଗର, ଉଦୀୟମାନ ଷ୍ଟାର୍ଟଅପ୍ ଏବଂ ମହିଳା ନେତୃତ୍ୱାଧୀନ ବ୍ୟବସାୟଗୁଡ଼ିକରୁ ବିଭିନ୍ନ ପ୍ରକାରର ଉତ୍ପାଦ ମଧ୍ୟ ପାଇପାରିବେ। ଗ୍ରାହକମାନେ ଏସବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏବଂ ଇଏମଆଇ ବ୍ୟବହାର କରି ୧୦% ତୁରନ୍ତ ରିହାତି ପାଇପାରିବେ। ପ୍ରାଇମ୍ ସଦସ୍ୟମାନେ ସେମାନଙ୍କର ଆମାଜନ୍ ପେ ଆଇସିଆଇସିଆଇ କ୍ରେଡିଟ୍ କାର୍ଡ ବ୍ୟବହାର କରି ଅସୀମିତ ୫% କ୍ୟାସବ୍ୟାକ୍ ଏବଂ ଟ.୨,୫୦୦ ମୂଲ୍ୟର ସ୍ୱାଗତ ପୁରସ୍କାର ପାଇପାରିବେ।

# ଭାରତ -ଫିଲିପାଇନ୍ସ କୂଟନୈତିକ ସମ୍ପର୍କ ଦୃଢ

## ଦ୍ୱିପାକ୍ଷିକ ରଣନୀତିକ ଭାଗିଦାରୀ ପ୍ରତିଷ୍ଠା ଉପରେ ଘୋଷଣାନାମା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫିଲିପାଇନ୍ସ ରାଷ୍ଟ୍ରପତି ଓ ତାଙ୍କ ପ୍ରତିନିଧିମଣ୍ଡଳକୁ ଭାରତକୁ ହାର୍ଦ୍ଦିକ ସ୍ୱାଗତ ଜଣାଇଛନ୍ତି । ଏହି ବର୍ଷ ଭାରତ ଏବଂ ଫିଲିପାଇନ୍ସ ସେମାନଙ୍କର କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ କରୁଛନ୍ତି ଏବଂ ଏହି ପରିପ୍ରେକ୍ଷୀରେ, ତାଙ୍କର ଗସ୍ତର ବିଶେଷ ଗୁରୁତ୍ୱ ରହିଛି । ଆମର କୂଟନୈତିକ ସମ୍ପର୍କ ନୂତନ ହୋଇପାରେ, କିନ୍ତୁ ଆମର ସଭ୍ୟତାଗତ ସମ୍ପର୍କ ପ୍ରାଚୀନ ସମୟରୁ ରହିଆସିଛି । ଫିଲିପାଇନ୍ସର ରାମାୟଣ - ମହାରାଦିଆ ଲୱାନା - ଆମର ଶତାବ୍ଦୀ ପୁରୁଣା ସାଂସ୍କୃତିକ ସମ୍ପର୍କର ଏକ ଜୀବନ୍ତ ସାକ୍ଷ୍ୟ । ଉଭୟ ଦେଶର ଜାତୀୟ ଫୁଲକୁ ନେଇ ସଦ୍ୟ ଉନ୍ମୋଚିତ ଡାକଟିକଟ, ଆମ ବନ୍ଧୁତାର ସୁଗନ୍ଧକୁ ଦର୍ଶାଏ । ପ୍ରତ୍ୟେକ ସ୍ତରରେ ଆଲୋଚନା, ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ, ଦୀର୍ଘ ଦିନ ଧରି ଆମ ସମ୍ପର୍କର ପ୍ରମୁଖ ପରିଚୟ ହୋଇଆସିଛି । ଆଜି, ରାଷ୍ଟ୍ରପତି ଏବଂ ମୁଁ ପାରସ୍ପରିକ ସହଯୋଗ, ଆଞ୍ଚଳିକ ପ୍ରସଙ୍ଗ ଏବଂ ଅନ୍ତର୍ଜାତୀୟ ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଛୁ । ଏହା ଖୁସିର ବିଷୟ ଯେ ଆଜି ଆମେ ଆମର ସମ୍ପର୍କକୁ ରଣନୈତିକ ସହଭାଗୀତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛୁ । ଏହି ସହଭାଗୀତାର ସମ୍ଭାବନାକୁ ଫଳାଫଳରେ ପରିଣତ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି ।ଆମର ଦ୍ୱିପାକ୍ଷିକ ବାଣିଜ୍ୟ ନିରନ୍ତର ବୃଦ୍ଧି ପାଉଛି ଏବଂ ଏହା ୩ ବିଲିୟନ ଡଲାର ଅତିକ୍ରମ କରିଛି । ଏହାକୁ ଆହୁରି ମଜବୁତ କରିବା ପାଇଁ, ଭାରତ-ଆସିଆନ


ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଭାରତ ଓ ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସମୀକ୍ଷା ଯଥାଶୀଘ୍ର ସମାପ୍ତ କରିବା ଆମର ପ୍ରାଥମିକତା । ଏହା ସହିତ, ଆମେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପାଇଁ କାର୍ଯ୍ୟ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛୁ ।ଆମର କମ୍ପାନୀଗୁଡ଼ିକ ପ୍ରତ୍ୟେକ କ୍ଷେତ୍ରରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି - ସୂଚନା ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଅଟୋମୋବାଇଲ୍, ଭିତ୍ତିଭୂମି, ଖଣିଜ ପଦାର୍ଥ । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ, ଭାଇରୋଲୋଜି ଠାରୁ ଆରମ୍ଭ କରି ଏଆଇ ଏବଂ ଆଡିଟିଭ୍ ମାନୁଫାକଚରିଂ ପର୍ଯ୍ୟନ୍ତ ମିଳିତ ଗବେଷଣା ଚାଲିଛି । ଆଜି ସମାପ୍ତ ହୋଇଥିବା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗ ଯୋଜନା ଏହାକୁ ଆହୁରି ତ୍ୱରାନ୍ୱିତ କରିବ ।ବାରାଣସୀର ଅନ୍ତର୍ଜାତୀୟ ଚାଉଳ ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ଅଲଟ୍ରା ଲୋ ଗ୍ଲାଇସେମିକ୍ ଇଣ୍ଡେକ୍ସ ସହିତ ଚାଉଳର ବିକାଶ ଉପରେ କାମ କରୁଛି । ଅର୍ଥାତ୍, ଆମେ ସ୍ୱାଦ ଏବଂ ସ୍ୱାସ୍ଥ୍ୟ ଉଭୟ ଉପରେ ଏକାଠି କାମ କରୁଛୁ! ମୁଁ ଖୁସି ଯେ ବିକାଶ ସହଭାଗୀତା ଅଧୀନରେ, ଆମେ ଫିଲିପାଇନ୍ସରେ କ୍ୱିକ୍ ଇମ୍ପାକଟ ପ୍ରୋଜେକ୍ଟ ସଂଖ୍ୟା ବୃଦ୍ଧି କରିବୁ ଏବଂ, ଆମେ ଫିଲିପାଇନ୍ସରେ ସାର୍ବଭୌମ ଡାଟା କ୍ଲାଉଡ୍ ଭିତ୍ତିଭୂମି ବିକାଶରେ ମଧ୍ୟ ସହାୟତା କରିବୁ ।ଆମର ସହଭାଗୀତା ଭୂପୃଷ୍ଠରେ ତ ଦୃଢ ଏବଂ ଏବେ ଆମେ ମହାକାଶ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛୁ । ଏଥିପାଇଁ ଆଜି ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି ।

# ଜୟପୁରରେ ୟୁକ୍ରେନ ବିମାନର ଜରୁରୀ ଅବତରଣ

ଜୟପୁର(ରାଜସ୍ଥାନ): ୟୁକ୍ରେନର ରାଷ୍ଟ୍ରପତି ଭ୍ଲୋଡୋମିର ଜେଲେନସ୍କିଙ୍କ ପନୀ ଓଲେନାଙ୍କୁ ନେଇ ଜାପାନ ଯାଉଥିବା ଗୋଟିଏ ବିମାନ ରାଜସ୍ଥାନର ଜୟପୁର ସ୍ଥିତ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିଥିଲା । ରବିବାର ବିମାନଟିୟୁକ୍ରେନର ପ୍ରଥମ ମହିଳା ଓଲେନାଙ୍କ ସମେତ ବରିଷ୍ଠ ଅଧିକାରୀଙ୍କୁ ନେଇ ଜାପାନ ଯାଉଥିବା ବେଳେ ଇନ୍ଧନ ଭର୍ତ୍ତି ପାଇଁ ଜୟପୁରରେ ଅବତରଣ କରିଥିବା ରିପୋର୍ଟ ପ୍ରକାଶ ପାଇଛି ।ବିମାନରେ ଓଲେନା,ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସୟବିହା ଓ ଜେଲେନସ୍କିଙ୍କ ସରକାରଙ୍କ ଅନେକ ବରିଷ୍ଠ ଅଧିକାରୀ ରହିଥିଲେ । ସେମାନେ ଟୋକିଓ ଯାଉଥିବା ବେଳେ ବିମାନରେ ଇନ୍ଧନ ଶେଷ ହେବାର ଆଶଙ୍କା ପ୍ରକାଶ ପାଇଥିଲା । ଏଥିପାଇଁ ବିମାନଟି ଜୟପୁରରେ ଅବତରଣ କରି ଇନ୍ଧନ ଭର୍ତ୍ତି କରିଥିଲା । ଏହାପରେ ଏହା ଜାପାନର ଟୋକିଓ ଅଭିମୁଖେ ଉଡ଼ାଣ ଭରିଥିଲା ।ଇନ୍ଧନ ଭର୍ତ୍ତିରେ ସହାୟତା କରିବାକୁ ପ୍ରଥମେ ବୈଦେଶିକ ମନ୍ତ୍ରଣାଳୟକୁୟୁକ୍ରେନ ପକ୍ଷରୁ ଅନୁରୋଧ ଆସିଥିଲା । ଏହାକୁ ଗ୍ରହଣ କରି ମନ୍ତ୍ରଣାଳୟ ପକ୍ଷରୁ ବ୍ୟୁରୋ ଅଫ ସିଭିଲ ଆଭିଏସନ ସିକ୍ୟୁରିଟୀକୁ ଆବଶ୍ୟକ ପ୍ରୋଟୋକଲ ସହ ଇନ୍ଧନ ଭର୍ତ୍ତିରେ ସହାୟତା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ୟୁକ୍ରେନ ପ୍ରତିନିଧିଙ୍କୁ ନେଇ ଯାଉଥିବା ବିମାନ ରବିବାର ସକାଳ ୬.୩୦ରେ ଜୟପୁର ଏୟାରପୋର୍ଟରେ ଅବତରଣ କରିଥିଲା ।

ଏହାପରେ ପ୍ରୋଟୋକଲ ଅନୁସାରେୟୁକ୍ରେନର ୨୩ ଜଣିଆ ପ୍ରତିନିଧି ମଣ୍ଡଳୀଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଇଥିଲା । ବିମାନରେ ଇନ୍ଧନ ଭର୍ତ୍ତି ହେବା ଯାଏ ସମସ୍ତେ ଏୟାରପୋର୍ଟର ଭିଆଇପି ଲାଉଞ୍ଜରେ ରହିଥିଲେ । ସେମାନଙ୍କୁ ହାଲୁକା ଖାଦ୍ୟ ପରସା ଯାଇଥିଲା । ଦିଲ୍ଲୀ ସ୍ଥିତୟୁକ୍ରେନ ଦୂତାବାସର କର୍ମଚାରୀ ମଧ୍ୟ ସେମାନଙ୍କୁ ଜୟପୁର ଏୟାରପୋର୍ଟରେ ଭେଟିଥିଲେ । ପ୍ରତିନିଧିମଣ୍ଡଳୀଙ୍କୁ ଇମିଗ୍ରେସନ କ୍ଲିୟରାନ୍ସର ଆବଶ୍ୟକତା ନଥିଲା । ସେମାନେ ସକାଳ ୮.୧୫ରେ ଜୟପୁର ଏୟାରପୋର୍ଟରୁ ପୁଣି ଉଡ଼ାଣ ଭରିଥିଲେ ।

# ପରଲୋକରେ ସତ୍ୟପାଲ ମଲିକ୍

ନୂଆଦିଲ୍ଲୀ: ଜମ୍ମୁ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ୍‌ଙ୍କର ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ସେ ଅସୁସ୍ଥ ରହିବା ପରେ ଆଜି ଦିନ ପ୍ରାୟ ୧ଟା ସମୟରେ ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା ।ନୂଆଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ସେଠାରେ ସେ ଆଜି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସୂଚନା ମୁତାବକ, ସେ ଦୀର୍ଘ ଦିନ ଧରି କିଡନୀ ରୋଗରେ ପୀଡିତ ଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମେ' ୧୧ ତାରିଖରେ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଦୀର୍ଘ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଆଜି ସେ ହାରିଯାଇଛନ୍ତ । ଉଲ୍ଲେଖଯୋଗ୍ୟ, ସତ୍ୟପାଲ ମାଲିକ ଅଗଷ୍ଟ ୨୦୧୮ରୁ ଅକ୍ଟୋବର ୨୦୧୯ପର୍ଯ୍ୟନ୍ତ ଜମ୍ମୁ ଏବଂ କାଶ୍ମୀର ରାଜ୍ୟର ଶେଷ ରାଜ୍ୟପାଳ ଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ୫ଅଗଷ୍ଟ, ୨୦୧୯ରେ ଧାରା ୩୭୦ରଦ୍ଦ କରାଯାଇଥିଲା । ଏହା ସହ ଜମ୍ମୁ ଓ କଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ କରାଯାଇ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ - ଜମ୍ମୁ ଓ କାଶ୍ମୀର ଏବଂ ଲଦାଖରେ ବିଭକ୍ତ କରାଯାଇଥିଲା । ସଂଯୋଗବଶତଃ, ଆଜି ଏହି ନିଷ୍ପତ୍ତିର ଷଷ୍ଠ ବାର୍ଷିକୀ ଏବଂ ଏହି ଦିନ ସତ୍ୟପାଲ ମଲିକ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।




ଜମ୍ମୁ ଓ କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ସତ୍ୟପାଲ ମଲିକଙ୍କୁ ଗୋଆର ୧୮ତମ ରାଜ୍ୟପାଳ ଭାବରେ ନିଯୁକ୍ତ କରାଯାଇଥିଲା । ସେ ଅକ୍ଟୋବର ୨୦୨୨ପର୍ଯ୍ୟନ୍ତ ମେଘାଳୟର ୨୧ତମ ରାଜ୍ୟପାଳ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।ସତ୍ୟପାଲ ମଲିକ ୨୪ ଜୁଲାଇ ୧୯୪୬ରେ ଉତ୍ତରପ୍ରଦେଶର ବାଗପତ ଜିଲ୍ଲାର ହିସାବଦା ଗାଁରେ ଏକ ଜାଟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ମିରଟ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଏବଂ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ୧୯୬୮-୬୯ ମସିହାରେ, ସେ ମିରଟ ବିଶ୍ୱବିଦ୍ୟାଳୟର ଛାତ୍ର ସଂଘ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ, ଯାହା ତାଙ୍କ ରାଜନୈତିକ ଜୀବନର ଆରମ୍ଭ ଥିଲା । ରାଜନେତା ଭାବରେ ତାଙ୍କର ପ୍ରଥମ ପ୍ରମୁଖ କାର୍ଯ୍ୟକାଳ ୧୯୭୪-୭୭ ମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭାର ସଦସ୍ୟ ଭାବରେ ଥିଲା । ସେ ୧୯୮୦ ରୁ ୧୯୮୬ ଏବଂ ୧୯୮୬-୮୯ ପର୍ଯ୍ୟନ୍ତ ରାଜ୍ୟସଭାରେ ଉତ୍ତରପ୍ରଦେଶର ପ୍ରତିନିଧିତ୍ୱ କରିଥିଲେ । ଏହା ପରେ ସେ ୧୯୮୯ ରୁ ୧୯୯୧ ପର୍ଯ୍ୟନ୍ତ ଜନତା ଦଳର ସଦସ୍ୟ ଭାବରେ ଅଲିଗଡ଼ରୁ ଲୋକସଭାର ସଦସ୍ୟ ଥିଲେ ।୨୧ ମାର୍ଚ୍ଚ ୨୦୧୮ ରେ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ଏବଂ ୨୮ ମେ' ୨୦୧୮ ପର୍ଯ୍ୟନ୍ତ ସେ ଓଡ଼ିଶାର ରାଜ୍ୟପାଳ ଭାବରେ କାର୍ଯ୍ୟ କରିଥିଲେ ।

# ରାମରହିମଙ୍କୁ ପୁଣି ୪୦ ଦିନିଆ ପାରୋଲ୍

ରୋହତକ: ସିର୍ସାସ୍ଥିତ ଆଶ୍ରମରେ ଦୁଇଜଣ ଶିଷ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ରୋହତକର ସୁନାରିୟା ଜେଲରେ ୨୦ ବର୍ଷର ସଜା କାଟୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କୁ ହରିୟାଣା ସରକାର ପୁଣିଥରେ ୪୦ଦିନିଆ ପାରୋଲ ମଞ୍ଜୁର କରିଛନ୍ତି । ସେ ଆଜି ସକାଳ ସାଢେ ୬ଟା ସମୟରେ ଜେଲରୁ ବାହାରିଥିବା ଜଣାଯାଇଛି । ସେ ସିର୍ସାସ୍ଥିତ ନିଜର ଡେରା ଅଭିମୁଖେ ଯାଇଥିବାର ସୂଚନା ରହିଛି । ଏହା ପୂର୍ବରୁ ଗତ ଏପ୍ରିଲ୍ ମାସରେ ମଧ୍ୟ ତାଙ୍କୁ ୨୧ ଦିନିଆ ପାରୋଲ ମିଳିଥିଲା । ପଞ୍ଚକୁଲା (ହରିୟାଣା) ର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିବାଦୀୟ ଧର୍ମଗୁରୁ ଗୁରୁମିତ ରାମରହିମଙ୍କୁ ୨୦୦୨ ମସିହାରେ ହୋଇଥିବା ସମ୍ବାଦିକ ରାମ ଚନ୍ଦର ଛତ୍ରପତିଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଗତ ୧୧ ତାରିଖରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

# ସ୍ୱରାଷ୍ଟ୍ର ମନ୍ତ୍ରୀଭାବେ ରେକର୍ଡ କଲେ ଶାହ

ନୂଆଦିଲ୍ଲୀ: ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ସବୁଠାରୁ ଅଧିକ ସମୟ ଧରି କାର୍ଯ୍ୟ କରିବାର ରେକର୍ଡ ଅମିତ ଶାହଙ୍କ ନାଁରେ ଯୋଡ଼ି ହୋଇଯାଇଛ । ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ୨୨୫୮ ଦିନ ହେଲା କାର୍ଯ୍ୟ କରୁଛନ୍ତି । ୨୦୧୯ ମେ' ୩୦ରେ ସେ ପ୍ରଥମଥର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେବେଠାରୁ ସେ ଏହି ପଦରେ ରହିଛନ୍ତି ।ତାଙ୍କ ଠାରୁ ଅଧିକ ଦିନ ଦେଶର କୌଣସି ରାଜନେତା ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାମ କରି ନାହାନ୍ତ । ପୂର୍ବରୁ ସର୍ବାଧିକ ଦିନ ସ୍ୱରାଷ୍ଟ୍ର



ମନ୍ତ୍ରୀ ଭାବେ କାମ କରିବାର ରେକର୍ଡ ବିଜେପି ଭେଟରାନ ଲାଲ କୃଷ୍ଣ ଆଡଭାନୀଙ୍କ ନାଁରେ ଥିଲା । ଏବେ ଆଡଭାନୀଙ୍କୁ ପଛରେ ପକାଇ ଦେଇଛନ୍ତି ଅମିତ ଶାହ । ସବୁଠାରୁ କୌତୁହଳର ବିଷୟ ହେଲା, ଏହି କୀର୍ତ୍ତିମାନ ଅଗଷ୍ଟ ୫ରେ ଅମିତ ଶାହଙ୍କ ନାଁରେ ଯୋଡ଼ି ହୋଇଛି । ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ସମ୍ପର୍କରେ ଅମିତ ଶାହ ସଂସଦରେ ଘୋଷଣା କରିଥିଲେ । ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ହରାଇଥିଲା । ଆଜି ଏହାକୁ ୬ ବର୍ଷ ପୂରିଥିବା ବେଳେ ଅମିତ ଶାହ ମଧ୍ୟ ଆଜିର ଦିନରେ ସର୍ବାଧିକ ସମୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି । ଅମିତ ଶାହଙ୍କ ପୂର୍ବରୁ ଦେଶରେ ଗୃହ ମନ୍ତ୍ରୀ ଭାବେ ୨ ଜଣ ସର୍ବାଧିକ ସମୟ ଧରି କାର୍ଯ୍ୟ କରିଥିଲେ । ଜଣେ ହେଲେ କଂଗ୍ରେସ ନେତା ଗୋବିନ୍ଦ ବଲ୍ଲଭ ପନ୍ତ ଓ ଆଉ ଜଣେ ହେଲେ ବିଜେପିର ଲାଲ କୃଷ୍ଣ ଆଡଭାନୀ ।

# ୨୦୨୬ ଫେବୃଆରୀରେ ବାଂଲାଦେଶ ନିର୍ବାଚନ

ଢାକା : ବାଂଲାଦେଶର ତ୍ରୟଦଶ ସଂସଦୀୟ ନିର୍ବାଚନ ଆସନ୍ତା ବର୍ଷ ଫେବୃଆରୀରେ ଅନୁଷ୍ଠିତ ହେବ । ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ଇନୁସ ଏହା ଘୋଷଣା କରିଛନ୍ତି । ଦେଶରେ ସେକ୍ ଆସିନାଙ୍କ ଶାସନର ପତନ ଘଟିବାର ଏକ ବର୍ଷ ପୂରଣ ହେବାକୁ ଯାଉଛି । ଏହି ଅବସରରେ ଇନୁସ କହିଛନ୍ତି ଯେ, ନିର୍ବାଚନ କମିଶନ ଆସନ୍ତା ବର୍ଷ ରମ୍‌ଜାନ୍ ଆରମ୍ଭ ହେବା ପୂର୍ବରୁ ପାର୍ଲିଆମେଣ୍ଟରେ ନିର୍ବାଚନ କରିପାରିବେ । ଏହି ନିର୍ବାଚନକୁ ମୁକ୍ତ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ଉତ୍ସବମୁଖୀ ମନୋଭାବରେ ସମ୍ପର୍ଣ୍ଣ କରିବାକୁ କମିଶନରଙ୍କୁ ସବୁ ପ୍ରକାର ସମର୍ଥନ ଯୋଗାଇବ ।

# କାନାଡାରେ ଖଲିସ୍ଥାନୀ ଖୋଲିଲେ ନକଲି ଦୂତାବାସ

ସରେ : କାନାଡାର ସରେରେ ଖଲିସ୍ତାନୀମାନେ ତଥାକଥିତ ରିପବ୍ଲିକ୍ ଅଫ୍ ଖଲିସ୍ତାନର ଏକ ଦୂତାବାସ ସ୍ଥାପନ କରିଛନ୍ତି । ନକଲି ଦୂତାବାସର ଖବର ଆସିବା ମାତ୍ରେ ଭାରତର ତଦନ୍ତ ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି । ଏହି ଘଟଣା ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ ଭାରତ ଏବଂ କାନାଡା ମଧ୍ୟରେ ସମ୍ପର୍କକୁ ସୁଧାରିବା ପାଇଁ ପ୍ରୟାସ କରାଯାଉଛି ।




ଭାରତୀୟ ଏଜେନ୍ସିଗୁଡ଼ିକ ସରେରେ ଖଲିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି । ସେଠାରୁ ଆସିଥିବା ରିପୋର୍ଟରେ କୁହାଯାଇଛି ଯେ ହରଦୀପ ସିଂହ ନିଜ୍ଜରର ସମର୍ଥନରେ ସରେରେ ଏହି ଦୂତାବାସ ସ୍ଥାପନ କରାଯାଇଛି । ଭାରତ ଦ୍ୱାରା ନିଜ୍ଜରକୁ ଆତଙ୍କବାଦୀ ଘୋଷଣା କରାଯାଇଥିଲା । ସରେରେ ଖୋଲାଯାଇଥିବା ନକଲି ଦୂତାବାସରେ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରର ପୋଷ୍ଟର ଲାଗିଛି । କେବଳ ଏତିକି ନୁହେଁ, କାନାଡାର ଖଲିସ୍ତାନି ସଂଗଠନ ଏସଏଫଜେ (ଶିଖ ଫର୍ ଜଷ୍ଟିସ୍) ଆଗାମୀ ଦିନରେ ଆଉ ଏକ କଥିତ ଶିଖ ଜନମତ ସଂଗ୍ରହ କରିବାକୁ ଘୋଷଣା କରିଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ଭୟ କରୁଛନ୍ତି ଯେ ଏହା କେବଳ ଭାରତ ବିରୋଧୀ ଭାବନାକୁ ଉସୁକାଇ ଦେଉନାହିଁ, ବରଂ ଭାରତର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିବା ପାଇଁ ବିଦେଶୀ ଭୂମିକୁ ମଧ୍ୟ ବ୍ୟବହାର କରାଯାଉଛି ।

# ଆମେରିକା ଦାବିକୁ ଚୀନର ପ୍ରତ୍ୟାଖାନ

ବେଜିଂ : ରୁଷିଆ ଓ ଇରାନରୁ ତେଲ କିଣିବା ବନ୍ଦ କରିବାକୁ ଟ୍ରମ୍ପ ପ୍ରଶାସନ କରିଥିବା ଦାବିକୁ ଚୀନ ପ୍ରତ୍ୟାଖାନ କରିଦେଇଛି । ଚୀନ ଓ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ ଏହି ତେଲ କିଣା ପ୍ରସଙ୍ଗ ଉଠାଇଥିଲେ । କିନ୍ତୁ ଚୀନ ଏହାକୁ ରୋକଠୋକ୍ ଭାବେ ପ୍ରତ୍ୟାଖାନ କରିଦେଇଛି । ଦେଶର ସାର୍ବଭୌମତ୍ୱ, ନିରାପତ୍ତା ଏବଂ ବିକାଶର ସ୍ୱାର୍ଥ ଦୃଷ୍ଟିରୁ ଚୀନ କଦାପି ତେଲ କିଣା ବନ୍ଦ କରିପାରିବ ନାହିଁ ବୋଲି କହିଛି । ସୂଚନା ଥାଉ କି, ଚୀନ ଉପରେ ଶହେ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଆମେରିକା ଧମକ ଦେଇଛି ।

## ଦେଶରେ ବିଶ୍ୱସ୍ତରୀୟ ଚଳଚ୍ଚିତ୍ର ନିର୍ମାଣ

# ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ବ୍ୟବହାର କରିବାକୁ ପରାମର୍ଶ

ନୂଆଦିଲ୍ଲୀ: ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସୂଚନା ଓ ଲୋକସମ୍ପର୍କ (ଆଇ ଆଣ୍ଡ ପିଆର) ସଚିବମାନଙ୍କର ଏକ ଉଚ୍ଚସ୍ତରୀୟ ସମ୍ମିଳନୀର ଆୟୋଜନ କରିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗନ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ମିଳନୀରେ ଉଦବୋଧନ ଦେଇଛନ୍ତି । ଗଣ ଯୋଗାଯୋଗ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ପ୍ରେସ୍ ସେବା ପୋର୍ଟାଲ୍ ଏବଂ ଇଣ୍ଡିଆ ସିନେ ହବ୍ ର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ତଥା ଚଳଚ୍ଚିତ୍ର ଭିତ୍ତିଭୂମି ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ସହଯୋଗୀ ସୁଯୋଗ ଅନୁସନ୍ଧାନ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ।ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗନ କହିଥିଲେ, ଇଣ୍ଡିଆନ୍ ସିନେମା ହବ୍ ପୋର୍ଟାଲକୁ ଏକକ ସିଙ୍ଗଲ୍-ଓ୍ୱିଣ୍ଡୋ ସିଷ୍ଟମ ରୂପେ ପୁନଃନିର୍ମାଣ କରାଯାଇଛି । ଏହା ସାରା ଭାରତରେ ଚଳଚ୍ଚିତ୍ର ନିର୍ଣ୍ଣାଣ ସହ ଜଡ଼ିତ ମଞ୍ଜୁରି ଏବଂ ସେବାଗୁଡ଼ିକୁ ସୁଗମ ଉପଲବ୍ଧତା ପ୍ରଦାନ କରୁଛି । ଜିଆଇଏସ ବୈଶିଷ୍ଟ୍ୟ ଏବଂ ସାଧାରଣ ଫର୍ମ ସହିତ, ଏହା ବ୍ୟବସାୟିକ ସୁଗମତାକୁ ସମର୍ଥନ କରିଥାଏ । ଏହା ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଚଳଚ୍ଚିତ୍ର-ଅନୁକୂଳ ନୀତିଗୁଡ଼ିକୁ ପ୍ରଦର୍ଶନ କରେ ।ମନ୍ତ୍ରୀ କମ ମୂଲ୍ୟର ଥିଏଟର ମାଧ୍ୟମରେ ମହିଳା ଏବଂ ସ୍ଥାନୀୟ ସମାଜକୁ ସଶକ୍ତ କରୁଥିବା ତୃଣମୂଳ ସ୍ତରର ସିନେମା ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ । ସେ ଓ୍ୱେଭ୍ସ ୨୦୨୫ ଏବଂ ଆଇଏଫଏଫଆଇ ଗୋଆ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ମନ୍ତ୍ରୀ କହିଥିଲେ, ଏହା ବିଶ୍ୱ ପ୍ରତିଭାକୁ ଆକର୍ଷିତ କରିବ, ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବ, ବିଶ୍ୱବ୍ୟାପୀ ସାଂସ୍କୃତିକ କୂଟନୀତିକୁ ପ୍ରୋତ୍ସାହିତ କରିବ ଏବଂ ଆଗାମୀ ଦିନର ସୃଜନଶୀଳ ପ୍ରତିଭାଙ୍କୁ ସଶକ୍ତ କରିବ ।

ଏହି କାର୍ଯ୍ୟକ୍ରମ ସମୟରେ, ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ସଞ୍ଜୟ ଜାଜୁ ପ୍ରଭାବଶାଳୀ ଯୋଗାଯୋଗ ଏବଂ ଗଣମାଧ୍ୟମ ବିକାଶରେ କେନ୍ଦ୍ର-ରାଜ୍ୟ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଡିଜିଟାଲ କ୍ରିଏଟର, ସ୍ଥାନୀୟ ଗଣମାଧ୍ୟମର ବିକାଶ ଏବଂ ଜିଲ୍ଲାସ୍ତରୀୟ ସୂଚନା ଓ ଲୋକସଂପର୍କ ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ସମସ୍ତ ରାଜ୍ୟକୁ ସୁଗମ ପ୍ରକାଶନ ପ୍ରକ୍ରିୟା ପାଇଁ ପ୍ରେସ୍ ସେବା ପୋର୍ଟାଲ୍ ସହିତ ଯୋଡ଼ି ହେବାକୁ ଅନୁରୋଧ କରିଥିଲେ ।ସମ୍ମିଳନୀର ପ୍ରମୁଖ କେନ୍ଦ୍ରବିନ୍ଦୁ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରେସ୍ ସେବା ପୋର୍ଟାଲ ସମ୍ପର୍କରେ ସଚେତନ ଏବଂ ଅନବୋର୍ଡିଂ କରିବା । ପ୍ରେସ୍ ଏବଂ ପଞ୍ଜୀକରଣ ଆଇନ (ପିଆରପି ଆଇନ), ୨୦୨୩ ଅଧୀନରେ ଭାରତର ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ବିକଶିତ, ଏହି ପୋର୍ଟାଲ୍ ଏକ ସିଙ୍ଗଲ୍-ଓ୍ୱିଣ୍ଡୋ ଡିଜିଟାଲ୍ ପ୍ଲାଟଫର୍ମ ଯାହା ପତ୍ରିକା ଓ ଖବରକାଗଜ ସମ୍ବନ୍ଧୀୟ ପଞ୍ଜୀକରଣ ଏବଂ ଅନୁପାଳନ ପ୍ରକ୍ରିୟାକୁ ସହଜ କରିଛି ।ସେହିପରି ପୁନଃନିର୍ମିତ ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପୋର୍ଟାଲ ୨୮ ଜୁନ୍ ୨୦୨୪ରେ ଲାଇଭ୍ ହୋଇଥିଲା । ଏହି ପୋର୍ଟାଲ୍ ବର୍ତ୍ତମାନ ସାରା ଭାରତରେ ଫିଲ୍ମ ସମ୍ବନ୍ଧୀୟ ସୁବିଧା ପାଇଁ ଏକ ସିଙ୍ଗଲ୍-ଓ୍ୱିଣ୍ଡୋ ସିଷ୍ଟମ୍ ଭାବରେ କାର୍ଯ୍ୟ କରୁଛି ।ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ଜିଆଇଏସ୍ ଆଧାରିତ ସ୍ଥାନ ମ୍ୟାପିଂ, ଶିଳ୍ପ ପେସାଦାରଙ୍କ ଠାରୁ ଆରମ୍ଭ କରି କ୍ରାଉଡସୋର୍ସ କଣ୍ଟେଣ୍ଟ ଏବଂ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରୋତ୍ସାହନ ସହ ଜଡ଼ିତ ବିଭିନ୍ନ ଭିନ୍ନ କାର୍ଯ୍ୟପ୍ରବାହକୁ ସମର୍ଥନ କରିଛି ।

# ସଂସଦ ଭବନରେ ଏନଡିଏ ସଂସଦୀୟ ଦଳ ବୈଠକ

## ପ୍ରଧାନମନ୍ତ୍ରୀଙ୍କୁ କରାଗଲା ସ୍ୱାଗତ

ନୂଆଦିଲ୍ଲୀ: ସଂସଦ ଭବନରେ ଆଜି ବିଜେପି ନେତୃତ୍ୱାଧୀନ ଏନଡିଏ ସଂସଦୀୟ ଦଳର ବୈଠକ ଆରମ୍ଭ ହୋଇଛି । ଏହି ବୈଠକ ସଂସଦ ଭବନର ଅଡିଟୋରିୟମରେ ଆୟୋଜିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକରେ ଯୋଗଦେବାକୁ ପହଞ୍ଚିବା ପରେ ଏନଡିଏ ସାଂସଦମାନେ ତାଙ୍କୁ 'ହର ହର ମହାଦେବ' ଏବଂ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ ।ଏହା ସହ 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ଏନଡିଏ ସାଂସଦମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମ୍ମାନିତ କରିଥିଲେ




ବୋଲି ଜଣାପଡ଼ିଛି ।ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । ଏନଡିଏ ସଂସଦୀୟ ଦଳ ବୈଠକରେ ଅପରେସନ ସିନ୍ଦୂର ଏବଂ ଅପରେସନ ମହାଦେବର ସଫଳତା ଉପରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ସମୟରେ ଏନଡିଏର ମହିଳା ସାଂସଦମାନେ ଆଗ ଧାଡିରେ ବସିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡିତ ପରିବାର ପ୍ରତି ସମବେଦନା ପ୍ରକାଶ କରାଯାଇଥିଲା ।

# ଅପରେସନ ଥିଏଟରରୁ ଗିରଫ ହେଲେ ନକଲି ଡାକ୍ତର

ବିନା ଡିଗ୍ରୀରେ ନିଜକୁ ଡାକ୍ତରର ପରିଚୟ ଦେଇ ଜଣେ ବ୍ୟକ୍ତି ୫୦ରୁ ଅଧିକ ସଜରିଆନ କରିଛନ୍ତି । ଦୀର୍ଘ ଦଶନ୍ଧି ଧରି ଏପରି ସାଂଘାତିକ ଖେଳ ଖେଳି ଚାଲିଥିବା ବ୍ୟକ୍ତିଙ୍କୁ ଏବେ ଅପରେସନ ଥିଏଟରରୁ ଗିରଫ କରାଯାଇଛ । ଆସାମର ସିଲଚରରୁ ଏପରି ଘଟଣା ସାମ୍ନାକୁ ଆସିଛି ।ଗିରଫ ବ୍ୟକ୍ତି ଜଣଙ୍କ ହେଲେ ପୁଲକ ମଲକାର । ସେ ନିଜକୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଭାବେ ପରିଚୟ ଦେଉଥିଲେ । ଏହି ନକଲି ପରିଚୟ ଦ୍ୱାରା ସେ ପ୍ରାୟ ୧୦ ବର୍ଷ ହେବ ସିଲଚରର ଦୁଇ ଘରୋଇ ହସ୍ପିଟାଲରେ ସିଜରିଆନ କରି ଚାଲିଥିଲେ । ୫୦ରୁ ଅଧିକ ସିଜରିଆନ ସେ କରିଥିଲେ । ଏବେ ସେ ଗୋଟିଏ ଅପରେସନ ଥିଏଟରରେ ସିଜରିଆନ ସେକସନ କରୁଥିବା ବେଳେ ପୁଲିସ୍ ତାଙ୍କୁ ଗିରଫ କରିଛ ।

ବରିଷ୍ଠ ପୁଲିସ୍ ଅଧିକାରୀ ନୁମାଲ ମହାତ୍ତା କହିଛନ୍ତି, ଆମେ ଅଭିଯୁକ୍ତଙ୍କ ବିଷୟରେ ସୂଚନା



ପାଇବା ପରେ ତଦନ୍ତ ଆରମ୍ଭ କରିଥିଲୁ । ସମସ୍ତ ଦସ୍ତାବିଜ ଯାଞ୍ଚ କରିବା ବେଳେ ସେଗୁଡ଼ିକ ନକଲି ବୋଲି ପ୍ରମାଣିତ ହୋଇଥିଲା । ସେ ଜଣେ ନକଲି ଡାକ୍ତର ଓ ଦୀର୍ଘ ବର୍ଷ ହେଲାଣି ନକଲି ପ୍ରମାଣପତ୍ର ଜରିଆରେ ସେ ନିଜର ବ୍ୟବସାୟ କରୁଥିବା ଜଣାପଡ଼ିଥିଲା । ଏହାପରେ ରେଡ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପୁଲକ ମଲକାରଙ୍କ ଘର ଆସାମର ଶ୍ରୀଭୂମି ଅଞ୍ଚଳରେ । ଗିରଫ ପରେ ତାଙ୍କୁ ସୋମବାର କୋର୍ଟରେ ହାଜର କରାଯାଇଥିଲା । ପୁଲିସ୍ ତାଙ୍କ କାରବାର ସମ୍ପର୍କରେ ଜାଣିବା ପାଇଁ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଛ ।

# ସଫଳ ସିରାଜ




ଭାରତୀୟ ଦଳ ସହ କୌଣସି ଶୃଙ୍ଖଳା ଆରମ୍ଭ ପୂର୍ବରୁ ଓ ପରେ ବାପାଙ୍କ କବର ପାଖକୁ ଯିବା ସିରାଜଙ୍କ ସ୍ୱତନ୍ତ୍ର ଅଭ୍ୟାସ । କବର ପାଖରେ ପ୍ରାର୍ଥନା କରି ଆଶୀର୍ବାଦ ଆଣନ୍ତି । ଏହାପରେ ଟୁର୍ଣ୍ଣାମେଣ୍ଟରେ ଫେରିବା ପରେ ଏୟାରପୋର୍ଟରୁ ସିଧା ବାପାଙ୍କ କବର ପାଖକୁ ଯାଆନ୍ତି । ୨୦୨୧ରେ ସିରାଜଙ୍କ ବାପା ମହମ୍ମଦ ଗୌସେଙ୍କ ଦେହାନ୍ତ ହୋଇଥିଲା । ବାପାଙ୍କ ଦେହାନ୍ତ ସମୟରେ ସିରାଜ ଅଷ୍ଟ୍ରେଲିଆ ଗସ୍ତରେ ଥିଲେ । ସେବେଠାରୁ କବର ସ୍ଥାନକୁ ଯିବା ଆସିବା ସିରାଜଙ୍କ ଜୀବନରେ ଗୋଟିଏ ନିୟମରେ ପରିଣତ ହୋଇଛି । ସିରାଜଙ୍କ ବାପା ଜଣେ ଅଟୋ ଚାଳକ ଥିଲେ । ପୁଅର କ୍ରିକେଟ୍ ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ରାତି ଦିନ ପରିଶ୍ରମ କରୁଥିଲେ । ସିରାଜ ବାପାଙ୍କ ସହ ସବୁବେଳେ ଯୋଡି ହୋଇ ରହିବାକୁ ଚାହୁଁଥିବାରୁ ଗସ୍ତ ଆରମ୍ଭରୁ ଓ ପରେ କବରସ୍ଥାନ ଯାଆନ୍ତି ।

ଇଂଲଣ୍ଡ ଟୁର ପୂର୍ବରୁ ମା'ଙ୍କ ସହ ମହମ୍ମଦ ସିରାଜ କିଛି ସମୟ ବିତାଇଥିଲେ । ସେତେବେଳେ ସେ କହିଥିଲେ ମା' ମୋ ପାଇଁ ପ୍ରାର୍ଥନା କରିବ, ମୁଁ ଭଲ କରିବାକୁ ଓ ଭାରତକୁ ଜିତାଇବାକୁ ଚାହେଁ । ନିଜର ପରମ୍ପରା ଅନୁସାରେ ବାପାଙ୍କ କବର ପାଖରୁ ପ୍ରାର୍ଥନା କରିଥିଲେ ଓ ସେଠାରୁ ସିଧା ବିମାନ ବନ୍ଦର ଯାଇଥିଲେ ।

ସିରାଜଙ୍କ ମା' ସବ୍‌ନା ବେଗମ୍ କହିଛନ୍ତି ବାପାଙ୍କୁ ବହୁତ ଭଲ ପାଏ ସିରାଜ । ବାପା ମଧ୍ୟ ତାକୁ ସେତିକି ଭଲ ପାଉଥିଲେ । ତାଙ୍କ ପାଇଁ ଏହି ପିଲାଟି କିଛି ବି କରିପାରିବ । ମୋ ପ୍ରାର୍ଥନା ସବୁବେଳେ ସିରାଜ ସହ ରହିଛି । ମୋ ଛୁଆକୁ ଆଲ୍ଲା ସବୁବେଳେ ଆଶୀର୍ବାଦ କରନ୍ତୁ । ସବୁ ସଫଳତା ପାଉ । ସିରାଜ ଖେଳୁଥିବା କୌଣସି ମ୍ୟାଚ କେବେ ହେଲେ ସବ୍‌ନା ମିସ୍ କରନ୍ତି ନାହିଁ । ଇଂଲଣ୍ଡରେ ଶେଷ ହୋଇଥିବା ଆଣ୍ଡରସନ୍- ତେନ୍ଦୁଲକର ଟ୍ରଫିର ପ୍ରତିଟି ମ୍ୟାଚ ସେ ଦେଖିଥିଲେ । ଭାରତୀୟ ଦଳ ତଥା ପୁଅର ସଫଳତା ପାଇଁ ସେ ଦିନକୁ ୫ ଥର ପ୍ରାର୍ଥନା କରୁଥିଲେ । ଇସ୍‌ଲାମରେ ଦୈନିକ ପ୍ରାର୍ଥନା ଭୋର, ମଧ୍ୟାହ୍ନ, ଅପରାହ୍ନ, ସୂର୍ଯ୍ୟାସ୍ତ ଓ ରାତିରେ କରାଯାଏ । ଇଂଲଣ୍ଡ ଟୁର ବେଳେ ସବ୍‌ନା କୌଣସି ପ୍ରାର୍ଥନା ଛାଡିନଥିଲେ । ସମ୍ଭବତଃ ଏହି ପ୍ରାର୍ଥନା ପୁରା ଟୁରରେ ସିରାଜଙ୍କ ପାଇଁ କବଚ ହୋଇ ରହିଥିଲା ।

ଓଭାଲରେ ଅନୁଷ୍ଠିତ ପଞ୍ଚମ ଟେଷ୍ଟରେ ଭାରତ ନାଟକୀୟ ବିଜୟ ହାସଲ କରିଥିଲା । ଏହି ବିଜୟରେ ସିରାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଅସମ୍ଭବକୁ ସମ୍ଭବ କରିବାରୁ ଭାରତ ମ୍ୟାଚ ଜିତିବା ସହ ଶୃଙ୍ଖଳା ୨-୨ରେ ବରାବର କରିବାରେ ସମ୍ମାନ ରଖିଛି । ପ୍ରଥମ ଇନିଂସରେ ୪ ଟି ଓ ଦ୍ୱିତୀୟ ଇନିଂସରେ ୫ ଟି ୱିକେଟ୍ ନେଇଥିବା ସିରାଜ ମ୍ୟାଚର ଶ୍ରେଷ୍ଠ ପୁରସ୍କାର ପାଇଥିଲେ । ସିରାଜ ଏକମାତ୍ର ଦ୍ରୁତ ବୋଲର ଭାବେ ଇଂଲଣ୍ଡ ବିପକ୍ଷରେ ସମସ୍ତ ୫ ଟି ଯାକ ଟେଷ୍ଟ ଖେଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଛନ୍ତି ।

ସିରାଜଙ୍କ ଭାଇ ମହମ୍ମଦ ଇସ୍ମାଇଲ କହିଛନ୍ତି ଭାଇ ପାଇଁ ମା' ସବୁବେଳେ ପ୍ରାର୍ଥନା କରେ । ମା'ଙ୍କ ପ୍ରାର୍ଥନାରେ ବହୁତ ଶକ୍ତି ଅଛି, ମୁଁ ବିଶ୍ୱାସ କରେ, କାରଣ ଆମ ବାପା -ମା'ଙ୍କ ଆଶୀର୍ବାଦ ପାଇଁ ଭାଇ ଭଲ ଖେଳୁଛି ଓ ଭାରତ ଭଲ କରୁଛି । ସେ ସବୁଦିନ ଭିଡିଓ କଲରେ ମା'ଙ୍କ ଆଶୀର୍ବାଦ ନିଅନ୍ତି । ମା ସବୁବେଳେ ଭାଇକୁ କୁହେ ଆଗକୁ ଯିବୁ, ନାଁ ରଖିବୁ । ବାପାଙ୍କ ଦେହାନ୍ତରେ ଭାଇ ପୁରା ଭାଙ୍ଗିପଡିଥିଲା । କିନ୍ତୁ ମା' ତାଙ୍କୁ କହିଥିଲେ ଯେ, ଯାହା ହେବାର ଥିଲା ହୋଇଗଲାଣି, ଏବେ ଖେଳ ଉପରେ ଧ୍ୟାନ ଦେ ।

ସିରାଜ ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ବିରାଟ କୋହଲି ଓ ରବିଶାସ୍ତ୍ରୀ ଏହି ଦୁଃଖଦ ଖବର ଦେଇଥିଲେ । ଭାଙ୍ଗିପଡିଥିବା ସିରାଜଙ୍କୁ ଦଳର ପ୍ରତି ସଦସ୍ୟ ମାନସିକ ସମର୍ଥ ଦେଇଥିଲେ । ଶେଷରେ ୩ ଟି ଟେଷ୍ଟରେ ୧୩ ୱିକେଟ୍ ଦଖଲ କରି ନିଜର ଦକ୍ଷତା ଦେଖାଇଥିଲେ । ଏହା ମଧ୍ୟରେ ଗୋଟିଏ ୫ ୱିକେଟ୍ ସଫଳତା ଥିଲା । ସେ ଏହି ସଫଳତାକୁ ବାପାଙ୍କୁ ଉତ୍ସର୍ଗ କରିଥିଲେ ।

ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ମହମ୍ମଦ ସିରାଜ ୧୧୧୩ ବଲ ଅର୍ଥାତ୍ ୧୮୫.୩ ଓଭର ବୋଲିଂ କରିଥିଲେ । ଏହା ଅନ୍ୟ ବୋଲରଙ୍କ ତୁଳନାରେ ସବୁଠୁ ଅଧିକ । ସିରାଜ ସର୍ବାଧିକ ୱିକେଟ୍ (୨୩ଟି) ଦଖଲକାରୀ ବୋଲର ଭାବେ ଇଂଲଣ୍ଡ ବିପକ୍ଷ





ଶୃଙ୍ଖଳା ଶେଷ କରିଛନ୍ତି । ବାପାଙ୍କ ପାଇଁ ଖେଳିବାର ଅଛି, ତାଙ୍କ ସ୍ୱପ୍ନକୁ ପୂରଣ କରିବି । ତାଙ୍କ ପାଇଁ ଭିଟନେସ୍ ସ୍ତର ସବୁଠୁ ଆଗରେ ରହିଛି । ଏସବୁ ବିରାଟ କୋହଲିଙ୍କ ପାଇଁ ସମ୍ଭବ ହୋଇଛି । ସେ ସବୁବେଳେ ବିରାଟ କୋହଲିଙ୍କୁ ଅନୁସରଣ କରନ୍ତି । ବିରାଟଙ୍କ ପାଖରେ ଥିବା ଉତ୍ସାହ ଓ ଖେଳିବାର ଭୋକକୁ ସିରାଜ ସବୁବେଳେ ଅନୁସରଣ କରନ୍ତି । ୨୦୧୮ରେ ସିରାଜଙ୍କ ଆଇପିଏଲ ପ୍ରଦର୍ଶନ ଏତେ ଭଲ ନଥିଲା । ସେ ସମୟରେ ବିରାଟ କୋହଲି ତାଙ୍କୁ ସମର୍ଥନ ଦେଇଥିଲେ । ସିରାଜଙ୍କଠାରେ ଥିବା ଦକ୍ଷତାକୁ ସେ ବୁଝିଥିଲେ । ଭାରତୀୟ ଦଳ ଓ ଆରସିବିରେ ବହୁ ସୁଯୋଗ ବିରାଟ ହିଁ ଦେଇଥିଲେ । ସବୁ ଶ୍ରେୟ ବିରାଟ କୋହଲିଙ୍କୁ ଯାଉଛି । ସିରାଜ ବିରିୟାନି ଖାଇବାକୁ ଭଲ ପାଆନ୍ତି । ବେଳେ ସେ ଅଧିକ ବିରିୟାନି ଖାଇଦିଅନ୍ତି ବୋଲି ତାଙ୍କ ଭାଇ ଇସ୍ମାଇଲ କହିଛନ୍ତି । ଏବେ ସିରାଜ ଜଣେ ଭିନ୍ନ ଖେଳାଳି । ଆଇସିସି ଚାମ୍ପିଅନ ଟ୍ରଫିରେ ଚୟନ ନହେବାରୁ ସିରଜ ପୁରା ଭାଙ୍ଗିପଡିଥିଲେ । କିନ୍ତୁ ଏହା ତାଙ୍କୁ ଭିନ୍ନ ରୂପେ ଗଢିଥିଲା । ସେ ଅଧିକରୁ ଅଧିକ ଅଭ୍ୟାସ କରିଥିଲେ । କଷ୍ଟକର ଟ୍ରେନିଂ କରିଥିଲେ । ଏହାର ଫଳ ଏବେ ମିଳିଛି ।

## ଟି-୨୦ରେ ପ୍ରତ୍ୟାବର୍ତ୍ତନ ଆଶା କମ୍

ନୂଆଦିଲ୍ଲୀ, ୫।୮ (ଏଜେନ୍ସି) : ଟେଷ୍ଟ ଓ ଦିନିକିଆରେ ମହମ୍ମଦ ସିରାଜଙ୍କ ପ୍ରଦର୍ଶନ ସନ୍ତୋଷଜନକ ରହିଛି । କିନ୍ତୁ ଟି -୨୦ ଫର୍ମାଟରେ ସେ ସଫଳ ନୁହଁନ୍ତି । ଆଗକୁ ଏସିଆ କପ୍ । ଏହି ଟୁର୍ଣ୍ଣାମେଣ୍ଟ ଟ-୨୦ ଫର୍ମାଟରେ ଖେଳାଯିବ । ସେପ୍ଟେମ୍ବରରେ ଏସିଆ କପ୍ ଥିବାରୁ ଗୋଟିଏ ମାସ ବ୍ରେକ୍ ପରେ ଭାରତୀୟ ଖେଳାଳି ପୁଣି ମଇଦାନକୁ ଓହ୍ଲାଇବ । ଗତ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ୨୩ ୱିକେଟ୍ ଅକ୍ତିଆର କରିଥିବା ସିରାଜ ଟିମ୍ ଇଣ୍ଡିଆ ଟି-୨୦ ଦଳରେ ସ୍ଥାନ ପାଇବା ସମ୍ଭାବନା କମ୍ ରହିଛି । ଶେଷ ଥର ପାଇଁ ସିରାଜ ୨୦୨୪ରେ ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ମ୍ୟାଚ ଖେଳିଥିଲେ । ଏହାପରେ ବାଂଲାଦେଶ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷରେ ତାଙ୍କୁ ସୁଯୋଗ ମିଳିନଥିଲା । ଅବଶ୍ୟ ସିରାଜ ସମ୍ପୂର୍ଣ୍ଣ ଫିଟ୍ ନଥିଲେ । ମୁଖ୍ୟ କୋଚ ଗୌତମ ଗମ୍ଭୀର ମଧ୍ୟ ଟି-୨୦ରେ ସିରାଜ ଖେଳିବା ସପକ୍ଷରେ ନାହାଁନ୍ତି । ସିରାଜ ୧୬ ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ସେ ୭.୭୯ ହାରରେ ୧୪ ୱିକେଟ୍ ଅକ୍ତିଆର କରିଛନ୍ତି । ୨୦୨୪ ଟି-୨୦ ବିଶ୍ୱ କପ୍ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ । ସିରାଜଙ୍କୁ ଏସିଆ କପ୍ ଦଳରେ ସାମିଲ କରାଯିବ କି ନାହିଁ ତାହା ଚୟନ କମିଟି କୁ ଦ୍ୱନ୍ଦ୍ୱରେ ପକାଇଛି ।



## ଜାତୀୟ ଜୁନିୟର ମହିଳା ହକି

## ଓଡିଶା, ଉତ୍ତରାଖଣ୍ଡ, ଏମ୍‌ପି, ହରିୟାଣା ବିଜୟୀ

କାକିନାଡା, ୫।୮ (ଏଜେନ୍ସି) : ୧୫ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ମହିଳା ହକି ଚାମ୍ପିଅନସିପ୍‌ର ପଞ୍ଚମ ଦିନ ଅନୁଷ୍ଠିତ ମ୍ୟାଚଗୁଡିକରେ ହକି ଆସୋସିଏସନ୍ ଅଫ ଓଡିଶା, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ହକି ହରିୟାଣା, ହକି ଝାଡଖଣ୍ଡ ବିଜୟୀ ହୋଇଛନ୍ତି । ଅନ୍ୟଏକ ମ୍ୟାଚ ତାମିଲନାଡୁ ଓ ଦିଲ୍ଲୀ ମଧ୍ୟରେ ୩-୩ ଗୋଲରେ ଡ୍ର ରହିଛି ।

କାକିନାଡାରେ ଚାଲିଥିବା ଏହି ହକି ପ୍ରତିଯୋଗିତାର ପଞ୍ଚମ ଦିନ ୬ ଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ମ୍ୟାଚରେ ହକି ଉତ୍ତରାଖଣ୍ଡର ଗୋଲ ବର୍ଷା ଦେଖିବାକୁ ମିଳିଥିଲା । ହକି ଉତ୍ତରାଖଣ୍ଡ ପକ୍ଷରୁ ୧୧ ଟି ଗୋଲ ହୋଇଥିଲା । ପ୍ରତିପକ୍ଷ ପୁଡୁଚେରୀ ଦଳ ଆଦୌ ଗୋଲ ପରିଶୋଧ କରିପାରିନଥିଲା । ସେହିଭଳି ମଧ୍ୟ ପ୍ରଦେଶ ୫-୦ ଗୋଲରେ ହକି ଚଣ୍ଡିଗଡକୁ ହରାଇଥିବା ବେଳେ ହରିୟାଣା ୭-୧ ଗୋଲରେ ହକି ବେଙ୍ଗଲକୁ ଏବଂ ହକି ଝାଡଖଣ୍ଡ ୨-୦ ଗୋଲରେ ହକି କର୍ଣ୍ଣାଟକୁ ପରାଜିତ କରିଥିଲା । ଷଷ୍ଠ ତଥା ଡିଭିଜନ ୧ ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଓଡିଶା ଦଳ ୩-୧ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇଛି । ଓଡିଶାର ସୁରେଖା ବାହାଲ ୧୩ ତମ ମିନିଟ, କରୁଣା ମିଞ୍ଜ ୨୧ ତମ ଓ ଦ୍ରୁପ୍ତି ନାୟକ ୫୬ ତମ ମିନିଟରେ ଗୋଲ କରିଥିଲେ । ହକି ଆନ୍ଧ୍ରପ୍ରଦେଶ ପକ୍ଷରୁ ନିହାରିକା ଟୋପୋ ୫୨ ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ ।

## ମଣ୍ଟ୍ରିଲରେ ଭିକ୍ଟୋରିଆଙ୍କୁ ଭେଟିବେ ଏଲିନା

ମଣ୍ଟ୍ରିଲ, ୫।୮ (ଏଜେନ୍ସି) : ୨୦୨୨ ୱିମ୍ବଲଡନ ଚାମ୍ପିଅନ ଏଲିନା ରିବାକିନା ଓ କାନାଡାର ଯୁବ ପ୍ରତିଭା ଭିକ୍ଟୋରିଆ ଏମ୍‌ବୋକୋ କାନାଡା ଓପନ୍ ସେମିଫାଇନାଲରେ ମୁହାଁମୁହିଁ ହେବେ । ବିଶ୍ୱର ୧୨ ନଂ ର୍‍ୟାଙ୍କରେ ଥିବା ରିବାକିନା ମହିଳା ସିଙ୍ଗଲ୍ସ କ୍ୱାଟରେ ୟୁକ୍ରେନର ମାର୍ଟା କୋଷ୍ଟ୍ୟୁକଙ୍କୁ ଭେଟିଥିଲେ । ଉଭୟଙ୍କ ମଧ୍ୟରେ ମ୍ୟାଚ ୬-୧, ୨-୧ ସେଟ୍‌ରେ ସ୍ଥିତିରେ ଥିବା ବେଳେ ମାର୍ଟା ରିଷ୍ଟ ଇଞ୍ଜୁରୀ ଯୋଗୁଁ ଓହରି ଯାଇଥିଲେ । ଅନ୍ୟଏକ ମ୍ୟାଚରେ ଏମ୍‌ବୋକୋ ୬-୪, ୬-୨ରେ ସ୍ପେନର ଜେସିକା ବୌଜାସ୍ ମାନେଇରୋଙ୍କୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ବର୍ଗର ସିଙ୍ଗଲ୍ସ ମୁକାବିଲାରେ ଆଲେକଜାଣ୍ଡାର ଭିର୍ଭ ଉଚ୍ଚ କୋଟିର ପ୍ରଦର୍ଶନ ଦେଖାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଭିର୍ଭ ଓ ଖାଚାନୋଭୋଙ୍କ ମଧ୍ୟରେ ସେମି ଲଢେଇ ହେବ । କ୍ୱାର୍ଟରରେ ଭିର୍ଭ ୬-୭, ୬-୪, ୬-୩ ସେଟ୍‌ରେ ଆଲେକ୍ସି ପପିରିନ୍‌ଙ୍କୁ ପରାଜିତ କରିଥିଲେ । ତେଣୁ ସେମି ଲଢେଇରେ ଭିର୍ଭ ଓ ଖାଚାନୋଭୋ ମୁହାଁମୁହିଁ ହେବେ ।



## ଆମେ ଜିତିବୁ ହାରିବୁ, ହାର ମାନିବୁନି

ନୂଆଦିଲ୍ଲୀ, ୫।୮ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷରେ ଭାରତର ଦମଦାର ଶୃଙ୍ଖଳା ଡ୍ର ରଖିବା ସାରା ବିଶ୍ୱ କ୍ରିକେଟ୍‌ରେ ନାବାଗତ ଟିମ ଇଣ୍ଡିଆର ଦକ୍ଷତାକୁ ପ୍ରମାଣିତ କରିଛି । ଏହି ଜମାଣିଆ ବିଜୟ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଖୁସିବ୍ୟକ୍ତ କରିଛନ୍ତି । ଓଭାଲ ଟେଷ୍ଟରେ ଦମଦାର ବିଜୟ ତଥା ଶୃଙ୍ଖଳା ୨-୨ରେ ବରାବର ହେବାରେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି କୋଚ୍ ଗମ୍ଭୀର । ଆମେ ହାର୍ ମାନିବୁ ନାହିଁ । ଭାରତୀୟ ଦଳ ପଞ୍ଚମ ତଥା ଶେଷ ଟେଷ୍ଟ ଇଂଲଣ୍ଡକୁ ୩୫ ରନ କରିବାକୁ ଦେଇନଥିଲା । ମହମ୍ମଦ ସିରାଜ ଚମତ୍କାର ବୋଲିଂ କରି ଇଂଲଣ୍ଡ ହାତରୁ ମ୍ୟାଚ ଛଡାଇ ଆଣିଥିଲେ । ଦଳରେ ଗୌତମ ଗମ୍ଭୀର, ରୋହିତ ଶର୍ମା, ରବିଚନ୍ଦ୍ର ଅଶ୍ୱିନ ତଥା ଯଶପ୍ରୀତ ବୁମରାଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଯୁବ ଶୁଭମନ୍ ଗିଲଙ୍କ ନେତୃତ୍ୱରେ ଦଳର ପ୍ରଦର୍ଶନକୁ ଖୁବ୍ ପ୍ରଶଂସା କରିଛନ୍ତି ଗୌତମ ଗମ୍ଭୀର । ଶୃଙ୍ଖଳାର ଶେଷ ମ୍ୟାଚ ନଖେଳି ବୁମରା ଭାରତ ଫେରିଯାଇଥିଲେ । ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପଞ୍ଚମ ଟେଷ୍ଟରେ ବୁମରାଙ୍କ ଅନୁପସ୍ଥିତି ଯୋଗୁଁ ମ୍ୟାଚ ଫଳାଫଳ ଭାରତ ସପକ୍ଷରେ ହେବ ନାହିଁ ଆକଳନ କରାଯାଉଥିଲା । କିନ୍ତୁ ମହମ୍ମଦ ସିରାଜ ଅଗ୍ନିବର୍ଷି ବୋଲିଂ କରି ସବୁ ପୂର୍ବାନୁମାନକୁ ଭୁଲ ପ୍ରମାଣିତ କରିଛନ୍ତି । ଦଳ ଆଗକୁ କୌଣସି ଖେଳାଳିଙ୍କ ଉପରେ ଆଉ ରହିବନାହିଁ । ଓଭାଲରେ ଭାରତ ବିଜୟ ପରେ ଆକାଶ ଛୁଆଁ ହୋଇଥିଲା । ମନମାରି ବସିଥିବା ଗମ୍ଭୀର ଦୌଡି ଆସି ଶୁଭମନ୍ ଗିଲ୍‌ଙ୍କୁ ଆଲିଙ୍ଗନ କରି ବିଜୟ ଜଣାଇଥିଲେ । ଗମ୍ଭୀର ଓଭାଲ ଟେଷ୍ଟ ବିଜୟ ସୋସିଆଲ୍ ମିଡିଆ ଟ୍ୱିଟରରେ ଭାରତୀୟ ଦଳର ବିଜୟ ଉତ୍ସବ ସମୟର ୪ ଟି ଫଟୋ ସେୟାର କରିଥିଲେ । ଆମେ ଜିତିବୁ ପୁଣି ହାରିବୁ କିନ୍ତୁ ହାର ମାନିବୁ ନାହିଁ । କାରଣ ଆମ ଖେଳାଳି ଜଣେ ଜଣେ ଯୋଦ୍ଧା, ସାବାସ୍ ଟିମ୍ ଇଣ୍ଡିଆ ବୋଲି ଲେଖିଥିଲେ । ଗମ୍ଭୀରଙ୍କ ଏହି ଶବ୍ଦଗୁଡିକ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବ । ଶେଷ ମ୍ୟାଚରେ ଅନେକଙ୍କୁ ବିଶ୍ୱାସ ନଥିବା ଯେ, ଭାରତୀୟ ଦଳ ଏହି ସ୍ଥିତିରେ ମ୍ୟାଚକୁ ଜିତିପାରିବ । କିନ୍ତୁ ସିରାଜଙ୍କ ଅଲଗା ଚିନ୍ତା ଦଳ ପାଇଁ ସଫଳତା ଆଣି ଦେଇଥିଲା । ରାତି ତମାମ୍ ସେ ପରଦିନର ଫଳାଫଳକୁ ନେଇ ଚିନ୍ତାରେ ଥିଲେ । କିନ୍ତୁ ଇଂଲଣ୍ଡର ଶେଷ ୪ ୱିକେଟ୍ ଝଡାଇବା କ୍ରିକେଟ୍ ପ୍ରେମୀଙ୍କ ପାଇଁ ବର୍ଷ ବର୍ଷ ଧରି ମନେ ରହିବ । ଓଭାଲ ଗ୍ରାଉଣ୍ଡରେ ଭାରତ ତୃତୀୟ ବିଜୟ ହାସଲ କରିଥିଲା । ଅଜିତ ୱାଦେକର ଓ ବିରାଟ କୋହଲିଙ୍କ ପରେ ଶୁଭମନ୍ ଗିଲ୍ ତୃତୀୟ ଅଧିନାୟକ ଭାବେ ଟିମ୍ ଇଣ୍ଡିଆକୁ ଓଭାଲରେ ଜିତାଇଛନ୍ତି । ଏଥିସହ ଟେଷ୍ଟ କ୍ରିକେଟ୍ ଇତିହାସରେ ଏହା ଭାରତର ସବୁଠୁ କମ୍ ରନ୍‌ର ବିଜୟ । ପୂର୍ବରୁ ଭାରତ ୨୦୦୪ରେ ଅଷ୍ଟ୍ରେଲିଆକୁ ୧୩ ରନ୍ ବ୍ୟବଧାନରେ ହରାଇଥିଲା ।

ଅର୍ଥାତ୍ ଭାରତୀୟ ନିର୍ଭରଶୀଳ ଗମ୍ଭୀରଙ୍କ ଖୁସି ମଇଦାନକୁ ଅଭିନନ୍ଦନ ପରେ



## ୭ ବର୍ଷ ହେଲା ଶୃଙ୍ଖଳା ଜିତିନି ଇଂଲଣ୍ଡ

ଲଣ୍ଡନ, ୫।୮ (ଏଜେନ୍ସି) : ଇଂଲଣ୍ଡର ଆଶାକୁ ଧୂଳିସାତ କରିଛି ଭାରତ । ୨୦୧୮ ରୁ ଇଂଲଣ୍ଡ ଶୃଙ୍ଖଳା ଜିତି ପାରୁନି । ଟିମ୍ ଇଣ୍ଡିଆର ଅପରାଜୟ ରେକର୍ଡ ଜାରି ରହିଛି । ଘରୋଇ କିମ୍ବା ବିଦେଶ ମାଟିରେ ସବୁଠି ଭାରତୀୟ ଦଳର ଦଗଦବା ଜାରି ରହିଛି । ନିକଟରେ ଭାରତ - ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଶେଷ ହୋଇଥିଲା । ଏହି ଶୃଙ୍ଖଳା ୨-୨ରେ ବରାବର ରହିଥିଲା । ଏହି ଶୃଙ୍ଖଳାରେ ଘରୋଇ ଇଂଲଣ୍ଡ ଭ୍ରମଣକାରୀ ଭାରତ ବିପକ୍ଷରେ ଦମଦାର ପ୍ରଦର୍ଶନ କରିଥିଲା । କିନ୍ତୁ ଘରୋଇ ଦଳ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଟିମ ଇଣ୍ଡିଆ । ସିରିଜରେ ପଛରେ ଥାଇ ମଧ୍ୟ ଶେଷ ମ୍ୟାଚକୁ ଲଢୁଆ ଢଙ୍ଗରେ ଜିତି ସାରା ବିଶ୍ୱକୁ ଚକିତ କରିଦେଇଛି । ଶେଷ ଟେଷ୍ଟରେ ଶେଷ ଦିନ ଖୁବ୍ ରୋମାଞ୍ଚକର ଥିଲା । ଇଂଲଣ୍ଡକୁ ଜିତିବା ପାଇଁ ୩୫ ରନ୍‌ର ଆବଶ୍ୟକତା ଥିବା ବେଳେ



ଭାରତୀୟ ଦଳ ୪ ୱିକେଟ୍ ପଛରେ ରହିଥିଲା । ଶେଷରେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରୀଷ୍ଣା ଘାତକ ବୋଲିଂ କରି ଇଂଲଣ୍ଡକୁ ମାଟିରେ ମିଶାଇ ଦେଇଥିଲେ । ମାତ୍ର ୬ ରନ ବ୍ୟବଧାନରେ ଟିମ ଇଣ୍ଡିଆ ବିଜୟ ମୁକୁଟ ପିନ୍ଧିଥିଲା । ତେଣୁ ଶୃଙ୍ଖଳା ୨-୨ରେ ବରାବର ରହିଥିଲା । ଏହି ଶୃଙ୍ଖଳା ଡ୍ର ସହିତ ଇଂଲଣ୍ଡର ୭ ବର୍ଷର ସ୍ୱପ୍ନ ଧୂଳିସାତ ହୋଇଛି । ୨୦୧୮ ରୁ ଏଯାଏ ଭାରତ ବିପକ୍ଷରେ ଇଂଲଣ୍ଡ କୌଣସି ଟେଷ୍ଟ ଶୃଙ୍ଖଳା ଜିତିନାହିଁ ।

୨୦୨୧ ଶୃଙ୍ଖଳାରେ ଭାରତ ୩-୧ରେ ବିଜୟୀ ହୋଇଥିଲା, ୨୦୨୧-୨୨ ଶୃଙ୍ଖଳା ଡ୍ର ରହିଥିଲା । ୨୦୨୪ ରେ ଭାରତ ୪-୧ରେ ଶୃଙ୍ଖଳା ଜିତିଥିଲା । ପୁଣି ୨୦୨୫ରେ ଶୃଙ୍ଖଳା ଡ୍ର ରହିଛି । ଗତ ଜୁନ୍ ୨୦ରେ ଭାରତ- ଇଂଲଣ୍ଡ, ଆଣ୍ଡରସନ୍- ଗାଭାସ୍କର ଟ୍ରଫି ଆରମ୍ଭ ହୋଇଥିଲା । ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୬ ୱିକେଟ୍‌ରେ ଜିତିନେଇଥିଲା । ଏହାପରେ ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ ରନ୍‌ରେ ବିଜୟୀ ହୋଇଥିଲା । ୩ୟ ଟେଷ୍ଟରେ ଇଂଲଣ୍ଡ ୨୨ ରନ୍‌ରେ ବିଜୟୀ ହୋଇଥିବା ବେଳେ ଚତୁର୍ଥ ଟେଷ୍ଟ ଡ୍ର ରହିଥିଲା । ଶେଷ ତଥା ପଞ୍ଚମ ଟେଷ୍ଟରେ ଭାରତ ୬ ରନରେ ବିଜୟ ହୋଇଥିଲା । ଶେଷରେ ଶୃଙ୍ଖଳା ୨-୨ରେ ବରାବର ରହିଛି ।

## ସିନ୍‌ସିନାଟି ଓପନରୁ ଓହରିଲେ ଜୋକୋଭିକ୍

ନୂଆଦିଲ୍ଲୀ, ୫।୮ (ଏଜେନ୍ସି) : ସର୍ବିଆର ପେସାଦାର ପୁରୁଷ ଟେନିଂ ଖେଳାଳି ନୋଭାକ୍ ଜୋକୋଭିକ୍ ଆଗାମୀ ସିନସିନାଟିକ୍ ଓପନ୍‌ରେ ଅଂଶଗ୍ରହଣ କରିବେ ନାହିଁ । ବିଶ୍ୱର ୬ ନଂ ତଥା ୨୪ ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଜୋକୋଭିକ୍ ବ୍ୟକ୍ତିଗତ କାରଣ ଦର୍ଶାଇ ସିନସିନାଟି ଓପନରୁ ଓହରି ଯାଇଛନ୍ତି । ସେ ଦ୍ୱିତୀୟ ଥର ପାଇଁ ଏଟିପି ମାଷ୍ଟର ୧୦୦୦ ଟୁର୍ଣ୍ଣାମେଣ୍ଟରୁ ଓହରିଛନ୍ତି । ନିକଟରେ ମାଂସପେଶୀ ସଙ୍କୋଚନ ଜନିତ ଆହତ ସମସ୍ୟା ପାଇଁ କାନାଡା ମାଷ୍ଟର୍ସ ପ୍ରତିଯୋଗିତାରୁ ଓହରିଯାଇଥିଲେ । ୩୮ ବର୍ଷୀୟ ଜୋକୋଭିକ୍‌ଙ୍କ ସିନସିନାଟିକ୍ ଓପନ୍ ପ୍ରଦର୍ଶନ ଜମାଣିଆ ରହିଛି । ସେ ଏହି ପ୍ରତିଯୋଗିତାରେ ୪୫ ମ୍ୟାଚ ଜିତିଥିବା ବେଳେ ୧୨ ମ୍ୟାଚ ହାରିଛନ୍ତି । ୨୦୨୩ ଫାଇନାଲରେ କାର୍ଲୋସ ଆଲକାରେଜଙ୍କୁ ପରାଜିତ କରିବା ତାଙ୍କର ସବୁଠୁ ସ୍ମରଣୀୟ ବିଜୟ ଥିଲା । ୨୦୨୫ ସିଜନ୍ ଜୋକୋଭିକ୍‌ଙ୍କ ଭଲ ଯାଇଛି । ଏହି ସିଜନରେ ସେ ୨୬ ଟି ମ୍ୟାଚ ଜିତିଥିବା ବେଳେ ୯ ଟି ହାରିଛନ୍ତି । ଗତ ୱିମ୍ବଲଡନ୍ ଓ ରୋନାଲ ଗାରୋସ ପ୍ରତିଯୋଗିତାରେ ସେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ । ଉଭୟ ଥର ସେ ଜାନିକ୍ ସିନରଙ୍କ ନିକଟରୁ ପରାଜିତ ହୋଇଥିଲେ । ଆଗାମୀ ଅଗଷ୍ଟ ୨୪ ରୁ ୟୁଏସ୍ ଓପନ୍ ଆରମ୍ଭ ହେବାକୁ ଯାଉଛି । ସମ୍ଭବତଃ ନୋଭାଲ୍ ଜୋକୋଭିକ୍ ଏହି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ନଜର ଆସିବେ । ତାଙ୍କର ଲକ୍ଷ୍ୟ ରହିଛି ୨୫ ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କରିବା । ଏହା କରିପାରିଲେ ଜୋକୋଭିକ୍ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବର୍ଗରେ ସର୍ବକାଳୀନ ରେକର୍ଡ କରିବେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି